POSTAL REGISTRATION No.-PURI/45/2025-27 | Visit our website: sssoochanaenewspaper.in | RNI REGISTRATION NO.- ODIBIL/2021/81452

# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA

/shreeshrikshetrasoochana /ssoochana +91 94370 58632

VOLL : 4 ଚତୁର୍ଥ ବର୍ଷ | ISSUE : X ଦଶମ ସଂଖ୍ୟା | OCTOBER : 2025 ଅକ୍ଟୋବର ୨୦୨୫ | PURI ପୁରୀ | PAGE : 8 ପୃଷ୍ଠା : ୮ | RS.10 ମୂଲ୍ୟ:ଟ୧୦.୦୦

## ସଂପାଦକୀୟ

## ବିହାରରେ ବିଜୟ ଓ ହିନ୍ଦୁ ଧାର୍ମୀୟ ଭୂମିକା



"ହିନ୍ଦୁ ଧାର୍ମୀୟ ଭାବପ୍ରବଣ" ତଥାକଥିତ ଭୂମିକା ଓ ତାହାର ସଠିକ ବିଶ୍ଳେଷଣ ବିହାରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ୨୦୨୫ ନିର୍ବାଚନ ବିଜୟ ଏକ ଅତିବଡ଼ ପୋଲିଟିକା ମେଣ୍ଟ ଭାବେ ପରିଗଣନା ହେଉଛି। ଏହି ବିଜୟ କେବଳ ପ୍ରଶାସନିକ କାର୍ଯ୍ୟଦକ୍ଷତା ବା ସୁସାସନର ପ୍ରତି ଭୋଟରଙ୍କ ବିଶ୍ୱାସର ଫଳ ନୁହେଁ — ଏହାରେ ହିନ୍ଦୁ ଧାର୍ମୀୟ ସେଣ୍ଟିମେଣ୍ଟର ଅଂଶ ଅନେକ ଖବର ଓ ବିଶ୍ଳେଷଣ ରିପୋର୍ଟରେ ଉଭୟ ଦିଗରୁ ଉଠାଯାଇଛି। ନିମ୍ନରେ, ଏହାର ତର୍କ ଓ ଚିନ୍ତନୀୟ ପରିଣାମ ଉଭୟକୁ ଅନୁଧ୍ୟାନ କରାଯାଇଛି: ବିଜୟର ପଛର ତାର୍କିକ ମୂଳ-ନିତିଶ- ମୋଦି କମ୍ବୋ ଓ ସୁସାସନର ପ୍ରଚାର-ଏକ ପ୍ରମୁଖ କାରଣ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ବିଜୟରେ ନିତିଶ କୁମାର (JD(U)) ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସମନ୍ୱୟ ଥିଲା। ଲୋକ ଏହାକୁ ସ୍ଥାୟୀତ୍ୱ, ପରିଚାଳନାର ଦୃଢତା, ଓ ଆର୍ଥିକ ଓ ସାମାଜିକ କାର୍ଯ୍ୟକ୍ରମର ସଠିକ ପ୍ରସାରଣ ଭାବେ ଦେଖିଛନ୍ତି। ମହିଳା ଭୋଟରଙ୍କର ମହତ୍ୱପୂର୍ଣ୍ଣ ଭୂମିକା-ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ମହିଳାଙ୍କୁ ଲକ୍ଷ୍ୟକରି ନିଜ ସରକାରୀ ଯୋଜନାଗୁଡିକୁ ଗଢିଛି — ଉଦାହରଣ ସ୍ୱରୂପ, ମହିଳା ସାମାଜିକ ଗୋଷ୍ଠୀ ଜୀବିକା ଯୋଜନା, ପେନ୍ସନ ଓ ଅନ୍ୟାନ୍ୟ ପ୍ରତ୍ୟାବର୍ତନ। ଏହାର ଫଳରେ ମହିଳାର ଭୋଟ ଟର୍ନଆଉଟ ବଢ଼ିଛି, ଯେଉଁଥିରେ ଏନ ଡ଼ି ଏ ପାଇଁ ଲାଭଦାୟକ ଭୋଟ ଅନେକ ପ୍ରଦାନ କରାଯାଇଛି। ଛଥ ପୂଜାର ସାଂସ୍କୃତିକ ଓ ଧାର୍ମୀୟ ପ୍ରସଙ୍ଗ-ଏକ ମୁଖ୍ୟ ମୁଦ୍ଧା ଥିଲା "ଛଥ ପୂଜା" ଜାତୀୟ ଗଣତାନ୍ତ୍ରିକ ମେଣ୍ଟର, ବିଶେଷକରି ବିଜେପି ଏହାକୁ ପ୍ରଚାରରେ ଜାତୀୟ ଆଇଡେଣ୍ଟିଟିର ଅଂଶ ଭାବରେ ପ୍ରାରୋହଣ କରିଛି। ମୋଦି ଓ ବିଜେପି ଛଥ ପୂଜାକୁ ଏକ ଭାରତୀୟ ସାଂସ୍କୃତିକ ଚିହ୍ନ ଭାବରେ ଉଠାଇଛନ୍ତି, ଯାହା ନାଗରିକଙ୍କୁ ଧାର୍ମୀୟ ଗରୂର ଓ ଐତିହ୍ୟର ସଂବେଦନା ପ୍ରଦାନ କରିଛି। ଧର୍ମୀୟ ପୋଲାରାଇଜେଶନ (ପ୍ରଶାରଣ)କ ଆଶଙ୍କା-କିଛି ଶ୍ରୋତାମାନେ ଦାବି କରୁଛନ୍ତି ଯେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ଅନେକ ଅଞ୍ଚଳରେ ଧାର୍ମୀୟ ପୋଲାରାଇଜେଶନ (ପାର୍ଥକ୍ୟ ସୃଷ୍ଟି) ତକ୍ତିକର ମାଧ୍ୟମ ଭାବେ ଉପଯୋଗ କରିଛି — ଧର୍ମୀୟ ଭୟ, ଧାର୍ମୀୟ ଆଇଡେଣ୍ଟିଟି ଓ ପରିଚୟକୁ ନେଇ ଭୋଟରଙ୍କ ମନୋଭାବରେ କାର୍ଯ୍ୟ କରିବାର। ଏହା ବିରୋଧୀ ଧାରଣା ଓ ନୀତିଗତ ଚିନ୍ତନକୁ ଉଠାଇଛି। ପ୍ରାଚୀନ ଏବଂ ପ୍ରଚାରିକ ତତ୍ତ୍ୱର ସମନ୍ୱୟ-ଜାତୀୟ ଗଣତାନ୍ତ୍ରିକ ମେଣ୍ଟର କେବଳ ଧାର୍ମୀୟ ଭାଙ୍ଗୁର ମୁଦ୍ଧାରେ ନୁହେଁ, ସେମାନେ ସାଧାରଣ ସାମାଜିକ-ଆର୍ଥିକ ଅଞ୍ଚଳରୁ ଆସୁଥିବା ଭୋଟରମାନଙ୍କୁ ନିଜ ପକ୍ଷରେ ଆଣିବାକୁ ଚେଷ୍ଟା କରିଛନ୍ତି। ଯଥା, ସେମାନେ ଅତ୍ୟନ୍ତ ପଛୁଆ ବର୍ଗ ଅନ୍ୟାନ୍ୟ ଓବିସି ଓ ଡାଲିଟ ସମୁଦାୟମାନେ ମଧ୍ୟ ଉପକୃତ କରିଛନ୍ତି। "ହିନ୍ଦୁ ଧାର୍ମୀୟ ସେଣ୍ଟିମେଣ୍ଟ" ଦାବିର ଚିନ୍ତନୀୟତା ଓ ସଠିକତା ଯଦିଓ "ହିନ୍ଦୁ ଧାର୍ମୀୟ ସେଣ୍ଟିମେଣ୍ଟ"କୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ବିଜୟରେ ଏକ ମୁଖ୍ୟ ତଥ୍ୟ ଭାବରେ ପ୍ରସ୍ତୁତ କରାଯାଇଛି, କିଛି ମୁଦ୍ଧା ଅଛି ାହା ଏହାକୁ ସର୍ବୃତ୍ତି ଭାବରେ ପ୍ରମାଣିତ କରିବାକୁ ଚ୍ୟାଲେଞ୍ଜ କରେ:କିଛି ପ୍ରତିବେଦନ ଦାବି କରନ୍ତି ଯେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ବିଜୟର ପାଛରେ ଅଧିକ ଗୁରୁତ୍ୱ ବାର୍ଣ୍ଣୀତ "ସଂଘୀୟତା" ନୁହେଁ, ବରଂ ସମର୍ଥନୀୟ କୋଆଲିସନ୍ ପରିଚାଳନା, ପ୍ରଶାସନ ଦକ୍ଷତା ଓ ସୁସାସନର ଆକର୍ଷଣ ଅଧିକ ଭୂମିକା ନେଇଥିଲା। ଏକ ଅଭିଯୋଗ ଅଛି ଯେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ର ବିଜୟ କିଛି ଅଞ୍ଚଳରେ ଧାର୍ମୀୟ ପୋଲାରାଇଜେଶନ ବନ୍ଦିବା ଉଦ୍ଦେଶ୍ୟରେ ଥିଲା, ଯାହା ଭାଗ୍ୟବଶତ୍ ସାଧାରଣ ଭୋଟରଙ୍କ ମତଭିନ୍ନ ସ୍ତରରୁ ନିଆଯାଇଛି- ଗୁରୁତ୍ୱ ଦେଖାଯିବା ଦରକାର କେତେ ଭାଗରେ ଧାର୍ମ ଖାକାରେ ଭୋଟର ଚୟନ ଘଟିଛି, ଏବଂ କେତେ ଭାଗରେ ସାମାଜିକ-ଆର୍ଥିକ ତଥ୍ୟ ଓ କାର୍ଯ୍ୟସୂଚୀ ଭୋଟରଙ୍କୁ ପ୍ରଭାବିତ କରିଛି। ଚିନ୍ତାବିନ୍ଦୁ ଓ ନୀତିଗତ ପରିଣାମ-ଧାର୍ମୀୟ ପୋଲାରାଇଜେଶନର ଡ୍ୟାଙ୍ଗର ଯଦି ଏକ ପୋଲିଟିକାଲ ଅଲଲାୟନ୍ସ ଧାର୍ମୀୟ ଭୟ ଓ ଭଲ ଗୁଣକୁ ଚାଳକ ବନାଇ ଭୋଟ ସଂଗ୍ରହଣ ପୃଷ୍ଠା ➡ ୬

[signature]
ରାଜେଶ କୁମାର ମହାନ୍ତି

# ବିହାରରେ ଚକ୍‌ମା ଦେଲେ ମୋଦୀ, ନୀତୀଶ



**ବିହାର:** ବିହାର ରାଜନୈତିକ ଦୃଶ୍ୟପଟରେ ୨୦୨୫ ବିଧାନସଭା ନିର୍ବାଚନ ନୂଆ ଇତିହାସ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏର ସୁନାମି ମହାମେଣ୍ଟର ପ୍ରତ୍ୟାବର୍ତ୍ତନ ଯୋଜନାକୁ ଧୂଳିସାତ କରିଦେଇଛି। ୨୪୩ ଆସନ ବିଶିଷ୍ଟ ବିଧାନସଭାରେ ୨୦୦ରୁ ଅଧିକ ଆସନ ଜିତି ଏନ୍‌ଡିଏ ଐତିହାସିକ ବିଜୟ ହାସଲ କରିଛି। ଏହି ନିର୍ବାଚନରେ ବିରୋଧୀ ମହାମେଣ୍ଟ ମାତ୍ର ୩୫ଟି ଆସନରେ ସୀମିତ ରହିଯାଇଛି। କଂଗ୍ରେସର ଦୁର୍ବଳ ପ୍ରଦର୍ଶନ ଆର୍‌ଜେଡି ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିବା ବେଳେ ମହାମେଣ୍ଟର ଅନ୍ୟତମ ପ୍ରମୁଖ ସହଯୋଗୀ ଭିଆଇପି ଦଳ ଖାତା ଖୋଲି ପାରିନାହିଁ। ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି ମଧ୍ୟ ଗୋଟିଏ ଆସନ ହାସଲ କରିବାକୁ ସକ୍ଷମ ହୋଇ ପାରିନାହିଁ। ଅନ୍ୟପକ୍ଷରେ ଅସଉଦ୍ଦିନ ଅୱେସୀଙ୍କ ଏଆଇଏମ୍‌ଆଇଏମ୍ ଦଳ ୫ ଆସନ ହାସଲ କରି ମହାମେଣ୍ଟକୁ ଝଟକା ଦେଇଛି। ଆଜିର ନିର୍ବାଚନ ଫଳ ବିହାର ରାଜନୀତିରେ ଏନ୍‌ଡିଏର ଆଧିପତ୍ୟକୁ ସୁଦୃଢ଼ କରିଥିବା ବେଳେ ଇଣ୍ଡି ମେଣ୍ଟର ଭବିଷ୍ୟତ ଉପରେ ପ୍ରଶ୍ନଚିହ୍ନ ଲଗାଇ ଦେଇଛି।

ନିର୍ବାଚନ କମିସନଙ୍କ ତଥ୍ୟ ଅନୁସାରେ, ଏନ୍‌ଡିଏର ଭୋଟ୍ ୪୭ ପ୍ରତିଶତ ରହିଥିବା ବେଳେ ମେଣ୍ଟକୁ ୨୦୨ ଆସନ ମିଳିଛି। ବିଜେପି ୮୯ଟି ଆସନରେ ବିଜୟୀ ହୋଇ ଏକକ ବୃହତ୍ତମ ଦଳ ଭାବେ ଉଭା ହୋଇଛି ଏବଂ ନୀତୀଶ କୁମାରଙ୍କ ଜେଡିୟୁ ୮୫ଟି ଆସନ ହାସଲ କରି ଦ୍ୱିତୀୟ ବୃହତ୍ତମ ଦଳ ହୋଇଛି। ଏନ୍‌ଡିଏର ଅନ୍ୟ ସଦସ୍ୟମାନେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ୧୯ ଆସନରେ ବିଜୟୀ ହେବା ଦଳ ପାଇଁ ବଡ଼ ସଫଳତା ହୋଇଥିବା ବେଳେ ଦଳର ସୁପ୍ରିମୋ ଚିରାଗ ପାସୱାନ ଏନ୍‌ଡିଏରେ ନିଜ ସ୍ଥିତି ସୁଦୃଢ଼ କରିବାକୁ ସକ୍ଷମ ହୋଇଛନ୍ତି। ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍) ୫ଟି ଏବଂ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆର୍‌ଏଲ୍‌ଏମ୍) ୪ଟି ଆସନ ହାସଲ କରିଛି। ମହିଳା ମତଦାତାଙ୍କ ବ୍ୟାପକ ଅଂଶଗ୍ରହଣ ଓ ମୋଦୀ-ନୀତୀଶଙ୍କ ଆକର୍ଷଣୀୟ ପ୍ରଚାର ଦ୍ୱାରା ଏନ୍‌ଡିଏକୁ ଏଭଳି ସଫଳତା ମିଳିଛି ବୋଲି ଉଭୟ ବିଜେପି ଓ ଜେଡିୟୁ ନେତାମାନେ କହିଛନ୍ତି।

ଅନ୍ୟପକ୍ଷରେ ଆର୍‌ଜେଡି ଓ କଂଗ୍ରେସ ନେତୃତ୍ୱାଧୀନ ମହାମେଣ୍ଟ ଏନ୍‌ଡିଏର ରଣନୀତିରେ ଧରାଶାୟୀ ହୋଇଛି। ମହାମେଣ୍ଟ ମାତ୍ର ୩୫ଟି ଆସନରେ ସୀମିତ ରହିଥିବା ବେଳେ ଆରଜେଡି ଏଥର ମାତ୍ର ୨୫ଟି ଆସନରେ ବିଜୟୀ ହୋଇଛି। ମାତ୍ର ୬ଟି ଆସନରେ ସୀମିତ ରହିଥିବା କଂଗ୍ରେସ, ମହାମେଣ୍ଟ ପାଇଁ ବିପର୍ଯ୍ୟୟ ଆଣିଛି। ପୃଷ୍ଠା ➡ ୬

# ବିସ୍ଫୋରଣରେ ଥରିଲା ଦିଲ୍ଲୀ



**ଦିଲ୍ଲୀ:** ପ୍ରଚଣ୍ଡ ବିସ୍ଫୋରଣରେ ଆଜି ଦିଲ୍ଲୀ ଥରିଉଠିଛି। ଐତିହାସିକ ଲାଲକିଲ୍ଲା ନିକଟରେ ଏକ କାର୍‌ରେ ଅତ୍ୟନ୍ତ ଶକ୍ତିଶାଳୀ ବିସ୍ଫୋରଣରେ ଅତିକମ୍‌ରେ ୧୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୮ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହି ବିସ୍ଫୋରଣ ସନ୍ଧ୍ୟା ପ୍ରାୟ ୬:୫୨ ସମୟରେ ଲାଲକିଲ୍ଲା ମେଟ୍ରୋ ଷ୍ଟେସନର ଗେଟ୍ ନମ୍ବର ୧ ନିକଟରେ ଘଟିଥିଲା। ଏହା ଚାନ୍ଦନୀଚୌକ ଅଞ୍ଚଳରେ ଭୀଷଣ ଆତଙ୍କ ସୃଷ୍ଟି କରିଥିବା ବେଳେ ନିଆଁ ଓ ପ୍ରବଳ ଧୂଆଁ ଭିତରେ ପର୍ଯ୍ୟଟକ, ଯାତ୍ରୀ ଓ ସ୍ଥାନୀୟ ଲୋକେ ପ୍ରାଣ ବିକଳରେ ଦୌଡୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ପ୍ରତ୍ୟକ୍ଷଦର୍ଶୀମାନେ ଏହାକୁ ଅତ୍ୟନ୍ତ ଆତଙ୍କଜନକ ଦୃଶ୍ୟ ବୋଲି ବର୍ଣ୍ଣନା କରିଛନ୍ତି। ବିସ୍ଫୋଣରେ ଅନେକ ଯାନବାହନ ଓ ସ୍ଥାନୀୟ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିସ୍ଫୋରଣରେ ୩-୪ଟି ଗାଡ଼ି ଜଳିଯାଇଛି ଏବଂ ସମଗ୍ର ଅଞ୍ଚଳକୁ ପୁଲିସ ଓ ଅର୍ଦ୍ଧସାମରିକ ବାହିନୀ ଘେରାବନ୍ଦୀରେ ରଖି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଏହି ବିସ୍ଫୋରଣର ତଦନ୍ତ ଭାର ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ)କୁ ଦିଆଯାଇଛି।

ଅଗ୍ନିଶମ ସେବା ବାହିନୀ ସନ୍ଧ୍ୟା ୬ଟା ୫୫ରେ ଜରୁରୀ କଲ୍ ପାଇ ସାତୋଟି ଦମକଳ ଓ ୧୫ଟି ଆମ୍ବୁଲାନ୍ସ ଘଟଣାସ୍ଥଳକୁ ପଠାଇଥିଲା। ଅଗ୍ନିନିର୍ବାପକମାନେ ଦୁଇ ଘଣ୍ଟାରୁ ଅଧିକ ସମୟ

**୧୩ ମୃତ, ୨୮ ଆହତ**

ନିଆଁକୁ ଆୟତ୍ତ କରିବାକୁ ସଂଘର୍ଷ କରିଥିଲେ। ରାତି ୮:୩୦ ସୁଦ୍ଧା ନିଆଁ ନିୟନ୍ତ୍ରଣକୁ ଆସିଥିବା ବେଳେ ପୁଣି ବିସ୍ଫୋରଣ ଆଶଙ୍କାରେ ବ୍ୟାପକ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି। ଆହତମାନଙ୍କ ମଧ୍ୟରେ ଅନେକ ମେଟ୍ରୋ ଯାତ୍ରୀ ଓ ସ୍ଥାନୀୟ ବ୍ୟବସାୟୀ ଅଛନ୍ତି। ପୃଷ୍ଠା ➡ ୬

## ୩୨୦୦ କେଜି ବୋମା ତିଆରି ରାସାୟନିକ ଜବତ

**ନୂଆଦିଲ୍ଲୀ:** ଜମ୍ମୁ-କାଶ୍ମୀର ଓ ହରିୟାଣା ପୁଲିସର ଏକ ମିଳିତ ଟିମ୍ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ସହ ଜଡ଼ିତ ଏକ ଆନ୍ତଃରାଜ୍ୟ ଆତଙ୍କବାଦୀ ମଡ୍ୟୁଲ୍‌ର ପର୍ଦ୍ଦାଫାସ କରିବା ସହ ହରିୟାଣାର ଫରିଦାବାଦସ୍ଥିତ ଏକ ମେଡିକାଲ୍ କଲେଜ ସହ ଜଡ଼ିତ ଡାକ୍ତରଙ୍କଠାରୁ ୩୨୦୦ କିଲୋଗ୍ରାମ୍‌ରୁ ଅଧିକ ସନ୍ଦିଗ୍ଧ ଆମୋନିୟମ୍ ନାଇଟ୍ରେଟ୍, ବିସ୍ଫୋରକ ତିଆରିରେ ବ୍ୟବହୃତ ରାସାୟନିକ ପଦାର୍ଥ, ଏକ ଆସଲ୍ଟ ରାଇଫଲ୍ ଏବଂ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ଅଧିକାରୀଙ୍କ କହିବା ଅନୁସାରେ, ୩୬୦ କିଲୋଗ୍ରାମ୍ ଆମୋନିୟମ୍ ନାଇଟ୍ରେଟ୍ ଜବତ ହେବା ପରେ ଅତିରିକ୍ତ ୨,୯୦୦ କିଲୋଗ୍ରାମ୍ ବିସ୍ଫୋରକ ତିଆରି ରାସାୟନିକ ଜବତ କରାଯାଇଛି।

ଉଦ୍ଧାର ହୋଇଥିବା ସାମଗ୍ରୀରୁ ଶହ ଶହ ଶକ୍ତିଶାଳୀ ବୋମା ତିଆରି କରି ଦିଲ୍ଲୀକୁ ଆତଙ୍କିତ କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା। ରବିବାର ଅଲ୍ ଫଲାହ ହସ୍ପିଟାଲ୍ ନିକଟରେ ଭଡ଼ାରେ ନିଆଯାଇଥିବା ଏକ ଘରୁ ପୃଷ୍ଠା ➡ ୬

## ନିଜ ଗାଁ ଦିଅଁଙ୍କୁ ଭଲରେ ଦର୍ଶନ ପାଇଁ ବଡ଼ଦେଉଳ ପ୍ରବେଶ କଟକଣା

# କାନ୍ଦୁଛନ୍ତି ବୃଦ୍ଧା ମା, ବାପା,ଭକ୍ତ ଓ ପୁରୀବାସୀ

**ପୁରୀ:** ଯେଉଁ ଠାକୁର ଓ ଶ୍ରୀମନ୍ଦିରକୁ ସୁରକ୍ଷା କରିବା ପାଇଁ ପୁରୀ ମଣିଷମାନେ ଲଢି ଜୀବନ ଦେଇଥିଲେ, ରକ୍ତାକ୍ତ ହୋଇଥିଲେ, ସେହି ସାହି ବାସିନ୍ଦାମାନେ ଆଜି ଅଲୋଡ଼ା ଓ ଅଜଣା। କାହିଁ କେଉଁ ପୁରାତନ କାଳରୁ ପୁରୀ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଓ ନୀତି ସହିତ ଜଡ଼ିତ ଶ୍ରୀକ୍ଷେତ୍ରର ବାସିନ୍ଦା। ସକାଳ ମଙ୍ଗଳ ଆଳତି ଠାରୁ ରାତ୍ର ପହୁଡ଼ ପର୍ଯ୍ୟନ୍ତ ଯାହାର ଯେଉଁ ସମୟରେ ସମୟ ମିଳେ ସେ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିଆସେ। ମନ୍ଦିରର ସୁରକ୍ଷା ହେଉ କି ଦର୍ଶନ ପାଇଁ ବାହାରୁ ଆସୁଥିବା ଦର୍ଶନାର୍ଥିଙ୍କୁ ଅତିଥି ଦେବୋଭବ ନୀତିରେ ସାହାଯ୍ୟ ଓ ସହୋଯୋଗ ହାତ ବଢ଼ାଇ ଆସିଛନ୍ତି ପୁରୀ ସହର ବାସି । ଜନ୍ମଦିନ, ବିବାହ, ବ୍ରତ, ଗୃହ ପ୍ରତିଷ୍ଠା, ଅନ୍ତେଷ୍ଟିକ୍ରିୟା ଆଦି କାର୍ଯ୍ୟରେ ଶ୍ରୀ ମହାପ୍ରସାଦ ସେବନ ବ୍ୟବସ୍ଥା ପୁରୀରେ ପ୍ରଚଳିତ। ପ୍ରତିବର୍ଷ ରଥଯାତ୍ରାରେ ପ୍ରଶାସନକୁ ସହରବାସୀଙ୍କ ସହୋଯୋଗ, ଶ୍ରୀମନ୍ଦିରର ପରିକ୍ରମା ମାର୍ଗ ନିର୍ମାଣ ପାଇଁ ନିଜର ସମ୍ପତିକୁ ଦେବା, କରୋନା ସମୟରେ ଘରେ ରହି ରଥଯାତ୍ରା ନ ଦେଖିବାର ତ୍ୟାଗ ପ୍ରଶାସନ ଭୁଲି ଯାଇଛି। ଶ୍ରୀକ୍ଷେତ୍ର ବାସି ନିଜର ଆରାଧ୍ୟଙ୍କୁ ଦର୍ଶନ କରିବା ପାଇଁ ବର୍ତ୍ତମାନ ପ୍ରଶାସନର ନୀତି ନିୟମ ପ୍ରତିବନ୍ଧକ ସାଜିଛି ଯାହାକି ପୁରୀ ସହର ବାସିଙ୍କ ମନରେ କଷ୍ଟ ଓ ଯନ୍ତ୍ରଣା ଦାୟକ ହୋଇଛି। ପ୍ରତ୍ୟକ ସକାଳେ ଓ ସନ୍ଧ୍ୟାରେ ମହାପ୍ରଭୁଙ୍କୁ ପୁରୀ ବାସୀ ନ ଦେଖିଲେ ପାଗଳ ହେଇ ଯାନ୍ତି ଆଜି ପୁରୀର ବୃଦ୍ଧା ମା, ବୃଦ୍ଧା ବାପା, ଭକ୍ତ ଘରେ ଗୁମୁରି କାନ୍ଦୁଛି। ଶ୍ରୀଜଗନ୍ନାଥ ଭକ୍ତଙ୍କ ଅସମ୍ଭବ ବୃଦ୍ଧି ଓ ସେମାନଙ୍କ ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଆପଣେଇଥିବା ବ୍ୟବସ୍ଥାବଳୀ, ଦର୍ଶନ ବ୍ୟବସ୍ଥାକୁ ବିଶୃଙ୍ଖଳିତ କରିପକାଇଛି। ଏଥିରେ ପୁରୀ ସହରବାସୀଙ୍କ ସୁଲଭ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ବାଧା ଉପୁଜିଛି। ପୁରୀ ସହରର ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୃତ୍ରିମ ଦୂରତ୍ୱ ସୃଷ୍ଟି କରାଯାଇଛି। ଯାହା ପୁରୀ ଭକ୍ତଙ୍କୁ ଆଘାତ ଦେଇଛି। ଗତ ଏକାଦଶୀ ତିଥିରେ ଭକ୍ତମାନେ ଅବଢ଼ା ମୁଠାଏ ପାଇପାରି ନାହାନ୍ତି। ବିଭିନ୍ନ ପ୍ଲାଟଫର୍ମରେ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କେହି ଏଦିଗ ପ୍ରତି ଭ୍ରୂକ୍ଷେପ କରିନାହାନ୍ତି। ଏଣୁ ସହରର ଶହଶହ ଭକ୍ତ ଓ ବୁଦ୍ଧିଜୀବୀ ଏକାଠି ହୋଇଛନ୍ତି। ଆଜି ନାୟକପଲ୍ଲୀ ସମ୍ମିଳନୀ କକ୍ଷରେ ଏ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ବାହାରୁ ଆସୁଥିବା ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରିବେ ଏବଂ ପୁରୀବାସୀ ବା ନିୟମିତ ଶ୍ରୀମନ୍ଦିର ଯାଉଥିବା ଭକ୍ତମାନଙ୍କୁ ମଧ୍ୟ ସମସ୍ୟା ହେବ ନାହିଁ, ସେ ଦିଗରେ ମାନସମନ୍ଥନ କରିଛନ୍ତି। ଆଲୋଚନାର ନିଷ୍କର୍ଷକୁ ନେଇ ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ଏନେଇ ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ସମ୍ପାଦକ ରାଜେଶ କୁମାର ମହାନ୍ତି କହିଛନ୍ତି, ପୁରୀ ସହରବାସୀ କେଉଁ ଆବାହମାନ କାଳରୁ ଶ୍ରୀଜଗନ୍ନାଥଙ୍କୁ ନିଜ ଘରର ଦେବତା ଭାବେ ଗ୍ରହଣ କରନ୍ତି। ବର୍ଷବର୍ଷ ଧରି ସେମାନେ ବିନା ଦ୍ୱିଧା, ବିନା ବାଧାରେ ମହାପ୍ରଭୁଙ୍କ ଦର୍ଶନ କରିଆସୁଛନ୍ତି। କିନ୍ତୁ ବର୍ତ୍ତମାନ ଭୟଙ୍କର

- ଏକାଠି ହେଲେ ପୁରୀ ସହରର ବୁଦ୍ଧିଜୀବୀ, ତେଜିଲା ଦାବି
- ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରରେ ହେଉ ସ୍ୱତନ୍ତ୍ର ପ୍ରବେଶ ବ୍ୟବସ୍ଥା
- ବସୁଛି ଷ୍ଟିୟରିଂ କମିଟି, ଆଗକୁ କାର୍ଯ୍ୟପନ୍ଥା ସ୍ଥିର କରିବ
- ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତକାର ପାଇଁ ଦିଆଯାଇଛି ପତ୍ର, ସାକ୍ଷାତକାରକୁ ଅପେକ୍ଷା



ପରିସ୍ଥିତି ସୃଷ୍ଟି ହୋଇଛି। ଆମେ ଏକାଦଶୀ ଦିନ ଅବଢ଼ା ମୁଠେ ପାଇପାରିଲୁ ନାହିଁ। ଆବଶ୍ୟକ ସମୟରେ ଆମେ ମହାପ୍ରସାଦ ପାଇଁ ବିନା ବାଧାରେ ଶ୍ରୀମନ୍ଦିରକୁ ଯାଇ ପାରୁଥିଲୁ। ଆମେ ଯେଉଁ ସବୁ ଦାବି ଉପସ୍ଥାପିତ କରିଛୁ, ସେ ଦିଗରେ ସରକାର ବିଚାର କରନ୍ତୁ। ସେହିପରି ହେକ୍ଟର ମିଶ୍ର କହିଛନ୍ତି, ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେ, ଭକ୍ତଙ୍କ ସଂଖ୍ୟା ବଢ଼ିବା କିଛି ନୂଆ କଥା ନୁହେଁ । ସମୟର ଏକ ଆହ୍ୱାନ। ଏହାକୁ ଶୃଙ୍ଖଳାର ସହ ପରିଚାଳିତ କରିବା ସରକାରଙ୍କ ଦାୟିତ୍ୱ। ସ୍ଥାନୀୟ ବାସିନ୍ଦାଙ୍କୁ ଅଗ୍ରାଧିକାର ଦେବା ଦାବି ଅତ୍ୟନ୍ତ ଯୁକ୍ତିଯୁକ୍ତ। ସରକାର ବିଚାର ନ କଲେ ଏହା ପୁରୀ ସହରରେ ଏକ ଅଭାବନୀୟ ସ୍ଥିତି ସୃଷ୍ଟି ହେବ। ଶ୍ରୀଜଗନ୍ନାଥ ଓଡ଼ିଶା ଯୁବ ଚେତନା ସଂଗଠନ ରାଜ୍ୟ ସଭାପତି ବଦ୍ରି ମିଶ୍ର କହିଛନ୍ତି, ଶ୍ରୀଜଗନ୍ନାଥ ପୁରୀ ବାସୀଙ୍କ ନିଜ ଗାଁ ଠାକୁର ତାଙ୍କୁ ଦର୍ଶନ ନକଲେ ଅନେକ ପୁରୀବାସୀ ଅନ୍ନ ସ୍ପର୍ଶ କରନ୍ତି ନାହିଁ। ପୁରୀର ଅନେକଙ୍କ ଘରେ ଗୁରୁବାର, ସୋମବାର, ଏକାଦଶୀ ଓ ସଂକ୍ରାନ୍ତିରେ ଅବଢ଼ା ଖିଆ ହୁଏ। ବିବାହ, ବ୍ରତ ଠାରୁ ଘର ପ୍ରତିଷ୍ଠା ପର୍ଯ୍ୟନ୍ତ, ସେମାନେ ମାଳମାହାର୍ଦ୍ଦ ବଡ଼ଦେଉଳରୁ ନିଅନ୍ତି। କିନ୍ତୁ ବିଗତ ସରକାର ଓ ପ୍ରଶାସନର ବିଚାରହୀନ ନିଷ୍ପତ୍ତିରେ ପୁରା ଛ' ବର୍ଷ ଶ୍ରୀଜଗନ୍ନାଥ ଓ ପୁରୀ ବାସିନ୍ଦାଙ୍କ ଭିତରେ ପାଚେରୀ ଛିଡ଼ା କରାଯାଇଛି। ବିଜେପି ତୁରନ୍ତ ଏହି ବ୍ୟବଧାନ ଦୂର କରନ୍ତୁ ।

ଅନ୍ୟମାନଙ୍କ ମଧ୍ୟରେ ପୁରୀ ପୁସ୍ତକ ମେଳାର ସମ୍ପାଦକ ଚକ୍ରଧର ମହାପାତ୍ର, ଉତ୍କଳ ବିଦ୍ୟୁତ୍ ପରିଷଦ ଅଧ୍ୟକ୍ଷ ମନୋଜ କୁମାର ରଥ, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ନିର୍ମାଲ୍ୟ ଡ. ବିଶ୍ୱନାଥ ମିଶ୍ର, ଶିବ ସୁନ୍ଦର ମିଶ୍ର, ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ଉପସଭାପତି ଭରତ ନାୟକ, ଭବାନୀ ଶଙ୍କର ସାହୁ, ମୁକ୍ତିମଣ୍ଡପ ସଭା ଉପସଭାପତି ଉମା ବଲ୍ଲଭ ମହାପାତ୍ର, ଓକିଲ ସଂଘ ସମ୍ପାଦକ ଶରତ କୁମାର ରାୟଗୁରୁ, ଭାରତ ବିକାଶ ପରିଷଦ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆବାହକ ସୂର୍ଯ୍ୟନାରାୟଣ ରଥ, କୁମାର ଉତ୍ସବ ସମିତି ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର ଭୂଷଣ ହୋତା, ପଣ୍ଡିତ ହରିଶଙ୍କର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭୂତି ଶଙ୍କର ତ୍ରିପାଠୀ ପ୍ରମୁଖ ଅନୁରୂପ ମତାମତ ଦେଇଛନ୍ତି।

# ଜୟଙ୍କ ବଡ଼ ବିଜୟ



**ନୂଆପଡ଼ା:** ନୂଆପଡ଼ାର ନୂଆ ନେତା ଭାବେ ବାଜି ମାରିଛନ୍ତି ଜୟ ଢୋଲକିଆ। ବିଜେଡି ଗଡ଼କୁ ଧ୍ୱସ୍ତ କରି ଉପନିର୍ବାଚନରେ ଜୟଙ୍କ ବଡ଼ ବିଜୟ ହୋଇଛି। ୧୧ ବର୍ଷ ପରେ ନୂଆପଡ଼ାରେ ପୁଣି ଥରେ ପଦ୍ମ ଫୁଟିଛି। ବିଜେପି ପ୍ରାର୍ଥୀ ଜୟ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଘାସିରାମ ମାଝୀଙ୍କୁ ୮୩ ହଜାର ୭୪୮ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

**ବିଜେପି ଖାତାକୁ ଗଲା ଆଉ ଗୋଟିଏ ଆସନ**

ଆଜି ଭୋଟଗଣତି ବେଳେ ପ୍ରଥମ ରାଉଣ୍ଡରୁ ହିଁ ବିଜେପି ପ୍ରାର୍ଥୀ ଆଗୁଆ ରହିଥିଲେ। ଶେଷ ପର୍ଯ୍ୟନ୍ତ ପ୍ରତିଟି ରାଉଣ୍ଡରେ ଭୋଟ ବ୍ୟବଧାନ ବଢ଼ିବଢ଼ି ଚାଲିଥିଲା। ପ୍ରଥମ ରାଉଣ୍ଡରୁ ଦଳୀୟ କର୍ମୀଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଉଲ୍ଲାସ ମଧ୍ୟାହ୍ନ ବେଳକୁ ବିଜୟ ଉତ୍ସବରେ ପରିବର୍ତ୍ତିତ ପୃଷ୍ଠା ➡ ୬

# ସର୍ଦ୍ଦାର ପଟେଲ ଏକତାର ପ୍ରତୀକ

## ନିମାପଡା ରେ ଏକତା ପଦଯାତ୍ରା ଅନୁଷ୍ଠିତ



**ପୁରୀ:** ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ରାଷ୍ଟ୍ର ଭକ୍ତି ଅନନ୍ୟ।ଏକତାର ପ୍ରତୀକ ଥିଲେ ଲୌହ ମାନବ।ଏକ ସୂତ୍ରରେ ରହିଲେ ଦେଶର ବିକାଶ ଓ ଉନ୍ନତି ସମ୍ଭବ ବୋଲି ଅନୁଭବ କରି ସେ ୫୬୦ ରୁ ଉର୍ଦ୍ଧ୍ୱ ରାଜରାଜୁଡା ଶାସନତନ୍ତ୍ର କୁ ଭାରତ ବର୍ଷ ରେ ସାମିଲ କରିଥିଲେ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।ଆଜି ପୂର୍ବାହ୍ନ ରେ ଜଗତସିଂହପୁର ଲୋକସଭା ସାଂସଦ କ୍ଷେତ୍ର ଅନ୍ତର୍ଗତ ନିମାପଡା ର କାଜିପାଟଣା ଠାରେ ସର୍ଦ୍ଧାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।କ୍ରୀଡା ବିଭାଗ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା।ଏହାକୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା, ଜଗତସିଂହପୁର ଲୋକସଭା ସାଂସଦ ବିଭୂ ପ୍ରସାଦ ତରାଇ,ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ ପ୍ରମୁଖ ଉଦଘାଟନ କରିବା ସହ ପଦଯାତ୍ରାରେ ସାମିଲ ହୋଇଥିଲେ।ଏହି ପଦଯାତ୍ରା ଏକମକୋଣା,ଶ୍ରୀମୁଖ, ନାଗବସ୍ତ, ରଟିଲୋ, ତଳ ଅଣ୍ଡିଆ,ଜୟଶ୍ରୀ ଛକ, ଜୟଗୁରୁ ଛକ ହୋଇ ନିମାପଡା ବାରବାଟୀ ପଡିଆ ଠାରେ ପହଞ୍ଚିଥିଲା।ବାରବାଟୀ ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତୀ ପରିଡା ମହାତ୍ମାଗାନ୍ଧୀ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ବଲ୍ଲଭ ଭାଇ କୃଷକ ମାନଙ୍କ ଆନ୍ଦୋଳନ ରେ ପ୍ରମୁଖ ଭୂମିକା ନେଇ ସର୍ଦ୍ଦାର ପଦବାଚ୍ୟ ହୋଇଥିଲେ।ସର୍ଦ୍ଦାର ଙ୍କ ବୀରତ୍ୱ,ଦେଶପ୍ରେମ ଓ ସାହସ କୁ ସମ୍ମାନ ଜଣାଇ ବଲ୍ଲଭ ଭାଇ ଙ୍କୁ ଆଦର୍ଶ ମାନୁ ଥିବା ପ୍ରଧାନମନ୍ତ୍ରୀ ମୋଦି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଥିଲେ ଯେଉଁ ଥିରେ ଦେଶର ପ୍ରତିଟି ଘରୁ ସଂଗୃହିତ ଲୁହା ବ୍ୟବହୃତ ହୋଇଥିଲା।ପ୍ରଧାନମନ୍ତ୍ରୀ ୪ ଟି ବର୍ଗ ଯଥା ଗରିବ, ଯୁବ ବର୍ଗ,କୃଷକ ଓ ନାରୀ ଶକ୍ତିର ବିକାଶ ପାଇଁ ବଦ୍ଧ ପରିକର ବୋଲି କହିବା ସହ ଏମାନଙ୍କୁ ଏକଜୁଟ କରି ୨୦୩୬ କୁ ବିକଶିତ ଓଡିଶା ଓ ୨୦୪୭ କୁ ବିକଶିତ ଏବଂ ଆତ୍ମନିର୍ଭର ଭାରତ ଗଠନ ପାଇଁ ଆଗେଇ ଆସିବାକୁ ଉପ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।ବିଶିଷ୍ଟ ଅତିଥି ଭାବେ ଜଗତସିଂହପୁର ସାଂସଦ ଶ୍ରୀ ତରାଇ ଏକତାର ପ୍ରତୀକ ସର୍ଦ୍ଧାର ପଟେଲଙ୍କ ଗୁଜୁରାଟ ରେ ପ୍ରତିଷ୍ଠିତ ମୂର୍ତ୍ତି ବିଶ୍ୱ ର ସର୍ବୋଚ୍ଚ ଅଟେ ବୋଲି କହିଥିଲେ।ବିପର୍ଯ୍ୟୟ, ବିପଦ ସମୟରେ ଏକଜୁଟ ହେବା ଭଳି ଖୁସି ଆନନ୍ଦ ସମୟରେ, ରାଷ୍ଟ୍ର ଗଠନ ସମୟରେ ଏକାଠି ହେବାର ଆବଶ୍ୟକତା ରହିଛି ।ଲୌହ ମାନବ ଙ୍କ ୭୫ ବର୍ଷ ର ଜୀବନ ଆମକୁ ଆଦର୍ଶ, ଉନ୍ନତ ରାଷ୍ଟ୍ର ନିର୍ମାଣ ର ପ୍ରେରଣା ଦିଏ ବୋଲି ସେ କହିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ନିମାପଡା ଏନ ଏ ସି ଅଧ୍ୟକ୍ଷ ସସ୍ମିତା ସାହୁ, ନିମାପଡା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗ ଦେଇ ସର୍ଦ୍ଧାର ପଟେଲଙ୍କ ଜୀବନୀ, କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିବା ସହ ଏକତା ପଦଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ।ନିମାପଡା ବିଡିଓ ଡଃ ଅଭିଜିତ ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା କରିବା ସହ ସମସ୍ତଙ୍କୁ ଏକତା ଶପଥ ପାଠ କରାଇଥିଲେ।ପୂର୍ବରୁ ଅତିଥି ମାନେ ସର୍ଦ୍ଧାର ପଟେଲଙ୍କ ଫଟୋ ଚିତ୍ର ରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।ଏହି ଅବସରରେ ବନ୍ଦେ ମାତରମ ସଂଗୀତ ପରିବେଷଣ କରାଯାଇଥିଲା।କାର୍ଯ୍ୟକ୍ରମ ରେ ନିମାପଡା ଏନ ଏ ସି ର ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଙ୍କୁ ଓ କଳାକାର ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।ପରେ ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ କୁ ଅତିଥି ମାନେ ୬ ଗୋଟି ଡେସ୍କ ଟପ ଓ ୨ଟି ପ୍ରିଣ୍ଟର ମହାବିଦ୍ୟାଳୟ ର ଅଧ୍ୟକ୍ଷ ଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ।ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବରୁ କାଜିପାଟଣା ଠାରେ ଓ ବାରବାଟି ପଡିଆ ଠାରେ ଏକ ପେଡ ମା କେ ନାମ ଆଧାର ରେ ଅତିଥି ମାନେ ବୃକ୍ଷ ରୋପଣ କରିଥିଲେ।ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

# ଜଳବାୟୁ ପରିବର୍ତ୍ତନ ସହ ମୁକାବିଲା ସମ୍ପର୍କରେ ଆଲୋଚନା ଚକ୍ର




**ପୁରୀ:** ସାମ୍ପ୍ରତିକ ବିଶ୍ୱ ରେ ଜଳବାୟୁ ର ପରିବର୍ତ୍ତନ ଏକ ବଡ ସମସ୍ୟା ଆକାରରେ ଉଭା ହୋଇଛି।ଏ ସମ୍ପର୍କରେ ବିଶ୍ୱ ସ୍ତରରେ ମଧ୍ୟ ଅନେକ ବୈଠକ ଓ ପଦକ୍ଷେପ ନିଆଯାଉଛି।କିନ୍ତୁ ଆମ ସମସ୍ତଙ୍କ ସାମୁହିକ ଦାୟିତ୍ୱ ଏହାର ସମାଧାନ କରିବାରେ ସହାୟତା କରିବ ବୋଲି କହିଛନ୍ତି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ।ଆଜି ପୂର୍ବାହ୍ନରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଏକ ନିରନ୍ତର ବିକାଶ ଓ ସ୍ଥାୟୀ ଭବିଷ୍ୟତ ପାଇଁ ଜଳବାୟୁ ପରିବର୍ତ୍ତନ ସହିତ ମୁକାବିଲା ଶୀର୍ଷକ ଏକ ଆଲୋଚନା ଚକ୍ର ଜିଲ୍ଲା ପ୍ରଶାସନ ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ପୃଷ୍ଟି ପୂର୍ବ ତୁଳନାରେ ବର୍ତ୍ତମାନ ର ବିଶ୍ୱ ଉତପ୍ତ ହେବା ସହ ପ୍ରତ୍ୟେକ ଙ୍କ ବ୍ୟବହାର ରେ ଅନେକ ପରିବର୍ତ୍ତନ ଘଟି ଚାଲିଛି।ଯାହା ବିଶ୍ୱ ପ୍ରତି ବଡ ସମସ୍ୟା ହୋଇଛି।ଏହାର ନିରାକରଣ ପାଇଁ ବ୍ୟାପକ ସଚେତନତା, ସାମୁହିକ ଉଦ୍ୟମ ଓ ଆନ୍ତରିକ ସମନ୍ୱୟ ଜରୁରୀ ବୋଲି କହିବା ସହ ପିଲା ମାନେ ହିଁ ଏହି ପରିବର୍ତ୍ତନ କୁ ଆଗେଇ ନେବେ ବୋଲି ଆହ୍ୱାନ ଦେଇଥିଲେ।ମହାବିଦ୍ୟାଳୟର ଅଧ୍ୟକ୍ଷ ଡା ଚିତ୍ତରଞ୍ଜନ ଦ୍ୱିବେଦି ଜଳବାୟୁ ପରିବର୍ତ୍ତନ କୁ ନିୟନ୍ତ୍ରଣ ପାଇଁ ପିଲା ମାନଙ୍କ ପାଠ୍ୟ ପୁସ୍ତକ ରେ ବର୍ତ୍ତମାନ ପରିବେଶ ସମ୍ପର୍କରେ ବିଷୟ ସ୍ଥାନିତ ହୋଇଛି।ମଣିଷ ମାନଙ୍କ ର ଲୋଭ, ଅହେତୁକ ଆବଶ୍ୟକତା ର ପୂରଣ ପାଇଁ ସମଗ୍ର ଜୀବ ଜଗତ କ୍ଷତି ଗ୍ରସ୍ତ ହେଉଛି।ଏହାକୁ ପ୍ରତିହତ ପାଇଁ ସାମୁହିକ ଚେଷ୍ଟା ପାଇଁ ସେ ପରାମର୍ଶ ଦେଇଥିଲେ।ବିଷୟ ବିଶାରଦ ଭାବେ ସହକାରୀ ପ୍ରଫେସର ଡା ପ୍ରମୋଦ କୁମାର ତ୍ରିପାଠୀ ଓ ଦି ବେଲ ଅନୁଷ୍ଠାନର ପ୍ରତିଷ୍ଠାତା ସିଦ୍ଧାର୍ଥ ରାୟ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ବିସ୍ତୃତ ସୂଚନା ଦେଇ ଜଳବାୟୁ ପରିବର୍ତ୍ତନ ର କାରଣ ଓ ନିରାକରଣ, ବର୍ତ୍ତମାନ ବିଶ୍ୱରେ ଜଳବାୟୁ ର ସ୍ଥିତି,ମଣିଷ ସମାଜ ର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।ପ୍ରାରମ୍ଭରେ ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଲୋଚନା ଚକ୍ର ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।ପ୍ରାଧ୍ୟାପିକା ଡା ସଙ୍ଗୀତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।ଆଲୋଚନା ଚକ୍ର ରେ ଅଂଶଗ୍ରହଣକାରୀ ଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।ଅତିଥି ମାନେ ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ସାମନ୍ତ ଚନ୍ଦ୍ରଶେଖର ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ

# ଶିଶୁ ଦିବସ ଅବସରରେ 'ସଂପର୍କ' ତରଫରୁ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର କର୍ମଶାଳା



**ପୁରୀ:** ଶିଶୁ ଦିବସ ଅବସରରେ ବିଶ୍ୱମ୍ଭର ବିଦ୍ୟାପୀଠ ଠାରେ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ସମ୍ପର୍କରେ ଏକ କର୍ମଶାଳା ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା।ଶିଶୁ ସୁରକ୍ଷା ୟୁନିଟ ଓ ସଂପର୍କ ଅନୁଷ୍ଠାନ ପକ୍ଷରୁ ବିଶ୍ୱମ୍ଭର ବିଦ୍ୟାପୀଠ ରେ ଆୟୋଜିତ ଏହି କର୍ମଶାଳା ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର ଶିଶୁ କୁ ତାହାର ଅଧିକାର ରୁ ବଞ୍ଚିତ ନ କରିବା ଓ ଶିଶୁର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ।ଏହାର ବ୍ୟାପକ ସଚେତନତା ପାଇଁ ସମସ୍ତ ସ୍ତରରେ ଉଦ୍ୟମ ହେଉଛି ବୋଲି ସେ କହିଥିଲେ।ବିଶ୍ୱମ୍ଭର ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିଥି ଛାତ୍ର ସ୍ନେହା ସାହୁ ଓ ଆଲବର୍ଟ ଅଧ୍ୟୟନ ଯୋଗ ଦେଇ ଶିଶୁ ମାନଙ୍କର ସାମ୍ପ୍ରତିକ ସ୍ଥିତି, ସେମାନଙ୍କ ଅଧିକାର ଓ ସୁରକ୍ଷା, ସଚେତନତା ବ୍ୟବସ୍ଥା, ଆଇନ ବ୍ୟବସ୍ଥା ଓ ପୁରୀ ଜିଲ୍ଲା ର ଶିଶୁ ମାନଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ।ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଓ ସମ୍ପର୍କ ଅନୁଷ୍ଠାନର ସମ୍ପାଦକ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।ପ୍ରାରମ୍ଭରେ ବନ୍ଦେ ମାତରମ ସଂଗୀତ ଗାନ, ନିଶା ମୁକ୍ତି ଶପଥ ପାଠ ଓ ବୃକ୍ଷ ସେବା ଅନୁଷ୍ଠିତ ହୋଇଥିଲା।ଶେଷରେ ସମ୍ପର୍କ ର ଅର୍ଥ ସମ୍ପାଦକ ରାକେଶ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସଂପର୍କ ଅନୁଷ୍ଠାନ ତରଫରୁ ଏକକାଳୀନ ବିଶ୍ୱମ୍ଭର ବିଦ୍ୟାପୀଠ,ପ୍ରଶାନ୍ତି ଇଣ୍ଟରନ୍ୟାସ୍ନାଲ,ବିରହରେକୃଷ୍ଣ ପୁର ନୋଡାଲ ଉଚ୍ଚ ବିଦ୍ୟାଳୟ,ତୃତୀୟାଦେୱ୍ୱ ବିଦ୍ୟାନିକେତନ ସୁକୋଲ, ଠାରେ ନିଟ ଫାଉଣ୍ଡେସନ ର ସହଯୋଗ ରେ ଶିଶୁ ସୁରକ୍ଷା ଏବଂ ଅଧିକାର ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ୧୨୪୫ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।

ବାସୁଦେବ ସେନାପତି,ଅଭୟ ଅମିତ ସାହୁ,ଦେବେନ୍ଦ୍ର ରଥ, ଜଗନ୍ନାଥ ଖୁଣ୍ଟିଆ,ରାକେଶ ସେଠି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପାଳିତ



**ପୁରୀ:** ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ (ସୁରଭି), ସମଗ୍ର ଶିକ୍ଷା ପୁରୀ ଜିଲ୍ଲା ଦ୍ୱାରା ପୁଲିସ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବରଣାଢ୍ୟ ଉତ୍ସବ ତା ୦୭.୧୧.୨୦୨୫ ରେ ପାଳନ କରାଯାଇଛି । ଏହି ଉତ୍ସବରେ ୧୦ ଗୋଟି ପ୍ରତିଯୋଗିତାରେ କନିଷ୍ଠ , ବରିଷ୍ଠ ଓ ଉଚ୍ଚ ମାଧ୍ୟମିକ ବର୍ଗର ଏଗାର ଟି ବ୍ଲକର ୪୦୭ ଜଣ ଛାତ୍ର ଛାତ୍ରୀ ଅଂଶ କରିଥିଲେ । ୬୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଙ୍କ ସମେତ ଗାଇଡ ଶିକ୍ଷକ ଏବଂ ଅଭିଭାବକ ଯୋଗ ଦେଇଥିଲେ । ପ୍ରତିଯୋଗିତା ମଧ୍ୟରେ ବିତର୍କ , ପ୍ରବନ୍ଧ , ସଙ୍ଗୀତ , ଚିତ୍ରାଙ୍କନ , ହସ୍ତକଳା ଓ ଚିତ୍ରକଳା , କୁଇଜ , ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ଆୟୋଜନ କରାଯାଇଥିଲା । ବ୍ଲକ ସ୍ତରରେ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ଜିଲ୍ଲା ସ୍ତରରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ରାଜ୍ୟ ସ୍ତରରେ ସୁରଭି କାର୍ଯ୍ୟକ୍ରମ ରେ ଆସନ୍ତା ନଭେମ୍ବର ୧୨ ରୁ ୧୪ ତାରିଖ ରେ ଯୋଗ ଦେବେ ।

ସମଗ୍ର ଶିକ୍ଷା , ପୁରୀ ର ସଂଯୋଜକ ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଦୀପକ କୁମାର ପାଢୀ ଙ୍କ ଅଧ୍ୟକ୍ଷତାରେ ସଭା ପର୍ବର ପ୍ରଥମ ଅଧିବେଶନରେ ସର୍ବ ପ୍ରଥମେ ବନ୍ଦେ ମାତରମ ଗାନ କରାଯାଇଥିଲା । ବିଶ୍ୱମ୍ଭର ବିଦ୍ୟାପୀଠ ର କୁନି କୁନି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ବିଶିଷ୍ଟ ଅତିଥି ଭାବରେ ଶ୍ରୀ ଶରତ ଚନ୍ଦ୍ର ବେହେରା , ଅତିରିକ୍ତ ଜିଲ୍ଲାପାଳ ଯୋଗ ଦେଇ ଦିବସ ର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା , ସୃଜନଶୀଳତା ଉପରେ ଗୁରୁତ୍ୱ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବରେଣ୍ୟ ଅତିଥି ଭାବରେ ଶ୍ରୀ ସନ୍ତୋଷ କୁମାର ପରିଡା , ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ , ପୁରୀ , ଦ୍ୱିତୀକାନ୍ତ ପ୍ରଧାନ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ , ପ୍ରମୋଦ କୁମାର କର , ବ୍ଲକ ଶିକ୍ଷା ଅଧିକାରୀ , ପୁରୀ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରତିଟି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କୃତ କରଯାଇଥିଲା । । ଏହି ଉତ୍ସବରେ ଶିକ୍ଷକ ମହେନ୍ଦ୍ର କୁମାର ଦାସ ଏବଂ କଳ୍ପନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଶେଷରେ କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ବରଦା ପ୍ରସନ୍ନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ବିଜୟ କୁମାର ପଣ୍ଡା ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ୧୨୭ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯିବେ ଉଜୟିନୀ, ଓମକାରେଶ୍ୱର



**ପୁରୀ:** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲ୍ଲାର ୧୨୭ ଜଣ ଯାତ୍ରୀ ଉଜୟିନୀ ଓ ଓମକାରେଶ୍ୱର ଗସ୍ତରେ ଯିବେ।ସେମାନଙ୍କୁ ସହଯୋଗ ପାଇଁ ୪ ଜଣ ସହାୟକ ଅଧିକାରୀ ମଧ୍ୟ ସେମାନଙ୍କ ସହ ଯିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ସୂଚନା ଦେଇଛନ୍ତି।ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ତୀର୍ଥଯାତ୍ରାରେ ଯିବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା।ସମସ୍ତଙ୍କୁ ସ୍ୱାଗତ କରି ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ଅନଲାଇନ ମାଧ୍ୟମରେ କେବଳ ଆବେଦନ ଆହ୍ୱାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୨୭ ଜଣ ଅଯୋଧ୍ୟା ଓ ବାରାଣସୀ ପରିଭ୍ରମଣ କରି ଶୃଙ୍ଖଳିତ ଭାବେ ଫେରି ଆସିଛନ୍ତି ବୋଲି ସେ ସୂଚନା ଦେଇଥିଲେ।ନିୟମ ଅନୁସାରେ ଅନଲାଇନ ମାଧ୍ୟମରେ ମିଳିଥିବା ଆବେଦନ ପତ୍ର କୁ ଯାଞ୍ଚ କରାଯାଇଥାଏ।ଏହି ଆବେଦନକାରୀ ଙ୍କୁ ଇ-ରାଣ୍ଡୋମାଇଜେସନ ବା କମ୍ପ୍ୟୁଟର ଲଟେରୀ ପ୍ରକ୍ରିୟା ଅନୁସାରେ ଚିହ୍ନଟ କରାଯାଇ ଦୁଇଟି ପର୍ଯ୍ୟାୟରେ ତୀର୍ଥଯାତ୍ରା ପାଇଁ ପ୍ରେରଣ କରାଯାଇଥାଏ।ପ୍ରଥମ ପର୍ଯ୍ୟାୟ ତୀର୍ଥଯାତ୍ରୀ ଯାତ୍ରା ସାରି ଫେରି ଆସିଛନ୍ତି। ଏବେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ରାଣ୍ଡୋମାଇଜେସନ ରେ ଯୋଗ୍ୟ ତୀର୍ଥଯାତ୍ରୀ ଙ୍କୁ ଚିହ୍ନଟ କରାଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ସେମାନ ଙ୍କୁ ବିସ୍ତୃତ ସୂଚନା ଦିଆଯିବ।ସେମାନେ ନଭେମ୍ବର ୨୫ ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଭ୍ରମଣରେ ଯିବେ।ତେବେ ଲଟେରୀ ମାଧ୍ୟମରେ ଯୋଗ୍ଯ ବିବେଚିତ ହୋଇଥିବା ତୀର୍ଥଯାତ୍ରୀ ଙ୍କୁ ୨୪ ତାରିଖରେ ପର୍ଯ୍ୟଟନ କାର୍ଯ୍ୟାଳୟ ରେ ପହଞ୍ଚିବାକୁ ଅନୁରୋଧ କରାଯିବ। ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ଭୁବନେଶ୍ୱର ପଠାଯିବ।ଭୁବନେଶ୍ୱର ରୁ ସେମାନେ ୨୫ ତାରିଖ ରୁ ଯାତ୍ରା ଆରମ୍ଭ କରିବେ।ଯଦି ଯୋଗ୍ୟ ବିବେଚିତ ଙ୍କ ମଧ୍ୟରୁ କୌଣସି ସମସ୍ୟା ପାଇଁ ଯାତ୍ରୀ ନ ଯାଇ ପାରନ୍ତି ତେବେ ରାଣ୍ଡମାଇଜେସନ ମାଧ୍ୟମରେ ଚୟନ ହୋଇଥିବା ଅପେକ୍ଷା ତାଲିକାରୁ ଯାତ୍ରୀ ଙ୍କୁ ଗ୍ରହଣ କରାଯାଇ ତୀର୍ଥଯାତ୍ରା ରେ ପଠାଯିବ।ଏହି ବୈଠକରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା ବିନୋଦ ରଥ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡା, ଅତିରିକ୍ତ ପରିବହନ ଅଧିକାରୀ ଦେବାଶିଷ ପଣ୍ଡା,ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ପର୍ଯ୍ୟଟନ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଦେ ମାତରମ ର ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

# ବନ୍ଦେ ମାତରମ ପ୍ରତ୍ୟେକ ଭାରତୀୟ ଙ୍କ ହୃଦୟର ସ୍ପନ୍ଦନ



**ପୁରୀ:** ପୁରୀ ଜିଲ୍ଲା ସ୍ତରୀୟ ରାଷ୍ଟ୍ର ଗୀତ ବନ୍ଦେ ମାତରମ ର ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ଓସୱାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ବନ୍ଦେ ମାତରମ କେବଳ ଏକ ରାଷ୍ଟ୍ର ଗୀତ ନୁହେଁ ଏହା ପ୍ରତେକ ଭାରତୀୟ ଙ୍କ ହୃଦୟର ସ୍ପନ୍ଦନ ଓ ଆତ୍ମା ବୋଲି କହିଥିଲେ।ଯେଉଁଠି ଯେଉଁଠି ବି ରାଷ୍ଟ୍ର ପ୍ରତି ଦେଶପ୍ରେମ, ସମର୍ପଣ, ବୀରତ୍ୱ ଓ ସେବାର କଥା ଉଠିଛି ପ୍ରତ୍ୟେକ ଭାରତୀୟ ଙ୍କ କଣ୍ଠରୁ ବନ୍ଦେ ମାତରମ ଧ୍ୱନି ଉଚାରିତ ହୋଇ ସମସ୍ତଙ୍କୁ ପ୍ରେରଣା ଦେଇଛି, ସାହସ ଦେଇଛି ବୋଲି ସେ କହିବା ସହ ବନ୍ଦେ ମାତରମ ର ରଚୟିତା ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ବନ୍ଦେ ମାତରମ ରଚନା ର ପୃଷ୍ଠ ଭୂମି ସମ୍ପର୍କରେ ସୂଚନା ଦେଇ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଙ୍କ ରଚିତ ପ୍ରସିଦ୍ଧ ଆନନ୍ଦ ମଠ ଉପନ୍ୟାସ ର ଏହା ଏକ କବିତା ବୋଲି ମତ ଦେଇଥିଲେ।ଏଥିରେ ସନ୍ୟାସୀ ବିପ୍ଳବ କୁ ଆଧାର କରି ଦେଶାତ୍ମବୋଧ ଜାଗ୍ରତ କରିବା ର ପ୍ରଚେଷ୍ଟା ଅତ୍ୟନ୍ତ ଉଚ୍ଚ କୋଟୀର।ଏହା ସାମାଜିକ ଶୃଙ୍ଖଳାର ପ୍ରେରଣା କବିତା ସହ ଦେଶପ୍ରେମ କୁ ଉଦବୁଦ୍ଧ କରାଉଥିବା ଏକ ଚମତ୍କାର ରଚନା।ବଙ୍କିମ ଚନ୍ଦ୍ର ଯାଜପୁର ର ତତ୍କାଳୀନ ଉପଜିଲ୍ଲାପାଳ ବା ଏସ ଡି ଏମ ଭାବେ ୧୮୮୨ ରୁ ୧୮୮୪ ପର୍ଯ୍ୟନ୍ତ କାର୍ଯ୍ୟ ନିର୍ବାହ କରିଥିଲେ ବୋଲି ଶ୍ରୀ ସେଠୀ ସୂଚନା ଦେଇଥିଲେ।ପରେ ବନ୍ଦେ ମାତରମ ଭିଡିଓ ପ୍ରଦର୍ଶନ ସହ ସାମୁହିକ ଭାବେ ବନ୍ଦେ ମାତରମ ସଂଗୀତ ଗାନ କରାଯାଇଥିଲା।ଓସୱାନ ମାଧ୍ୟମରେ ସମସ୍ତ ବ୍ଲକରେ ଅଧିକାରୀ ଓ କର୍ମଚାରୀ ମାନେ ଯୋଡି ହୋଇ ବନ୍ଦେ ମାତରମ ଗାନ କରିଥିଲେ।ପରେ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବନ୍ଦେ ମାତରମ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିବା ସହ ବନ୍ଦେ ମାତରମ ଏକ ସ୍ୱପ୍ନ, ଏକ ସନ୍ଦେଶ, ଏକ ପ୍ରେରଣା, ଏକ ଜାଗରଣ, ଏକ ଅନୁଭବ, ଏକ ଅଦଭୁତ ରୋମାଞ୍ଚ ଯାହା ପ୍ରତିଟି ହୃଦୟ କୁ ଆଲୋକିତ ଓ ଆଲୋଡିତ କରେ।ବଦଳୁଥିବା ଭାରତର ଏହା ଏକ ଅବିଶ୍ୱନୀୟ ଅଗ୍ରଗତି ଯାହା ନିଜେ ନିଜର ଭାଗ୍ୟ ବିଧାତା ହେବାର ପ୍ରେରଣା ସଂଗୀତ ବୋଲି କହିଥିଲେ।କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ର ର ଡିଆଇଓ ବିଶ୍ୱନାଥ ପଣ୍ଡା,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁସ୍ରବ ଗନ୍ତାୟତ, ସହଦେବ ସାହୁ,ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ବିନୋଦ ରଥ,ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।ଏଥିରେ ଅନ୍ୟାନ୍ୟ ବିଭାଗର ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

# ପୁରୀ ଜିଲ୍ଲା ସ୍ତରୀୟ ଛାୟା ପାର୍ଲିଆମେଣ୍ଟ

**ପୁରୀ:** ଟାଉନ୍ ହଲ୍ ଠାରେ ପୁରୀ ଜିଲ୍ଲା ସ୍ତରୀୟ ପି ଏମ୍ ଶ୍ରୀ ବିଦ୍ୟାଳୟ ମାନଙ୍କର "ମକ୍ ପାର୍ଲିଆମେଣ୍ଟ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ପି ଏମ୍ ଶ୍ରୀ ବିଦ୍ୟାଳୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ସମୁଦାୟ ୧୭ ଗୋଟି ଭିନ୍ନ ଭିନ୍ନ ବିଦ୍ୟାଳୟର ମାନଙ୍କ ରୁ ମୋଟ୍ ୬୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, ପୁରୀ, ଶ୍ରୀ ଶରତ ଚନ୍ଦ୍ର ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ସାଧୁବାଦ ଜଣାଇବା ସହ ଏପରି କାର୍ଯ୍ୟକ୍ରମ ବିଦ୍ୟାଳୟ ମାନଙ୍କରେ ଆୟୋଜିତ ହେଲେ ପିଲାମାନେ ପାର୍ଲିଆମେଣ୍ଟର ଆୟୋଜନ, ପରିଚାଳନା, କାର୍ଯ୍ୟକାରିତା ତଥା ସାଂସଦ ଓ ବିଭାଗୀୟ ମନ୍ତ୍ରୀମାନଙ୍କ ଦେଶପାଇଁ ଅବଦାନ ସମ୍ପର୍କରେ ଉପଯୁକ୍ତ ଧାରଣା ପାଇ ଭବିଷ୍ୟତରେ ଦେଶ ଓ ଜାତି ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ବୋଲି ମତପୋଷଣ କରିଥିଲେ । ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଦ୍ୱିତୀକାନ୍ତ ପ୍ରଧାନ ପିଲାମାନଙ୍କ ଅଭିନୟ ଓ କାର୍ଯ୍ୟକଳାପର ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ଶ୍ରୀ ସନ୍ତୋଷ କୁମାର ପରିଡ଼ା ଯୋଗଦାନ କରି ଏପରି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ନିଜକୁ ସଂଯତ ଓ ଶୃଙ୍ଖଳିତ କରିବା ସହ ସଂସଦୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଜ୍ଞାନ ଆହରଣ କରି ଦେଶପାଇଁ ନିଜକୁ ନିୟୋଜିତ କରିପାରିବେ ବୋଲି ମତପୋଷଣ କରିଥିଲେ । ଛାତ୍ରଛାତ୍ରୀମାନେ ପାର୍ଲିଆମେଣ୍ଟର ତିନି ଗୋଟି ଅଧିବେଶନ ଯଥା ପ୍ରଶ୍ନକାଳ, ଶୂନ୍ୟକାଳ ଓ ବିଲ୍ ଆଗତ ସମ୍ପର୍କରେ ପ୍ରଶ୍ନୋତ୍ତର ଓ ତର୍ଜମା ମାଧ୍ୟମରେ ଅଭିନୟ ପ୍ରଦର୍ଶନ କରିଥିଲେ ଯାହା କି ଅତ୍ୟନ୍ତ ପ୍ରଶଂସନୀୟ ଥିଲା । ଜୁରୀ ରୂପେ ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା , କଳାକାର ଶ୍ରୀ ଭରତ କୁମାର ନାୟକ, ବରିଷ୍ଠ ଆଇନଜୀବୀ ଶ୍ରୀ ଶରତ ଚନ୍ଦ୍ର ରାୟଗୁରୁ ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ ଯୋଗ ଦେଇ ସମୁଦାୟ ୬୮ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ରାଜ୍ୟ ସ୍ତର ପାଇଁ ମନୋନୀତ କରିଥିଲେ



# ପାହାଡ଼ ଉପରେ ପଞ୍ଚାୟତ କାର୍ଯ୍ୟାଳୟ



## ସ୍ୱାଭିମାନ ଅଞ୍ଚଳରେ ମୋବାଇଲ୍ ଯନ୍ତ୍ରଣା
## ଅଧିକାଂଶ ଗାଁରେ ନାହିଁ ନେଟ୍‌ୱର୍କ
## ୩୦ଟି ଟାୱାରରୁ ୧୨ଟି କାର୍ଯ୍ୟକ୍ଷମ
## ଖେଳନା ପାଲଟିଛି ହଜାର ହଜାର ସ୍ମାର୍ଟଫୋନ୍

**ମାଲକାନଗିରି :** ଗୁରୁପ୍ରିୟା ସେତୁ ନିର୍ମାଣ ପରେ ବିକାଶ ସ୍ରୋତରେ ଯୋଡ଼ି ହୋଇଥିଲା ବିଚ୍ଛିନ୍ନାଞ୍ଚଳ। ନୂଆ ପରିଚୟ ପାଇଥିଲା ଚିତ୍ରକୋଣ୍ଡା ବ୍ଲକ୍। ବ୍ଲକ୍‌ର ୧୫୧ଟି ଗାଁରେ ମୋବାଇଲ୍ ସେବା ଉପଲବ୍ଧ ପାଇଁ ସରକାର ୩୦ଟି ମୋବାଇଲ ଟାୱାର ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲେ। ଇତିମଧ୍ୟରେ ୧୨ଟି କାର୍ଯ୍ୟକ୍ଷମ ହୋଇଥିବା ବେଳେ ୧୮ଟି ସ୍ଥାନରେ କେବଳ ଟାୱାର୍ ଠିଆ ହୋଇଛି। ନେଟ୍‌ୱର୍କ ନଥିବାରୁ ପଞ୍ଚାୟତ କାର୍ଯ୍ୟାଳୟ ପାହାଡ଼ ଉପରେ ଚାଲିଥିବା ବେଳେ ୨୦୧୯ ନିର୍ବାଚନ ପରେ ତତ୍କାଳୀନ ସରକାର ବଣ୍ଟନ କରିଥିବା ହଜାର ହଜାର ସ୍ମାର୍ଟ ଫୋନ୍ ବର୍ତ୍ତମାନ ଖେଳନା ପାଲଟିଛି।

ଚିତ୍ରକୋଣ୍ଡା ବ୍ଲକ୍‌ର ରାଲେଗଡ଼ା ପଞ୍ଚାୟତ। ସମ୍ପୂର୍ଣ୍ଣ ପଞ୍ଚାୟତକୁ ମୋବାଇଲ୍ ସେବା ଅପହଞ୍ଚ ଥିବାରୁ ପାହାଡ଼ ଉପରେ ଚାଲିଛି ପଞ୍ଚାୟତ କାର୍ଯ୍ୟାଳୟ। ସରକାରୀ ଯୋଜନାର ପଞ୍ଜୀକରଣଠୁ ଆରମ୍ଭ କରି ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ରିପୋର୍ଟ ଏବଂ ପିଲାଙ୍କ ପାଠପଢ଼ା ପାଇଁ ପଞ୍ଚାୟତର ବାନାଝୁଲି ପାହାଡ଼ ଏକମାତ୍ର ଭରସା। ପ୍ରତି ସପ୍ତାହର ବୁଧବାର ସାପ୍ତାହିକ ହାଟକୁ ଆସୁଥିବା ଲୋକ ବାନାଝୁଲି ପାହାଡ଼ ଉପରକୁ ଯାଇ ପଞ୍ଚାୟତ କାର୍ଯ୍ୟାଳୟ ଦ୍ୱାରା ନିଜ ଆବଶ୍ୟକତାକୁ ପୂରଣ କରୁଛନ୍ତି। ଗ୍ରାହକ ସେବା କେନ୍ଦ୍ର ମଧ୍ୟ ପାହାଡ଼ ଉପରେ ଚାଲିଛି। ଫଳରେ କେଉଁ ଗ୍ରାମବାସୀ ୫ କିମି ତ ଆଉ କିଏ ୧୦ କିମି ପାଦଚଲା ରାସ୍ତା ଅତିକ୍ରମ କରି ଡିଜିଟାଲ୍ ସେବା ପାଇବାକୁ ପାହାଡ଼ ଚଢ଼ୁଛନ୍ତି। ବାଲିମେଳା ଜଳଭଣ୍ଡାର ନିକଟ ପାହାଡ଼ ଉପରେ ରାସନ କାର୍ଡ ଇ-କେୱାଇସି ସହ ଆଧାର ଅପଡେଟ୍, ପିଏମ୍ କିଷାନ, ସିଏମ୍ କିଷାନ, ଫସଲବୀମା ଏବଂ ଆୟୁଷ୍ମାନ ଯୋଜନାରେ ନାଁ ଯୋଡ଼ିବାକୁ ପହଞ୍ଚୁଛନ୍ତି।

ରାଲେଗଡ଼ା ପଞ୍ଚାୟତ ନୂଆଟେକପଦର ଗାଁର ଲକ୍ଷ୍ମୀ ଖରା ରାସନ କାର୍ଡ ସହ ଆଧାରର ସଂଯୋଗ ଲାଗି ଛୁଆକୁ କାଖେଇ ୧୦ କିମି ପାଦଚଲା ରାସ୍ତା ଅତିକ୍ରମ କରି ପାହାଡ଼ ଉପରେ ପହଞ୍ଚିଥିଲେ। ସେହିପରି ସାର୍କୁବନ୍ଧ ଗାଁର ବିକମ୍ ଛାତ୍ରୀ ଲକ୍ଷ୍ମୀ କିଚେଙ୍ଗ ପାଠପଢ଼ା ପାଇଁ ବାନାଝୁଲି ପାହାଡ଼ ଚଢ଼ୁଛନ୍ତି। ଏଭଳି ବହୁ ଲୋକ ଦୂରଦୂରାନ୍ତରୁ ଚାଲିଚାଲି ନେଟ୍‌ୱର୍କ ଓ ଇଣ୍ଟରନେଟ୍ ସେବା ପାଇଁ ପାହାଡ଼ ଚଢ଼ିବାକୁ ବାଧ୍ୟ ହେଉଛନ୍ତି। ୨୦୧୮ ଜୁଲାଇରେ ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ପରେ ଫୋକସ୍‌କୁ ଆସିଥିଲା ସ୍ୱାଭିମାନ ଅଞ୍ଚଳ। ମାଓ ପ୍ରଭାବିତ ଅଞ୍ଚଳରେ ଏଲ୍‌ଡବ୍ଲୁଇ ସ୍କିମ୍‌ରେ ୩୦ରୁ ଊର୍ଦ୍ଧ୍ୱ ମୋବାଇଲ ଟାୱାର ସ୍ଥାପନ ନିଷ୍ପତ୍ତି ପରେ ୨୦୧୯ରେ ରାଜ୍ୟ ସରକାର ୧୦ ହଜାର ସ୍ମାର୍ଟ ଫୋନ୍ ବଣ୍ଟନ କରିଥିଲେ। ଦିନ ଦିନ ଧରି ନେଟ୍‌ୱର୍କ ବ୍ୟବସ୍ଥାରେ ସୁଧାର ନ ଆସିବାରୁ ବହୁ ହିତାଧିକାରୀ ସ୍ମାର୍ଟ ଫୋନ୍‌ଗୁଡ଼ିକୁ ବିକ୍ରି କରି ଦେଇଥିବା ବେଳେ କିଛି ଖେଳନା ଭାବେ ଏବଂ ଗୀତ ଓ ଭିଡିଓ ଦେଖିବା ଲାଗି ବ୍ୟବହାର କରୁଛନ୍ତି।

# ସବୁ ନଦୀରୁ ପାଣି ଚୋରି

**ସମ୍ବଲପୁର:** ମହାନଦୀ ସମେତ ବିଭିନ୍ନ ନଦୀରୁ ପାଣି ଚୋରି ହେଉଛି। ଶିଳ୍ପ, ବାଣିଜ୍ୟ ସମେତ ବିଭିନ୍ନ କାର୍ଯ୍ୟ ପାଇଁ ସରକାରୀ ଜଳଉତ୍ସଗୁଡ଼ିକରୁ ବେଆଇନ ଭାବେ ପାଣି ଉଠାଯାଉଛି। ତେଣୁ ଏ ସଂକ୍ରାନ୍ତରେ ପ୍ରତ୍ୟକ୍ଷ ଯାଞ୍ଚ କରି ୧୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ। ହୀରାକୁଦ ଜଳଭଣ୍ଡାର, ବୁର୍ଲା ଜଳସେଚନ ବିଭାଗ ଓ ବୁର୍ଲା ମୁଖ୍ୟ ନଦୀବନ୍ଧ ସମେତ ପ୍ରାୟ ୩୦ରୁ ଅଧିକ ଜଳସେଚନ ବିଭାଗ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏ ନେଇ ଚିଠି କରାଯାଇଛି।

ସୂଚନା ଅନୁଯାୟୀ, ହୀରାକୁଦ ଜଳଭଣ୍ଡାରରୁ ଜଳସେଚନ ପାଇଁ ହାରାହାରି ୫ ହଜାର କ୍ୟୁସେକ୍, ପାନୀୟ ଜଳ ପାଇଁ ୨୦ କ୍ୟୁସେକ୍, ଶିଳ୍ପ ପାଇଁ ପ୍ରାୟ ୨୧୫ କ୍ୟୁସେକ୍ ଜଳଯୋଗାଣ ହେଉଛି। ହୀରାକୁଦ ଜଳଭଣ୍ଡାରର ଚତୁଃପାର୍ଶ୍ୱରେ ଥିବା ୨୧ଟି ଶିଳ୍ପାନୁଷ୍ଠାନ ଏହି ପାଣି ନେଉଛନ୍ତି। ଏଥିପାଇଁ ସେମାନେ ବାର୍ଷିକ ୩୦ କୋଟି ଟଙ୍କା ଦେଉଥିବା ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କିନ୍ତୁ ଏହାବାଦ ହୀରାକୁଦ ଜଳଭଣ୍ଡାର ସମେତ ବିଭିନ୍ନ ନଦୀରୁ ଭିନ୍ନଭିନ୍ନ ଉପାୟରେ ପାଣି ଚୋରି ହେଉଛି। କିଛିଦିନ ପୂର୍ବରୁ ବିଧାନସଭାରେ ହୋଇଥିବା ପ୍ରଶ୍ନର ଉତ୍ତରରେ ସୂଚନା ଦିଆଯାଇଥିଲା ଯେ ରାଜ୍ୟରେ ଥିବା ୫୦ ଶିଳ୍ପସଂସ୍ଥା ଉପରେ ୯୬୩ କୋଟି ଟଙ୍କାର ଜଳକର ବାକି ରହିଛି। ସାଧାରଣ ଲୋକଙ୍କ ଜଳକର, ବିଜୁଳି କର ବାକିଥିଲେ ଯେଉଁଭଳି ଭାବରେ

### ସବୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି କଲେ ମୁଖ୍ୟଯନ୍ତ୍ରୀ
### ୧୫ ଦିନରେ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ସେବାକୁ ବିଚ୍ଛିନ୍ନ କରି ଦିଆଯାଉଛି, ଜଳକର ବାକି ରଖିଥିବା ସଂସ୍ଥା ଉପରେ କାହିଁକି ସେଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ପ୍ରଶ୍ନ ଉଠିଥିଲା।

ତଥ୍ୟ ମୁତାବକ ରାଜ୍ୟରେ ସମୁଦାୟ ୯୩ ହଜାର ୪୧୬ ମିଲିୟନ କ୍ୟୁବିକ୍ ମିଟର ଜଳ ମହଜୁଦ ରହିଛି। ରାଜ୍ୟର ୧୧ଟି ବଡ଼ ନଦୀ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ବଂଶଧାରା, ନାଗାବଳୀ, କୋଲାବ, ଇନ୍ଦ୍ରାବତୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜମ୍ବିରାରୁ ବର୍ଷକୁ ମୋଟ ୨୪ ହଜାର ୧୫୪.୯୭ ମିଲିୟନ କ୍ୟୁବିକ୍ ମିଟର ପାଣି ଚାଷ ପାଇଁ ବ୍ୟବହାର ହେଉଛି। ତେବେ ଶିଳ୍ପ ବା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହୃତ ଜଳରୁ ହିଁ ସରକାର ଓ ବିଭାଗକୁ ସିଂହଭାଗ ରାଜସ୍ୱ ମିଳିଥାଏ। ତେଣୁ ଏହି ସଂସ୍ଥାମାନେ ପାଣି ଚୋରି କରିନେଲେ ଜଳ ତ ନିଅଣ୍ଟ ହେଉଛି ତା' ସାଙ୍ଗକୁ ବିପୁଳ ରାଜସ୍ୱ କ୍ଷତି ବି ହେଉଛି। ଏ ପରିପ୍ରେକ୍ଷୀରେ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ସୁନ୍ଦରଗଡ଼, ଅନୁଗୁଳ, ବୈତରଣୀ, ବଲାଙ୍ଗୀର, ବାଲେଶ୍ୱର, ବ୍ରହ୍ମପୁର, ଭଞ୍ଜନଗର, ଚିତ୍ରକୋଣ୍ଡା, ଜଗତସିଂହପୁର, ଯାଜପୁର, ଭବାନୀପାଟଣା, କେନ୍ଦ୍ରାପଡ଼ା, କୁସୁମଖୁଣ୍ଟି, ଅପରକୋଲାବ ଜଳସେଚନ ଡିଭିଜନ୍‌କୁ ପାଣିଚୋରି ସଂପର୍କିତ ଉପରୋକ୍ତ ଚିଠି କରିଛନ୍ତି। ପ୍ରକାଶଥାଉକି, ଶିଳ୍ପାନୁଷ୍ଠାନମାନଙ୍କ ଦ୍ୱାରା ହୀରାକୁଦ ଜଳଭଣ୍ଡାର ପାଣିର ବେଆଇନ ବ୍ୟବହାର ନେଇ ପୂର୍ବରୁ ଲମ୍ବା ଲଢ଼େଇ ହୋଇଛି। ଜଳସେଚନ ସହିତ ବୁଝାମଣା କରି କୌଣସି ଭାବରେ କାରଖାନାକୁ ପାଣି ପ୍ରଦାନ ବରଦାସ୍ତ କରାଯିବ ନାହିଁ ବୋଲି ପୂର୍ବରୁ ଚେତାବନୀ ଦିଆଯାଇଛି।

# ହୋଟେଲ ନିୟମାବଳୀ ସହ ସାଇବର ଅପରାଧ ରୋକିବା ପାଇଁ ସମନ୍ୱୟ ବୈଠକ




**ପୁରୀ:** ପୁରୀ ସହର ଓ ସମୁଦ୍ରତଟ ଅଞ୍ଚଳରେ ଆସନ୍ତା ପର୍ଯ୍ୟଟନ ଋତୁକୁ ଦୃଷ୍ଟିରେ ରଖି, ପୁରୀ ପୋଲିସ ପକ୍ଷରୁ ସମସ୍ତ ହୋଟେଲ ମାଲିକ, ପରିଚାଳକ ଓ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପାଇଁ ଏକ ବିସ୍ତୃତ ବୈଠକ କରାଯାଇଛି। ପର୍ଯ୍ୟଟକ ସୁରକ୍ଷା, ହୋଟେଲ ଶୃଙ୍ଖଳା, ଏବଂ ଅନଲାଇନ ଠକେଇ ରୋକିବା ଉଦ୍ଦେଶ୍ୟରେ ଏହି ବୈଠକ ହୋଇଥିଲା। ପ୍ରତ୍ୟେକ ହୋଟେଲରେ ପ୍ରବେଶଦ୍ୱାର, ପ୍ରତ୍ୟେକ ତଳ, କରିଡର, କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ CCTV କ୍ୟାମେରା ଲଗାଇବା ସହ । CCTV ଫୁଟେଜ୍‌କୁ ଅତି କମରେ ୩୦ ଦିନ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିବା ପାଇଁ କୁହାଯାଇଛି। ସମସ୍ତ ହୋଟେଲରେ ବୈଧ Fire Safety ଓ Electrical Safety ସର୍ଟିଫିକେଟ ରଖିବାକୁ କୁହାଯାଇଛି। ହୋଟେଲରେ ନିଯୁକ୍ତି ପାଇଥିବା ପ୍ରତ୍ୟେକ କର୍ମଚାରୀଙ୍କର ନିରୀକ୍ଷଣ କରିବାକୁ କୁହାଯାଇଛି ।ପ୍ରତିଦିନ ଅତିଥି ତାଲିକା (Log Book) ରଖିବା ସହିତ ଆଧାର ସଂଖ୍ୟା ଓ ଯୋଗାଯୋଗ ନମ୍ବର ଲିଖିବା ଆବଶ୍ୟକ, ଅଭିଭାବକ ବିନା କୌଣସି ଅପ୍ରାପ୍ତ ବୟସ୍କ (minor) ଅତିଥିଙ୍କୁ ରଖାଯିବ ନାହିଁ । ଚେକ୍-ଇନ ସମୟରେ ଯଦି କୌଣସି ଅତିଥି ଉପରେ ସନ୍ଦେହ ଆସେ, ସଙ୍ଗେ ସଙ୍ଗେ ସ୍ଥାନୀୟ IICଙ୍କୁ ସୂଚନା କରିବାକୁ କୁହାଯାଇଛି। ଯଦି କୌଣସି ବିଦେଶୀ ନାଗରିକ ହୋଟେଲରେ ରହନ୍ତି, ତେବେ ତାଙ୍କ ସୂଚନା FRO ମାଧ୍ୟମରେ SP ପୁରୀ କାର୍ଯ୍ୟାଳୟକୁ ପଠାଇବା କୁହାଯାଇଛି। ପ୍ରତ୍ୟେକ ହୋଟେଲ ମାଲିକ ନିଜ ହୋଟେଲ ନାମରେ ନକଲି ୱେବସାଇଟ କିମ୍ବା ଅନଲାଇନ ଲିଷ୍ଟିଂ ଥିଲେ ନିୟମିତ ଭାବେ ଯାଞ୍ଚ କରିବାକୁ କୁହାଯାଇଛି। ଯଦି କୌଣସି ଠକେଇ ୱେବସାଇଟ ଚିହ୍ନଟ ହୁଏ, ତେବେ ସଙ୍ଗେ ସଙ୍ଗେ ସାଇବର ପୋଲିସ ଷ୍ଟେସନ ପୁରୀ (8280491300) ନମ୍ବରକୁ ଅବଗତ କରାଇବେ।

ସମୁଦ୍ରତଟ ସମୀରେ ଥିବା ହୋଟେଲମାନେ ପ୍ରଯ୍ୟଟକଙ୍କୁ ସମୁଦ୍ର ସ୍ନାନ କରିବାକୁ ଗଲାବେଳେ ସତର୍କ କରାଇବେ କି ବେଶୀ ଗଭୀର କୁ ଯିବେ ନାହିଁ। ହୋଟେଲ ଆଖପାଖରେ ଯଦି କୌଣସି ଅସାମାଜିକ କାର୍ଯ୍ୟ ହୁଏ, ସଙ୍ଗେ ସଙ୍ଗେ ସ୍ଥାନୀୟ ଥାନା କିମ୍ବା 112 ନମ୍ବରକୁ ଖବର ଦେବା କୁହାଯାଇଛି। ଏହା ସହ ପୋଲିସ ପର୍ଯ୍ୟଟକ ସହାୟତା ନମ୍ବର 6370967100 ସହ ସ୍ଥାନୀୟ ଥାନା ଯୋଗାଯୋଗ ନମ୍ବର ପ୍ରତେକ ଟୁରିଷ୍ଟ ଙ୍କୁ ଦେବାପାଇଁ କୁହାଯାଇଛି। ପର୍ଯ୍ୟଟକ ସୁରକ୍ଷା ଓ ପୁରୀର ସକାରାତ୍ମକ ପର୍ଯ୍ୟଟନ ପରିଚୟ ରକ୍ଷା ପାଇଁ ସମସ୍ତ ହୋଟେଲ ମାଲିକ, ପରିଚାଳକ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶର ପାଳନ କରିବାକୁ ଅନୁରୋଧ କରାଯାଉଛି।

## ମୃତ୍ତିକା ସଂରକ୍ଷଣ ବିଭାଗରେ ଦୁର୍ନୀତି

# ପୋଖରୀ ନ ଖୋଳି ଲକ୍ଷଲକ୍ଷ ଟଙ୍କା ଚଳୁ

**ରାଇରଙ୍ଗପୁର ସିଟି:** ହିତାଧିକାରୀ ଜାଣିନାହାନ୍ତି, ଅଥଚ ସେମାନଙ୍କ ନାଁରେ ପୋଖରୀ ଖୋଳାଯାଇଥିବା ଦର୍ଶାଇ ଲକ୍ଷଲକ୍ଷ ଟଙ୍କା ହଡ଼ପ କରାଯାଇଛି। କେବଳ ଜଣେ କି ଦି'ଜଣ ନୁହନ୍ତି, ବହୁ ହିତାଧିକାରୀଙ୍କ ନାମରେ ଅର୍ଥ ଚଳୁ କରାଯାଇଛି। ରାଇରଙ୍ଗପୁର ମୃତ୍ତିକା ସଂରକ୍ଷଣ ବିଭାଗରେ ଏହିଭଳି ଏକ ବଡ଼ ଦୁର୍ନୀତି ସାମ୍ନାକୁ ଆସିଛି। ମୟୂରଭଞ୍ଜ ଜିଲ୍ଲାପାଳ ଏନେଇ

### ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ

ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ରାଇରଙ୍ଗପୁର ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ସୀମାନ୍ତ ତିରିଂ ବ୍ଲକ୍ ଅଞ୍ଚଳର ଚାଷୀଙ୍କ ପାଇଁ ପୋଖରୀ ଖୋଳିବା ନିମନ୍ତେ ପ୍ରକଳ୍ପ ମଞ୍ଜୁର ହୋଇଥିଲା। କେବଳ ପଣ୍ଡୁପାଣି ପଞ୍ଚାୟତ ଅଞ୍ଚଳରେ ମୋଟ ୨୫ ଜଣ ଚାଷୀଙ୍କ ପୋଖରୀ ଖୋଳିବା ପାଇଁ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। କିଛି ଚାଷୀଙ୍କ ପୋଖରୀ ଖୋଳା କାର୍ଯ୍ୟ ଆରମ୍ଭ ନ କରି କାଗଜପତ୍ରରେ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିବା ବେଳେ ଆଉ କେତେକ ପ୍ରକଳ୍ପର କାର୍ଯ୍ୟ ଜାରି ରହିଥିବା ଦର୍ଶାଯାଇଛି। ତେବେ, ଏ ବାବଦରେ



ଅନୁଦାନ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ପଣ୍ଡୁପାଣି ଗାଁର ଚାଷୀ ହେମେନ୍ଦ୍ର ଶୁଣ୍ଡିଙ୍କ ୨୦ ×୨୦ ମିଟର ଆକାର ପୋଖରୀ ଖୋଳିବା ପାଇଁ ବିଭାଗ ପକ୍ଷରୁ ୧ ଲକ୍ଷ ୮୩ ହଜାର ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା। ତାଙ୍କ ପୋଖରୀ ଖୋଳା କାର୍ଯ୍ୟ ଜାରି ରହିବା ସହିତ ୧ ଲକ୍ଷ ୧ ହଜାର ୨୬୫ ଟଙ୍କା ଖର୍ଚ୍ଚ ହୋଇଛଇ ବୋଲି ବିଭାଗ ପକ୍ଷରୁ ଦର୍ଶାଇଛନ୍ତି। ବାସ୍ତବରେ ତାଙ୍କ ନାଁରେ କୌଣସି ପୋଖରୀ ଖୋଳାଯାଇ ନାହିଁ ବୋଲି ଚାଷୀ ହେମେନ୍ଦ୍ର କହିଛନ୍ତି। ସେହିପରି, ପଣ୍ଡୁପାଣି ଗାଁର ସିଙ୍ଗରାଏ ସୋରେନଙ୍କ ୨୦ ×୨୦ ମିଟର ଆକାର ପୋଖରୀ ଖୋଳିବା ପାଇଁ ୧ ଲକ୍ଷ ୮୩ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ପୋଖରୀ ଖୋଳିବା ପାଇଁ ୪୨ ହଜାର ୫୭୦ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ତାଙ୍କ ନାଁରେ ମଧ୍ୟ କୌଣସି ପୋଖରୀ ଖୋଳାଯାଇ ନାହିଁ ବୋଲି ସିଙ୍ଗରାଏ କହିଛନ୍ତି। ଏହିପରି ପୋଖରୀ ଖନନରେ ମହାଦୁର୍ନୀତିର ଚିତ୍ର ସାମନାକୁ ଆସିଛି। ଚାଷୀମାନେ ଏହି ଦୁର୍ନୀତି ସମ୍ପର୍କରେ ଜାଣିବା ପରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲ୍ଲାପାଳ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଇରଙ୍ଗପୁର ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## କଟକ ବାଲିଯାତ୍ରା ଶେଷ

# ଶ୍ରେୟା ଘୋଷାଲଙ୍କ ପାଇଁ ଅସମ୍ଭାଳ ଭିଡ଼ : ୫ରୁ ଅଧିକ ଅଚେତ

**କଟକ :** କଟକର ଐତିହାସିକ ବାଲିଯାତ୍ରା ଶେଷ ହୋଇଛି। ବାଲିଯାତ୍ରାର ଶେଷ ସଂଧ୍ୟାରେ ବଲିଉଡ୍ ଗାୟିକା ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ପାଇଁ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ବୈଷ୍ଣବ ପାଣି ମଞ୍ଚରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଦର୍ଶକଙ୍କ ଭିତରେ ଠେଲାପେଲା....କଟକ: କଟକର ଐତିହାସିକ ବାଲିଯାତ୍ରା ଆଜି ଶେଷ ହୋଇଛି। ବାଲିଯାତ୍ରାର ଶେଷ ସଂଧ୍ୟାରେ ବଲିଉଡ୍ ଗାୟିକା ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ପାଇଁ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ବୈଷ୍ଣବ ପାଣି ମଞ୍ଚରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଦର୍ଶକଙ୍କ ଭିତରେ ଠେଲାପେଲା ଯୋଗୁ ୫ରୁ ଅଧିକ ଦର୍ଶକ ବ୍ୟାରିକେଡ୍ ନିକଟରେ ଚାପି ହୋଇଯାଇଥିଲେ। ସେମାନେ ଅଚେତ ହୋଇଯିବାରୁ ପୁଲିସ କର୍ମଚାରୀମାନେ ଆମ୍ବୁଲାନ୍ସରେ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଘଟଣାସ୍ଥଳରେ ଅତିରିକ୍ତ ପୁଲିସ କମିସନର ନରସିଂହ ଭୋଳ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ଭିଡ଼ ନିୟନ୍ତ୍ରଣ କରିବାକୁ ପୁଲିସ ପକ୍ଷରୁ ମୃଦୁ ଲାଠି ଚାଳନା କରିବାକୁ ପଡ଼ିଥିଲା।

### ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ଅଭାବନୀୟ ସ୍ଥିତି

ପୁଲିସର ଏଭଳି କାର୍ଯ୍ୟାନୁଷ୍ଠାନ ପରେ ଦର୍ଶକମାନେ ସେ ସ୍ଥାନ ଛାଡ଼ିବାକୁ ଉଦ୍ୟମ କଲା ବେଳେ ଅଧିକ ଠେଲାପେଲା ସ୍ଥିତି ସୃଷ୍ଟି ହୋଇଥିଲା। ଗଣକବି ବୈଷ୍ଣବ ପାଣି ମଞ୍ଚ ନିକଟରେ ରାତି ପ୍ରାୟ ୮ଟା ବେଳେ ଠେଲାପେଲା ଆରମ୍ଭ ହୋଇଥିଲା। ମଞ୍ଚ ନିକଟକୁ ଆସିବା ପୂର୍ବରୁ ଲାଗିଥିବା ମେଟାଲ୍ ଡିଟେକ୍ଟର ନିକଟରେ ଠେଲାପେଲା ଦେଖିବାକୁ ମିଳିଥିଲା। ଶହ ଶହ ଦର୍ଶକ ଏକାସାଙ୍ଗରେ ପଶିବାକୁ ଉଦ୍ୟମ କରିବାରୁ ଏହି ରାସ୍ତାରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଥିବା ଏଡିସିପି ଅମରେନ୍ଦ୍ର ପଣ୍ଡା ଓ ଅନ୍ୟ ଅଧିକାରୀମାନେ ସ୍ଥିତି ନିୟନ୍ତ୍ରଣ କରିବାକୁ ନାକେଦମ୍ ହୋଇଥିଲେ।

ଅନ୍ୟପଟେ ବାଲିଯାତ୍ରା ଉପର ପଡ଼ିଆରେ ସମସ୍ତ ପାର୍କିଂରେ ଗାଡ଼ି ଭର୍ତ୍ତି ହୋଇଯାଇଥିଲା। ସ୍ଥିତି ଏଭଳି ହେଲା ଯେ ଏନ୍‌ସିସି ଅଫିସ ନିକଟରୁ ଡିଜି ଅଫିସ ଯାଏଁ, ପୁଲିସ ମୁଖ୍ୟାଳୟ ପଛପଟ ରାସ୍ତାର ଉଭୟ ପାର୍ଶ୍ୱ, ଗଡ଼ଖାଇ ଭିତର, ଇଣ୍ଡୋର ଷ୍ଟାଡିୟମ୍ ରାସ୍ତାରେ ବେଆଇନ ପାର୍କିଂ ଦେଖିବାକୁ ମିଳିଥିଲା। ଯାହାଫଳରେ ଲୋକ ଚଳାଚଳ କରିବାରେ ସମସ୍ୟା ହେବା ସହିତ ସ୍ଥିତି ଅଧିକ ବିଗିଡ଼ି ଥିଲା। କଟକ ବାଲିଯାତ୍ରା ନଭେମ୍ବର ୫ ତାରିଖରୁ

### ବାଲିଯାତ୍ରାରେ ବେପାର ୧୦୦ କୋଟି ଟଙ୍କାରୁ ଅଧିକ

ଆରମ୍ଭ ହୋଇ ୯ ଦିନ ଚାଲିବା ପରେ ଆଜି ଶେଷ ହୋଇଛି। ବାଲିଯାତ୍ରାରେ ଓରମାସ୍ ପରିସରରେ ୫୦ କୋଟିରୁ ଅଧିକ ଟଙ୍କାର କିଣାବିକା ହୋଇଥିବା ବେଳେ ବାଲିଯାତ୍ରାରେ ଚଳିତ ବର୍ଷର ବ୍ୟବସାୟ ଶହେ କୋଟି ଟପିବ ବୋଲି ଆକଳନ କରାଯାଉଛି।



# ମଳଦ୍ୱାରରେ ଏୟାର ପାଇପ୍ ପୂରାଇ ଦେବାରୁ ସୋରୁମ୍ କର୍ମଚାରୀଙ୍କ ମୃତ୍ୟୁ



**କୋରେଇ/କବାଟବନ୍ଧ:** ଯାଜପୁର କୋରେଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତେନ୍ତୁଲିଖୁଣ୍ଟା ଛକରେ ଥିବା ଉତ୍କଳ ହୁଣ୍ଡାଇ ସର୍ଭିସ୍ ସେଣ୍ଟରରେ ଜନୈକ ୱାସିଂ କର୍ମଚାରୀଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତ କର୍ମଚାରୀ ଜେନାପୁର ଥାନା ଅନ୍ତର୍ଗତ ଅତାସାହି ଗ୍ରାମର ସ୍ୱର୍ଗତ ଅଶ୍ୱିନୀ ବେହେରାଙ୍କ ପୁଅ ସିପୁନ(୨୨)। ସିପୁନଙ୍କ ସମେତ ଅତାସାହିର ଅନ୍ୟ କିଛି ଯୁବକ ତେନ୍ତୁଲିଖୁଣ୍ଟାସ୍ଥିତ ଉତ୍କଳ ହୁଣ୍ଡାଇ ସର୍ଭିସ୍ ସେଣ୍ଟରର ୱାସିଙ୍ଗ ପଏଣ୍ଟରେ ଚାକିରି କରିଥିଲେ। ଆଜି ଅପରାହ୍ଣ ପ୍ରାୟ ୨ଟା ବେଳେ ସିପୁନ ଶୌଚ ହୋଇ ଫେରିବା ପରେ ଏକ ଗାମୁଛା ପିନ୍ଧିଥିଲେ। ଏହି ସମୟରେ କାର୍ ସଫା କରୁଥିବା ଅନ୍ୟ ଜଣେ ସହକର୍ମୀ ବିନୟଭୂଷଣ ବେହେରା ଓରଫ୍ ରବୀନ୍ଦ୍ର ଥଟାମଜାରେ ଧରିଥିବା ଏୟାର ପାଇପ୍‌ଟିକୁ ସିପୁନଙ୍କ ମଳଦ୍ୱାରରେ ପୂରାଇ ଦେଇଥିଲେ। ଶରୀରରେ ପବନ ପଶିଯିବାରୁ ସିପୁନ ହଠାତ୍ ଫୁଲି ଯାଇଥିଲେ। ତାଙ୍କୁ ତୁରନ୍ତ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। କଟକ ବଡ଼ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୋରେଇ ଥାନା ଏଏସ୍‌ଆଇ ଅଶୋକ କୁମାର ସ୍ୱାଇଁ ଘଟଣାର ତଦନ୍ତ କରୁଛନ୍ତି। ସୋରୁମ୍‌ର ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ ବୟାନ ରେକର୍ଡ କରାଯାଇଛି।

# ଯୁବକଙ୍କୁ କଚାଡ଼ି ମାରିଲା ହାତୀ

**ବାଂଶପାଳ:** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଭୂୟାଁ ଜୁଆଙ୍ଗ ପିଢ଼ (ବିଜେପି) ରେଞ୍ଜ ଧାନଗଦି ଗାଁରେ ହାତୀ ଆକ୍ରମଣରେ ଶିବ ମୁଣ୍ଡା (୨୩)ଙ୍କ ମୃତ୍ୟୁ ହୋଇଥିବାବେଳେ ଶବଦାହ କରି ଫେରିବା ସମୟରେ ତାଙ୍କର ଜଣେ ସଂପର୍କୀୟଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମଙ୍ଗଳବାର ରାତିରେ ଫସଲ ଜଗିବାକୁ ଧାନଗଦି ଗାଁର ଶିବ ମୁଣ୍ଡାଙ୍କ ସମେତ ଅନ୍ୟ ଦୁଇ ଯୁବକ ସନ୍ତୋଷ ମୁଣ୍ଡା ଓ ରତ୍ନା ମୁଣ୍ଡା କ୍ଷେତକୁ ଯାଇଥିଲେ। ବିଳମ୍ବିତ ରାତିରେ ଧାନଗଦି ଗାଁ ନିକଟରେ ହାତୀପଲ ପଶି ଧାନଫସଲ ନଷ୍ଟ କରୁଥିଲେ। ହାତୀ ଘଉଡ଼ାଇବା ସମୟରେ ଶିବଙ୍କୁ ଗୋଟିଏ ଦନ୍ତାହାତୀ ଶୁଣ୍ଢରେ ଟାଣି ନେଇ ହୁଡ଼ା ଉପରୁ ନଦୀକୁ ଫିଙ୍ଗି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଶିବଙ୍କ ମୃତ୍ୟୁ ଘଟିଥିଲା।

### ଶବଦାହ କରି ଫେରିବାବେଳେ ଦୁର୍ଘଟଣାରେ ସଂପର୍କୀୟ ମୃତ

ସାଙ୍ଗରେ ଥିବା ସନ୍ତୋଷ ମୁଣ୍ଡା ଜୀବନ ବଞ୍ଚାଇବାକୁ ଏକ ଗଛ ଉପରେ ଚଢ଼ିଯିବାରୁ ଏବଂ ରତ୍ନା ମୁଣ୍ଡା ଏକ ଖାଲ ଭିତରେ ପଶିଯିବାରୁ ଦନ୍ତା ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଅନ୍ୟପଟେ ଆଜି ଶବ ସତ୍କାର କରି ଫେରିବା ସମୟରେ ଦୁର୍ଘଟଣାରେ ମୃତ ଶିବ ମୁଣ୍ଡାଙ୍କ ସଂପର୍କୀୟ ମାମୁ ଶୁଣ୍ଡରା ଗ୍ରାମର ଅନିଲ ମୁଣ୍ଡା (୨୬)ଙ୍କ ମୃତ୍ୟୁ ହୋଇଛି। ଯାତ୍ରା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅଟୋଟି ଓଲଟି ପଡ଼ିବାରୁ ଅନିଲ ସେଥିରେ ଚାପି ହୋଇ ଯାଇଥିଲେ। ଆହତମାନଙ୍କୁ ବାଂଶପାଳ ଡାକ୍ତରଖାନା ନିଆଯାଇଥିବାବେଳେ ଅନିଲଙ୍କୁ ସେଠାରେ ମୃତ ଘୋଷଣା କରାଯାଇଥିଲା।

# ଦେଶୀ ବନ୍ଧୁକ କାରଖାନା ଠାବ, ୨ ଗିରଫ

**ମୋହନା:** ଆଜି ଗଜପତି ଜିଲ୍ଲା ମୋହନା ଥାନା ପୁଲିସ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ କରିଛି। ଏ ସଂକ୍ରାନ୍ତରେ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୨ଟି ଦେଶୀ ବନ୍ଧୁକ ଜବତ କରାଯାଇଥିବା ନେଇ ଗଜପତି ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ମୋହନା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ମୋହନା ଥାନା ଇନ୍‌ସପେକ୍ଟର ବି.ନୀଳମାଧବ ରେଡ୍ଡି କର୍ଚ୍ଚବାଡ଼ି ପଂଚାୟତର ଚିହୁରିପଦର ଅଂଚଳରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ବନ୍ଧୁକଧାରୀଙ୍କୁ ଦେଖି ଅଟକାଇଥିଲେ। ସେ ବେଆଇନ ଭାବେ ବନ୍ଧୁକ ବ୍ୟବହାର କରୁଥିବା ଜାଣିପାରି ତାଙ୍କଠାରୁ ବନ୍ଧୁକ ଜବତ କରିଥିଲେ। ଥାନାକୁ ନେଇ ପଚରାଉଚରା କରିବା ପରେ ଜଣାପଡ଼ିଥିଲା ଯେ ସେ ହେଉଛନ୍ତି ଚିହୁରିପଦାର ଗାଁର ହରି ମଳିକ(୩୫)। ଶିକାର କରିବା ଉଦ୍ଦେଶ୍ୟରେ ଡମ୍ବଗୁଡ଼ା ପଞ୍ଚାୟତ ଗୋଲାପାଜୁ ଗ୍ରାମର ଘନଶ୍ୟାମ ପ୍ରଧାନଙ୍କଠାରୁ ବନ୍ଧୁକ କିଣିଥିଲେ। ତାଙ୍କଠାରୁ ସୂଚନା ପାଇବା ପରେ ମୋହନା



ପୁଲିସ ଓ ଅଡ଼ବା ପୁଲିସ ସଦଳବଳେ ଗୋଲାପାଜୁ ଗ୍ରାମରେ ଚଢ଼ଉ କରିଥିଲେ। ଘନଶ୍ୟାମକୁ ଧରିବା ପରେ ସେ ଗ୍ରାମର ଅଳ୍ପ ଦୂରରେ ଥିବା ଏକ ପାହାଡ଼ରେ ଦେଶୀ ବନ୍ଧୁକ କାରଖାନା କରିଥିବା ସ୍ୱୀକାର କରିଥିଲା। ପାହାଡ଼କୁ ଯାଇ ଅନୁସନ୍ଧାନ କରିବା ପରେ ସେଠାରେ କାରଖାନା ଠାବ ହୋଇଥିଲା। ଘଟଣାସ୍ଥଳରୁ ଆଉ ୧୦ଟି ଦେଶୀ ବନ୍ଧୁକ ସହ ବନ୍ଧୁକ ତିଆରି ସରଞ୍ଜାମ ଜବତ କରାଯାଇଛି। ବେଆଇନ ଭାବେ ବନ୍ଧୁକ ତିଆରି କରୁଥିବା ଅଭିଯୋଗରେ ଘନଶ୍ୟାମକୁ ଗିରଫ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଗୋଟିଏ ବନ୍ଧୁକର ମୂଲ୍ୟ ୫୦୦୦ ଟଙ୍କା ପଡୁଥିବା ବେଳେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଅଂଚଳର ଲୋକଙ୍କୁ ଏହା ଯୋଗାଇ ଦିଆଯାଉଥିଲା। ପ୍ରାୟ ୩ ବର୍ଷ ହେଲା ଏହା ପୁଲିସ ଅଗୋଚରରେ ଚାଲିଥିଲା। ଏ ନେଇ ମୋହନା ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# କଳିଙ୍ଗର ନୌବାଣିଜ୍ୟ

**ବୈକୁଣ୍ଠନାଥ ପ୍ରଧାନ**

ଖ୍ରୀ:ପୂ. ଷଷ୍ଠ ଶତାବ୍ଦୀରେ ଭାରତର ପୂର୍ବ ଉପଖଣ୍ଡର ବଙ୍ଗୋପସାଗର କୂଳରେ ଏକ ସମୃଦ୍ଧ ଜନପଦର ଅଭ୍ୟୁଦୟ ହୋଇଥିଲା । ତା'ର ନାଁ ହେଉଛି କଳିଙ୍ଗ । ଗ୍ରୀକ୍ ଭୌଗଳିକ ଟୋଲେମୀଙ୍କର ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀରେ ପ୍ରଣିତ ଶାସ୍ତ୍ରରୁ ଜଣାଯାଏ ଯେ କଳିଙ୍ଗରେ ସେତେବେଳେ ଏକ ବିସ୍ତୃତ ବେଳାଭୂମି ଥିଲା ଏବଂ ସେଠାରେ ଏକ ସମୃଦ୍ଧ ନୌବାଣିଜ୍ୟ ପ୍ରସାରଲାଭ କରିଥିଲା । କାଳକ୍ରମେ ଏହି କଳିଙ୍ଗର ପରିସୀମା ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ଉପତ୍ୟକା ଓ ପୂର୍ବରେ ବଙ୍ଗୋପ ସାଗରଠାରୁ ପଶ୍ଚିମରେ ଅମରକଣ୍ଟକ ପର୍ବତମାଳା ପର୍ଯ୍ୟନ୍ତ ବିସ୍ତୃତିଲାଭ କରିଥିଲା । ରାଜା ବଳିଙ୍କର ପାଞ୍ଚ ପୁତ୍ର ଥିଲେ ଏବଂ କଳିଙ୍ଗ ତାଙ୍କର ଜଣେ ପୁତ୍ରଙ୍କ ନାମ ଥିଲା । ଏହି କଳିଙ୍ଗଙ୍କ ନାମାନୁସାରେ ପ୍ରାଚୀନ କଳିଙ୍ଗର ନାମକରଣ କରାଯାଇଛି ବୋଲି ପୁରାଣରୁ ଜଣାଯାଇଥାଏ । ପୁନଶ୍ଚ, ପ୍ରାଚୀନ କଳିଙ୍ଗର ଅଧିବାସୀଙ୍କ ନାମାନୁସାରେ ଏ ରାଜ୍ୟର ନାମ କଳିଙ୍ଗ ହୋଇଛି ବୋଲି ଅନ୍ୟ କେତେକ ମତାମତ ଦେଇଥାନ୍ତି । କଳିଙ୍ଗବାସୀଙ୍କର ପ୍ରଧାନ ପେଷା କୃଷି ହୋଇଥିବା ଦୃଷ୍ଟେ ସେମାନଙ୍କୁ 'କାଳିଙ୍ଗି' ବୋଲି କୁହାଯାଉଥିଲା । ଅନ୍ୟ କେତେକଙ୍କ ମତରେ ଏହି କାଳିଙ୍ଗି ଶବ୍ଦରୁ କଳିଙ୍ଗର ନାମକରଣ ହୋଇଛି ବୋଲି ଜଣାପଡ଼େ ।ଏକଦା ପ୍ରାଚୀନ କଳିଙ୍ଗର ସୁଦୀର୍ଘ ସାମୁଦ୍ରିକ ବେଳାଭୂମିରେ ଶହ ଶହ ପୋତାଶ୍ରୟ ଏବଂ ବନ୍ଦର ଥିଲା । ଏହି ରାଜ୍ୟର ସୁଦୀର୍ଘ " ସମୁଦ୍ର ଉପକୂଳ ଥିବାରୁ ଏହାର ଅଧିବାସୀମାନେ ନୌବାଣିଜ୍ୟରେ ବିଶେଷ ପାରଦର୍ଶିତା ଦେଖାଇ ପାରିଥିଲେ । ନୌବାଣିଜ୍ୟ ମାଧ୍ୟମରେ କଳିଙ୍ଗର ସାଧବପୁଅମାନେ ସମୁଦ୍ର ଉପରେ ଆଧିପତ୍ୟ ଜାହିର କରିପାରିଥିଲେ । ସମୁଦ୍ର ଆରପାଖରେ ଥିବା ବିଭିନ୍ନ ରାଷ୍ଟ୍ରମାନଙ୍କରେ ବେପାର ବଣିଜ କରି ସେମାନେ ସେଠାରେ ବସତି ସ୍ଥାପନ କରିଥିଲେ । ବୋଧହୁଏ ସେଥିପାଇଁ କାଳିଦାସ ତାଙ୍କ ରଘୁବଂଶ କାବ୍ୟରେ କଳିଙ୍ଗ ରାଜାଙ୍କୁ 'ମହୋଦଧିପତି' ରୂପେ ବର୍ଣ୍ଣନା କରିଛନ୍ତି । ବହୁଦିନଧରି କଳିଙ୍ଗ ବୌଦ୍ଧ ଧର୍ମର ଏକ ପୀଠସ୍ଥଳ ଥିଲା ଏବଂ ଏହିଠାରୁ ବୌଦ୍ଧଭିକ୍ଷୁ ଓ ଶ୍ରମଣମାନେ ଜଳପଥରେ ଯାଇ ଚୀନ୍, ବ୍ରହ୍ମଦେଶ, ସିଂହଳ ପ୍ରଭୃତିରେ ବୌଦ୍ଧଧର୍ମ ପ୍ରଚାର କରିଥିଲେ । ପ୍ରାଚୀନ ବୌଦ୍ଧଶାସ୍ତ୍ର ମାନଙ୍କରେ ବର୍ତ୍ତମାନର ବଙ୍ଗୋପ ସାଗରକୁ କଳିଙ୍ଗ ସାଗର ନାମରେ ବର୍ଣ୍ଣନା କରାଯାଇଥିବାର ଜଣାପଡ଼େ ।

ବିଶିଷ୍ଟ ଐତିହାସିକ ହଷ୍ଟରଙ୍କ 'ଓଡ଼ିଶା ଇତିହାସ' ପୁସ୍ତକର ପ୍ରଥମ ଖଣ୍ଡରୁ ଜଣାପଡ଼େ ଯେ ଓ, ଶାରେ ସୁବର୍ଣ୍ଣରେଖା, ଛନୁଆ, ବାଲେଶ୍ୱର, ଲଇଛଣପୁର, ଚୂଡ଼ାମଣି, ଧାମରା, ଫଲ୍‌ସପଏଣ୍ଟ, ପୁରୀ ଓ ଗୋପାଳପୁର ନାମରେ ନଅ ଗୋଟି ବନ୍ଦର କାର୍ଯ୍ୟକାରୀ ହେଉଥିଲା । ଗ୍ରୀକ୍ ଭୌଗଳିକ ଟୋଲେମୀ ପ୍ରଥମ ଶତାବ୍ଦୀରେ କଳିଙ୍ଗର କେତେଗୁଡ଼ିଏ ସମୃଦ୍ଧଶାଳୀ ନଗର, ବନ୍ଦର ଓ ନଦୀ ବିଷୟରେ ବର୍ଣ୍ଣନା କରିଛନ୍ତି । ତାଙ୍କ ବର୍ଣ୍ଣିତ କଳର୍ଦ୍ଦମ-କଟକ, ନନୀଗେନ-ପୁରୀ, କୋଣମ୍ୱ-ବାଲେଶ୍ୱର, କୋଣଗର-କୋଣାର୍କ, ଅବମ ସ-ସୁବର୍ଣ୍ଣ ରେଖା, ପଲରୁ-ଜଳେଶ୍ୱର, ପଲୁରା-ଗଞ୍ଜାମର ଏକ ନଗର, ଦୋସରମ-ବୈତରଣୀ ପ୍ରଭୃତି ବଡ଼ ବଡ଼ ନଦୀ ଓ ବନ୍ଦର ନଗରମାନ ପ୍ରଥମ ଶତାବ୍ଦୀର ବହୁ ପୂର୍ବରୁ ବାଣିଜ୍ୟ କେନ୍ଦ୍ର ଭାବରେ ପ୍ରସିଦ୍ଧିଲାଭ କରିଥିଲା । ପ୍ରାଚୀନ ବେଲିତାଲୋ ଓ ଚରିତ୍ରପୁର ବନ୍ଦର ବାଲେଶ୍ୱରର ଚାନ୍ଦବାଲି ଓ ଚାନ୍ଦିପୁର ବୋଲି ଅନୁମାନ କରାଯାଏ । ପ୍ରଥମ ଶତାବ୍ଦୀରେ ପ୍ଲିନି ତାଙ୍କ 'ନେଚୁରାଲ ହିଷ୍ଟ୍ରି' ବହିରେ ଲେଖୁଛନ୍ତି ଯେ ଏହି ବନ୍ଦରମାନଙ୍କରୁ ସାଧବପୁଅମାନେ ସିଂହଳ, ଜାଭା, ସୁମାତ୍ରା, ବାଲି, ବୋଷ୍ଣିଓ ଓ ବର୍ମା ଇତ୍ୟାଦି ଦେଶରେ ବାଣିଜ୍ୟ କରି ଓଡ଼ିଶାର ଗୌରବକୁ ବଢ଼ାଇ ଥିଲେ । ବ୍ରହ୍ମ ଦେଶର ପେଗୁ ଅଞ୍ଚଳରେ କଳିଙ୍ଗ ଅଧିବାସୀମାନେ ଉପନିବେଶ ସ୍ଥାପନ କରିଥିଲେ ବୋଲି ଗ୍ରୀକ୍ ପରିବ୍ରାଜକ ମେଘାସ୍ଥିନିସ୍‌ଙ୍କ ବିବରଣୀରୁ ଜଣାପଡ଼େ । ସେତେବେଳେ କାର୍ତ୍ତିକ ପୂର୍ଣ୍ଣିମା ଦିନ ସାଧବପୁଅମାନେ ପ୍ରତ୍ୟୁଷରୁ ସ୍ନାନ କରି ବୋଇତରେ ଗଙ୍ଗାମାତାଙ୍କୁ ପାନ ଏବଂ ଗୁଆ ସମର୍ପଣ ପୂର୍ବକ ପୂଜା କରୁଥିଲେ । ସେଦିନର ବୋଇତ ମହାଆଡ଼ମ୍ବରରେ ବନ୍ଧୁବାନ୍ଧବ, ମାଝି ସୌଦାଗରଙ୍କ ଜ୍ଞାତି ଭୋଜନ ପରେ, ମା'ମଙ୍ଗଳାଙ୍କ ପୂଜା ଅର୍ଚ୍ଚନା, ବ୍ରାହ୍ମଣ-ଜ୍ୟୋତିଷଙ୍କ ମଙ୍ଗଳାଷ୍ଟକ ପାଠ, ଲୋକମୁଖରେ ହରିବୋଲ ଓ ପୁରନାରୀମାନଙ୍କର ହୁଳହୁଳି ନାଦ ପରେ ଧୂପ ଦୀପରେ ବିଦାୟ ନେଇ ଅଝାଳ ଉଡ଼ାଇ ସମୁଦ୍ରର ନୀଳ ଜଳରେ ଭାସି ଯାଉଥିଲା । ଚାରିପାଞ୍ଚ ମାସ ପରେ ଓଲଟା ମୌସୁମୀ ବାୟୁ ବହିଲେ ସାଧବ ପୁଅମାନେ ବୋଇତକୁ ଧନରତ୍ନରେ ପୂର୍ଣ୍ଣକରି ଘରକୁ ଫେରୁଥିଲେ ।

ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଶାସନ କ୍ଷେତ୍ରରେ ଅସ୍ଥିରାବସ୍ଥା, ଅତ୍ୟାଚାର, ରାଜ୍ୟ ମଧ୍ୟରେ ଜୀବନଯାତ୍ରାର ଅଚଳ ଅବସ୍ଥା, ଲୁଣ୍ଠନ, ରାହାଜାନୀ ସହିତ ସାଗର ମଧ୍ୟରେ ସାଗର ଦସ୍ୟମାନଙ୍କ ଆକ୍ରମଣରେ ଓଡ଼ିଆ ସାଧବର ବଣିକ ତରୀ ପୂର୍ବବତ୍ ସାଗରର ନୀଳ ଜଳରାଶିରେ ଆଗେଇ ପାରିଲା ନାହିଁ । ଦସ୍ୟୁ ମରହଟ୍ଟାବର୍ଗୀମାନଙ୍କ ଆକ୍ରମଣ ଭୟରେ କଳିଙ୍ଗର ସାଧବପୁଅମାନେ ବୋଇତରେ ବେପାର କରିବା ପାଇଁ ଆଉ ଲାଭଦାୟକ ମନେ କଲେ ନାହିଁ । ପରବର୍ତ୍ତୀ ସମୟରେ ଇଷ୍ଟଇଣ୍ଡିଆ କମ୍ପାନୀର ବାଣିଜ୍ୟପୋତ କଳିଙ୍ଗ ସାଧବ ପୁଅମାନଙ୍କର ବାଣିଜ୍ୟିକ ଅଧିକାରକୁ ଅପହରଣ କରି ନେଲେ । ବୋଇତ ସାହାଯ୍ୟରେ ବେପାର ବଣିଜ କରିବା କଳିଙ୍ଗରୁ ଲୋପ ପାଇଲା । ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟର ସ୍ମାରକୀ ବହନ କରି ଆଜି ବି

ଓଡ଼ିଶାର ପୁରପଲ୍ଲୀରେ ବିଭିନ୍ନ ପ୍ରକାର ପର୍ବପର୍ବାଣି ପାଳନ କରାଯାଉଛି । କାର୍ତ୍ତିକ ପୂର୍ଣ୍ଣିମାରେ ହେଉଥିବା ବାଲିଯାତ୍ରା ଓ ବୋଇତ ବନ୍ଦାଣ, ଚୈତ୍ର ପୂର୍ଣ୍ଣମୀରେ ଘୋଡ଼ାନାଚ, ଭାଦ୍ରବ ମାସରେ ଖୁଦୁରୁକୁଣୀ ଓଷା, ଦୀପାବଳୀରେ ବୋଲତ ଝୋଟି ଇତ୍ୟାଦି ପାଳିତ ହେବା ସଂଗେସଂଗେ ପୂର୍ବ ଗୌରବ ଓ ପରମ୍ପରାକୁ ମନେ ପକାଇ ଦିଏ । ଖୁଦୁରୁକୁଣୀ ଓଷାରେ ଭଉଣୀମାନେ ଭାଇମାନଙ୍କର ଶୁଭ ମନାସି ମା'ମଙ୍ଗଳାଙ୍କୁ ପ୍ରାର୍ଥନା ଓ ପୂଜା କରିଥାନ୍ତି । ଏହା ସାଧବପୁଅମାନଙ୍କ କଥା ମନେ ପକାଇ ଦିଏ । ପ୍ରାଚୀନ କାଳର ବୋଇତ ଯାତ୍ରାର ସ୍ମୃତିକୁ ପାଳନ କରିବା ପାଇଁ ଏବେ ବି ଓଡ଼ିଶାର ଲୋକମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରାତଃ କାଳରେ କଦଳୀ ବାହୁଙ୍ଗା କିମ୍ବା ସୋଲରେ ତିଆରି ଛୋଟ ଛୋଟ ଡଙ୍ଗା ସବୁ ନଈ, ନାଳ, ପୋଖରୀ ଓ ସମୁଦ୍ରରେ ସ୍ନାନ କରିବା ପୂର୍ବକ ସେଠାରେ ଥିବା ପାଣିରେ ଭସାରି । ସେହି ଡଙ୍ଗାଗୁଡ଼ିକରେ ବତିସବୁ ଖୋସା ଯାଇଥାଏ ଏବଂ ପାନ ଓ ଗୁଆ ଥୁଆ ହୋଇଥାଏ । ଡଙ୍ଗା ଭସାଇଲା ବେଳେ ସେମାନେ କହନ୍ତି

ଆକା ମାଲେଁ, ପାନ ଗୁଆ ଥୋଇ ପାନ ଗୁଆ ତୋର, ମାସକଯାକ ଧର୍ମ ମୋର ।'

କଟକ ଗଡ଼ଗଡ଼ିଆଘାଟଠାରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭହୋଇ ସାତଦିନ ବାଲିଯାତ୍ରା ଆରମ୍ଭ ହୁଏ । ପାରାଦ୍ୱୀପ ବନ୍ଦରରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥାଏ । କ ରେ ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟର ସ୍ମୃତିଚାରଣ ନିମନ୍ତେ ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶ୍ ) ସରକାର ୧୯୯୨ ମସିହା ନଭେମ୍ବର ମାସ ୧୦ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ ପାରାଦ୍ୱୀପ ବନ୍ଦରରୁ ଏକ ଐତିହାସିକ ନୌଯାତ୍ରାର ଶୁଭାରମ୍ଭ କରିଥିଲେ । ଭାରତୀୟ ନୌବାହିନୀର ଜାହାଜ ଆଇ.ଏନ୍.ଏସ୍. 'ସମୁଦ୍ର' କାର୍ତ୍ତିକ ପୂର୍ଣ୍ଣମା ଦିନ ସକାଳରୁ ବାଲିଦ୍ୱୀପ ଅଭିମୁଖେ ସାତ ଜଣ ନୌ-ଅଭିଯାତ୍ରୀଙ୍କୁ ଧାରଣ କରିବା ପୂର୍ବକ ଯାତ୍ରା ଆରମ୍ଭ କରିଥିଲା । ଏହି ଯାତ୍ରାରେ ଜଣେ ଉତ୍କଳୀୟ ସ୍ଥାନ ପାଇଥିଲେ । ପାରାଦ୍ୱୀପ ବନ୍ଦରରୁ ଏହି ଯାତ୍ରା ଆରମ୍ଭ ହୋଇ ଗୋପାଳପୁର ବନ୍ଦର ବାଟଦେଇ ଭାଇଜାଗ୍, ମାନ୍ଦ୍ରାଜ, କାମ୍ପବେଲ, ବେ-ଅଫ୍-ନିକୋବର, ଥାଇଲାଣ୍ଡ, ବେଦାଙ୍ଗ ଏବଂ ଇଣ୍ଡୋନେସିଆର ଜାକର୍ତ୍ତା ଓ ସୁରବାୟା ଆଦି ବନ୍ଦର ଦେଇ ଉକ୍ତ ଜାହାଜ ବାଲିଦ୍ୱୀପରେ ପହଞ୍ଚିଥୁଲା । ୧୯୯୩ ମସିହା ଜାନୁଆରୀ ୩୧ ତାରିଖ ଦିନ ନୌ-ଅଭିଯାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦେବାପୂର୍ବକ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତତ୍‌ସଂଗେସଂଗେ ଓଡ଼ିଶା ଉତ୍ସବ ଉଦ୍‌ଘାଟିତ ହୋଇଥିଲା । ଏହି ଉତ୍ସବ ପାଳନ ଦ୍ୱାରା ଓଡ଼ିଶାର ପୂର୍ବ ଗୌରବ ଓ ଐତିହ୍ୟକୁ ମନେ ପକାଯାଇଥିଲା।

ଅତୀତର ଗୌରବ ପ୍ରତ୍ୟେକ ଜାତିର ପ୍ରେରଣାର ଉତ୍ସ । ପୂର୍ବ ଗୌରବର ସ୍ମୃତି ଉନ୍ନତି ପାଇଁ ଏକ ଉତ୍କୃଷ୍ଟ ସହାୟ । ଓଡ଼ିଆ ଜାତି ପୂର୍ବ ଗୌରବକୁ ଫେରାଇ ଆଣି ନୌବାଣିଜ୍ୟ ମାଧ୍ୟମରେ ଅର୍ଥନୈତିକ ସ୍ୱଚ୍ଛଳତା ଆଣିବା ପାଇଁ ବଦ୍ଧପରିକର ହେବା ଅତୀବ ଜରୁରୀ ମନେହୁଏ । ଯଥାର୍ଥରେ କବି ମାୟାଧର ମାନସିଂହ 'ବୋଇତ ବନ୍ଦାଣ' କବିତାରେ ବୋଇତକୁ ଆହ୍ୱାନ କରି ଗାଇଛନ୍ତି -

'ଜୟ ଗୋ ବୋଇତରାଣୀ ସଲିଳ-ସୁନ୍ଦରୀ ଆମ୍ଭ ଲାଗି ଆଣଧନ କାହୁଁ ଗର୍ଭେ ଭରି ପୂର୍ଣ୍ଣକର ଗଚ୍ଛାଘର। ତୁମ୍ଭଲାଗି ପୂରି ଉଠେ ଭବନ ଆମ୍ଭର ।

# ଐତିହାସିକ ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବ

**ସୁଶାନ୍ତ କୁମାର ସେନାପତି**

ଭାରତର ସାମାଜିକ, ରାଜନୈତିକ, ଧାର୍ମିକ ଓ ସାଂସ୍କୃତିକ ବିବର୍ତ୍ତନ ଦୃଷ୍ଟିରୁ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର ଅଟେ । ରାଜନୈତିକ ସୀମାକୁ ନେଇ ଓଡ଼ିଶା ପୂର୍ବେ କଳିଙ୍ଗ, କଙ୍ଗୋଦ, ଭଦ୍ର, କୋଶଳ ଓ ଉତ୍କଳ ଆଦି ନାମରେ ପରିଚିତ ଥିଲା । ପ୍ରାଚୀନ ଉତ୍କଳ ଏକ ବୈଭବଶାଳୀ ଓ ସମୃଦ୍ଧଶାଳୀ ଦେଶ ରୂପେ ପରିଗଣିତ ହେଉଥିଲା । ନବନଦୀ, ବଣ ପାହାଡ଼, ସୁଳିତ ସମୁଦ୍ରର ବେଳାଭୂମି, ଶସ୍ୟଶ୍ୟାମଳଭତ୍ତା କ୍ଷେତ, ଦୁର୍ମୂଲ୍ୟ ଖଣିଜ ରତ୍ନରେ ଭରପୂର ଓଡ଼ିଶା ଭାରତମାତାର ମଣି ସଦୃଶ । ଓଡ଼ିଆ ପୁଅର ସାହସିକତା ଓ ବୀରତ୍ୱର ଗାଥା ପୌରାଣିକ ଗ୍ରନ୍ଥ ମହାଭାରତ ଏବଂ ଇତିହାସ ପୃଷ୍ଠାରେ ବିମଣ୍ଡିତ । ଆମର ସଂସ୍କୃତି ଖ୍ରୀଷ୍ଟପୂର୍ବ ଦଶହଜାର ବର୍ଷର ପୂର୍ବବର୍ତ୍ତୀ ବୋଲି ଗବେଷକମାନେ ମତ ଦିଅନ୍ତି । ବିବର୍ତ୍ତନବାଦର ସ୍ରୋତରେ ଉତ୍କଳୀୟ ସାଂସ୍କୃତିକ ପରମ୍ପରା ବିଲୁପ୍ତ ହୋଇଯାଇଥିବା ସ୍ଥଳେ କଟକର ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉତ୍କଳ ଅତୀତର ସ୍ମୃତି ଓ ସ୍ୱାଭିମାନକୁ ଉଜ୍ଜୀବିତ କରିଥାଏ ।

କଟକ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର । ପୂର୍ବେ ଏହା ଓଡ଼ିଶାର ରାଜଧାନୀ ଥିଲା ଏବଂ ଏହାକୁ ଓଡ଼ିଶାର ଏକ ମୁଖ୍ୟ ବାଣିଜ୍ୟ କେନ୍ଦ୍ର ଭାବେ ପରିଗଣିତ କରାଯାଏ । କଟକକୁ ଛାଡ଼ି ଓଡ଼ିଶାର ଶିକ୍ଷା, ସଂସ୍କୃତି ଓ ପ୍ରଗତିର କଥା ଚିନ୍ତା କରାଯାଇପାରେ ନାହିଁ । ସେଥିପାଇଁ କଥାରେ ଅଛି କଟକ ନଗର ଧବଳ ଟଗର । କଟକର ବାଲିଯାତ୍ରା ସମଗ୍ର ଉତ୍କଳର ଐତିହ୍ୟ ଓ ସଂସ୍କୃତିର ବୈଚୟନ୍ତୀ ଗୌରବାଜ୍ଜ୍ୱଳ ପ୍ରାଚୀନ ନୌବାଣିଜ୍ୟର ନାର୍ଭାବହ । ଏହି ଯାତ୍ରା କେବଳ ପ୍ରଦର୍ଶନୀର ଏକ କ୍ଷେତ୍ର ନୁହେଁ ଏହା ଆମ ରାଜ୍ୟର ଶିଳ୍ପ, କଳା, ଭାସ୍କର୍ଯ୍ୟ, ବିଭିନ୍ନ ବାଣିଜ୍ୟିକ ବିଭବ ତଥା ହସ୍ତଶିଳ୍ପ ଓ କୁଟୀର ଶିଳ୍ପର ଏକ ଭରପୂର ଗନ୍ତାଘର । ତେଣୁ ବାଲିଯାତ୍ରା ଓଡ଼ିଶାର ଏକ ଜାତୀୟ ପର୍ବ ଭାବରେ ସୁପ୍ରତିଷ୍ଠିତ ଓ ସୁବିଦିତ । ଏହି ବାଲିଯାତ୍ରା ଉତ୍ସବ କେବେଠାରୁ ଓ କାହିଁକି ପ୍ରଚଳିତ ତା'ର କିଛି ସଠିକ୍ ପ୍ରମାଣ ନାହିଁ । ଐତିହାସିକ ତଥା ଗବେଷକମାନେ ଏହା ଉପରେ ଭିନ୍ନ ଭିନ୍ନ ମତପୋଷଣ କରନ୍ତି । କେତେକ କହନ୍ତି କାର୍ତ୍ତିକ ପୂର୍ଣ୍ଣିମା ଦିନ ଶ୍ରୀ ଚୈତନ୍ୟ ମହାପ୍ରଭୁ କଟକରେ ବିରାଜମାନ କରି ଉଦ୍ଦଣ୍ଡ କୀର୍ତ୍ତନ ପୂର୍ବକ ବିଭୁ ପ୍ରେମରେ ଆତ୍ମ ବିସ୍ମୃତ ହୋଇ ପୁଣ୍ୟତୋୟା ମହାନଦୀର ବାଲିଘାଟରେ ଗଡ଼ି ଗଡ଼ି ଲୋଟି ଯାଇଥିଲେ । ସେଇଦିନଠାରୁ ଏ ପବିତ୍ରଘାଟ ଗଡ଼ଗଡ଼ିଆ ଘାଟ ରୂପେ ବିଦିତ ଏବଂ ସେଇ ଅବିସ୍ମରଣୀୟ ସ୍ମ ବିକୁ ସାଉଁଟି ରଖିବାକୁ ଯେଉଁ ଉତ୍ସବର ଆୟୋଜନ କରାଯାଇଥିଲା, ଆଜିର ବାଲିଯାତ୍ରା ତାହାର ଏକ ପରିପ୍ରକାଶ । ଦ୍ୱିତୀୟ ମତଟି ହେଲା ଏହିଦିନ ବଣିକ ବେପାର ସାରି ସୁଦେଶକୁ ବାହୁଡ଼ି ଆସୁଥିବା ସାଧବମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏପରି ଏକ ଆୟୋଜନ କରାଯାଇଥିଲା । କିନ୍ତୁ କେତେକଙ୍କ ମତରେ 'କାର୍ତ୍ତିକ ପୂର୍ଣ୍ଣିମା' ଦିନ ସାଧବମାନେ ବୋଇତରେ ବାଲିଦ୍ୱୀପକୁ ଯାତ୍ରା କରୁଥିବାରୁ ଏ ଉତ୍ସବ 'ବାଲିଯାତ୍ରା' ନାମରେ ନାମିତ ହୋଇଛି । ଓଡ଼ିଆ ଝିଅଙ୍କ 'ଖୁଦୁରୁକୁଣୀ ଓଷା କଥାକୁ ତର୍ଜମା କରି ଦେଖିଲେ ତୃତୀୟ ତଥା ଶେଷ ମତଟି ଅଧିକ ପ୍ରାସଙ୍ଗିକ ମନେହୁଏ ।

କାର୍ତ୍ତିକ ମାସ ଓଡ଼ିଶାବାସୀଙ୍କ ପାଇଁ ଏକ ପବିତ୍ର ମାସ । ପୌରାଣିକ ତଥା ଧାର୍ମିକ ଦୃଷ୍ଟିରୁ ଏ ମାସର ଯଥେଷ୍ଟ ଗୁରୁତ୍ୱ ରହିଛି । ଆଶ୍ୱିନ, କାର୍ତ୍ତିକ ଓ ମାର୍ଗଶିର ଏ ତିନି ମାସରେ ଆକାଶ ମେଘମୁକ୍ତ ରହିଥାଏ । ତିନିମାସ ମଧ୍ୟରେ କାର୍ଷିକ ମାସ ସବୁଠାରୁ ଶୁଭପ୍ରଦ ଅଟେ । ଏହି ସମୟରେ ସମୁଦ୍ର ଶାନ୍ତ ଥାଏ । କାର୍ତ୍ତିକ ମାସରେ ବୋଇତ ନେଇ ସମୁଦ୍ରରେ ଯାତାୟାତ କରିବା ଅତ୍ୟନ୍ତ ନିରାପଦ ଅଟେ । ତେଣୁ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ଉତ୍କଳର ସାଧବପୁଅମାନେ ବିଭିନ୍ନ କାରିଗରୀ ଶିଳ୍ପ ସାମଗ୍ରୀ, ବସ୍ତ୍ର, ସୁଗନ୍ଧ ଦ୍ରବ୍ୟ, ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ନେଇ ପାଲଟଣା ବୋଇତମାନଙ୍କରେ ସାଜ ସମୁଦ୍ର ଚେର ନଈ ପାରି ହୋଇ ବେପାର ବଣିକ ପାଇଁ ଚାଲି, ଜାଭା, ସୁମାତ୍ରା ଓ ବୋର୍ଣ୍ଣିଓ ପ୍ରଭୃତି ସ୍ଥାନକୁ ଯାତ୍ରା କରୁଥିଲେ । ସେଠାରେ ରହି ସୁନା, ରୂପା ମଣି, ମୁଦ୍ରା ପ୍ରଭୃତି ମୂଲ୍ୟବାନ ଧାତୁମାନ ସଂଗ୍ରହ କରିବା ସଂଙ୍ଗେସଂଗେ ସାଥୀରେ ନେଇଥିବା ଦ୍ରବ୍ୟାଦିକୁ ବିକ୍ରୀ କରି ପ୍ରଚୁର ଧନ ସଂପତି ଧରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନଙ୍କର ପ୍ରତ୍ୟାବର୍ତ୍ତନ ଆଣି ଦେଇଥୁଲା ଶାନ୍ତି, ମୈତ୍ରୀ ଓ ପ୍ରୀତିର ସନ୍ଦେଶ । ସେତିକି ନୁହେଁ, ତାହା ଦେଶ ଦେଶ ମଧ୍ୟରେ ସୁସଂପର୍କ ଏବଂ ସମସ୍ତଙ୍କ ମଧ୍ୟରେ ଆତ୍ମୀୟତାର ଭାବକୁ ଉଦ୍ରେକ କରୁଥିଲା । ବାସ୍ତବରେ ଓଡ଼ିଆ ବଣିକମାନେ ଥିଲେ କୁବେରଙ୍କ ପରି ଧନୀ ଓ ମାନୀ । ବୋଇତ ବନ୍ଦାଣ ଉତ୍ସବ ନୌବାଣିଜ୍ୟ ସମୃଦ୍ଧ ଉତ୍କଳର ପରିଚୟ ପ୍ରଦାନ କରିଥାଏ । ଓଡ଼ିଶାରେ ଅନେକ ନଦୀ ଓ ବିସ୍ତୃତ ସମୁଦ୍ର ଉପକୂଳ ଥିବାରୁ ଓଡ଼ିଆ ମାନେ ନୌଯାତ୍ରାରେ ନିପୁଣ ଥିଲେ । ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ କେବଳ ଓଡ଼ିଶା ଭୂଖଣ୍ଡ ବା ଭାରତ ମଧ୍ୟରେ ସୀମାବଦ୍ଧ ନଥୁଲା । ତାହା ବିଶ୍ୱର ଅନେକ ଦେଶରେ ସମୁଦ୍ରର ପରପାରିରେ ପରିବ୍ୟାପ୍ତ ଥିଲା । ସେତେବେଳେ ବଙ୍ଗୋପସାଗର 'ପୂର୍ବାୟୁଧ" ନାମରେ ପରିଚିତ ଥିଲା । ବଙ୍ଗୋପସାଗରର ଚାରିପାଖରେ ଥିବା ସ୍ଥାନ ଯଥା-ବ୍ରହ୍ମଦେଶ, ଇଣ୍ଡୋଚୀନ, ଶ୍ୟାମ, ମାଳୟ, ଯଦି ବା ଜାଭା, ସୁମାତ୍ରା, ବାଲି, ଶ୍ରୀଲଙ୍କା ଓ ବୋର୍ଣ୍ଣିଓ ପ୍ରଭୃତିରେ ଓଡିଆମାନେ ନିଜର ସାମ୍ରାଜ୍ୟ ବିସ୍ତାର କରିଥିଲେ । ଏହି ସାମ୍ରାଜ୍ୟଗୁଡ଼ିକୁ ନେଇ କଳିଙ୍ଗ ରାଜ୍ୟର ନାମ "ବୃହତ୍ କଳିଙ୍ଗ" ହୋଇଥିଲା । ଅଦ୍ୟାବଧି ସେଠାକାର କେତେକ ଅଧିବାସୀ ନିଜକୁ 'କିଙ୍ଗ ବା କଳିଙ୍ଗଲାଡି ଭାବେ ଅଭିହିତ କରନ୍ତି । କଳିଙ୍ଗ ଜାତି 'ପୂର୍ବାମୁଧ ବା ବଙ୍ଗୋପସାଗରକୁ ନିଜର କ୍ଷମତା ବଳରେ 'କଳିଙ୍ଗ ସାଗର' ନାମ ଦେଇଥିଲେ । 'ଆର୍ଯ୍ୟ ମଞ୍ଜୁଶ୍ରୀ ମୁଳକଳ'ରେ ପୂର୍ବାୟୁଧର ନାମ କଳିଙ୍ଗୋଦ ବା କଳିଙ୍ଗ ସାଗର ରୂପେ ବର୍ଣ୍ଣିତ ହୋଇଥିବାରୁ ଏହି ସାଗର କଳିଙ୍ଗ ଅଧିବାସୀମାନଙ୍କ ଦ୍ୱାରା ପ୍ରାଧାନ୍ୟ ବିସ୍ତାର କରିଥିବାର ଜଣାଯାଏ । ସମୁକ୍ତ ଯାତ୍ରାରେ କଳିଙ୍ଗର ଦୁର୍ବାର ଶକ୍ତି ଓ ଦକ୍ଷତା ପାଇଁ କାଳି ଦାସ ତାଙ୍କ ପ୍ରସିଦ୍ଧ କାବ୍ୟ "ରଘୁବଂଶ'ସେ କଢିଙ୍ଗ ରାଜାଙ୍କୁ ମହୋଦଧିପତି ବା ସମୁଦ୍ରରାଜା ଭାବେ ବର୍ଣ୍ଣନା କରିଛନ୍ତି । ଟଲେମିଙ୍କ ମତରେ ଚୋଷାଳି କଳିଙ୍ଗର ରାଜଧାନୀ ଥିଲା କିନ୍ତୁ ପରିବ୍ରାଜକ ମେଘାସ୍ଥ ନିସ୍‌ଙ୍କ ପ୍ରଦତ୍ତ ତଥ୍ୟରୁ 'ପର୍ଥଲି କଳିଙ୍ଗର ରାଜଧାନୀ ଏବଂ କଳିଙ୍ଗ ଉପକୂଳର ଦୈର୍ଘ୍ୟ ସାତଶକ ମାଇଲ୍ ବୋଲି ଐତିହାସିକ କଥାନୁଯାଏ ୨୫୦୦ ବର୍ଷ ପୂର୍ବରୁ ପ୍ରାଚୀନ କଳିଙ୍ଗ ସାମ୍ରାଜ୍ୟ ନୌବାଣିଜ୍ୟ କ୍ଷେତ୍ରରେ ସମଗ୍ର ଭାରତବର୍ଷରେ ପୂରା ଅଦ୍‌ୱିତୀୟ । ହରଙ୍କ ଓଡ଼ିଶା ଇତିହାସ ପ୍ରଥମ ଖଣ୍ଡାନୁସାରେ ସୁବର୍ଣ୍ଣରେଖା, ଛତୁଆ, ବାଲେଶ୍ୱର, ଚୁଡ଼ାମଣି, ଧାମରା, ଚାନ୍ଦବାଲି ଲଇଛନପୁର, ପୁରୀ, ତାମଲୁକ ଓ ପଲସ୍ ପଏଣ୍ଟ ପ୍ରଭୃତି ୯ ଗୋଟି ବନ୍ଦର ସେତେବେଳେ କାର୍ଯ୍ୟକ୍ଷମ ଥିଲା । ସେଥି ମଧ୍ୟରୁ ଧାମରା -ଚାନ୍ଦବାଲି ପ୍ରଧାନ ବନ୍ଦର ରୂପେ ପରିଗଣିତ ହେଇଥିଲା । ତେଣୁ ଏହାକୁ 'କଳିଙ୍ଗର ପ୍ରବେଶ ପଥ' ବୋଲି କୁହାଯାଉଥିଲା । ଆସର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ପାଇଁ ସେତେବେଳେ ଚାନ୍ଦବାଲି ବନ୍ଦର ବେଶ୍ ନାଁ କରିଥିଲା । ଧାମରା ଓ ଚାନ୍ଦବାଲି ବନ୍ଦର ଓଡ଼ିଶାର ରାଜନୈତିକ ଓ ଅର୍ଥନୈତିକ ଇତିହାସର ଏକ ପ୍ରତିଫଳନ ଅଟେ । ବ୍ରିଟିଶ୍ ସାହେବ ମ୍ୟାର୍‌ନେଲ୍ ୧୮୫୮ ମସିହା ମାର୍ଚ୍ଚ ୧୮ ତାରିଖରେ ଧାମରା ଓ ୧୮୮୧ ମାର୍ଚ୍ଚ ୨୮ ତାରିଖରେ ଚାନ୍ଦବାଲି ବନ୍ଦରର ଉଦ୍‌ଘାଟନ କରିଥିଲେ । ଗବେଷକମାନଙ୍କ ମତାନୁସାରେ ତାମ୍ରଲିପ୍ତ, ଚେନିଗଲେ), ଋଷିକୁଲ୍ୟା ନଦୀ ମୁହାଣରେ ଅବା ପାକୁର ବା ପାତ୍ରର, ଜୟପୁର, ପାରାଦୀପ, ପିତୃଣ୍ଡା ( ଅସ୍ତରଙ୍ଗ), ପିପିଲି ଆଦି ବନ୍ଦର ଦେଇ ସେତେବେଳେ ବୋଇତମାନ ଯିବା ଆସିବା କରୁଥୁଲା । ତାଲିପ୍ତ ଥିଲା ବଙ୍ଗୋପସାଗର ବା କଳିଙ୍ଗ ସାଗରର କେନ୍ଦ୍ର ବନ୍ଦର । ନୀନ୍ ପରିବ୍ରାଜକ ହୁଏନ୍‌ସା" ତାଙ୍କ ଭ୍ରମଣ କାହାଣୀରେ "ଚେଲିତାଲୋ' ଓ 'ଚରିତ୍ର ନାମରେ ଦୁଇଟି ବନ୍ଦର ବେଶ୍ ଖ୍ୟାତି ଲାଭ କରିଥିବା କଥା ଉଲ୍ଲେଖ କରିଛନ୍ତି । କେତେକ ଐତିହାସିକ କୁହନ୍ତି 'ନେଲିତାଲୋ' କାଳକ୍ରମେ ଚାନ୍ଦବାଲି ଓ "କଭିନ୍ନ" ବନ୍ଦର ଚାନ୍ଦିପୁର ନାମରେ ଖ୍ୟାତ ହୋଇଥାଇପାରେ । ସେହି କେହି ପାରାଦୀପ ନିକଟସ୍ଥ 12 ତିର୍ତ୍ତୋଲକୁ "ଚେନିକାଲେ।" ବୋଲି ମତ ଦେଇଥିଲେ ମଧ୍ୟ ଏହା ଅପ୍ରାସଙ୍ଗିକ ମନେହୁଏ । ବରଂ ଚିଲିକା କୂଳବର୍ତ୍ତୀ 'ଚିତ୍ରଗଡ଼" କୁ 'ବେଳିତାଲୋ' ବୋଲି କହିବାର ଯଥାର୍ଥତା ବେଶୀ ପ୍ରାସଙ୍ଗିମ ମନେହୁଏ । କିଲିକା ପୂର୍ବେ ବନ୍ଦର ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲା । ଏହାର ଗଭୀର ଓ ପ୍ରଶର ମୁହାଣ ଦେଇ ବଡ଼ ବଡ଼ ବୋଇର ସବୁ ସୁବିଧାରେ ଯାତାୟାର କରିପାରୁଥିଲେ । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତକରେ 'ପହୁଣ୍ଡ' ନାମକ ଏକ ବନ୍ଦର ଆମ ରାଜ୍ୟରେ ଥିବାର ସୂଚନା ଜୈନ ଧର୍ମଗ୍ରନ୍ଥ 'ଇରାୟନ ସୂତ୍ରରେ ଦେଖିବାକୁ ମିଳେ । ଐତିହାସିକ ସିଲଭାନ୍ ଲେଲି ଏହାକୁ ଖାରବେଳଙ୍କ ଶିଳାଲିପି ଦଣ୍ଡିତ "ପିତୃଣ୍ଡ" ଓ ଚଲେମିଙ୍କ "ପିତୃଣ୍ଡ ସହିତ 20 ତୁଳନା କରିଛନ୍ତି । ଶ୍ରୀଲେଭି ଗଞ୍ଜାମ ଉପକୂଳର 'ପାଲୁରୁ "କୁ "ବରପୂର ରୂପେ ଚିହ୍ନିତ କରିଛନ୍ତି । ଖ୍ରୀ. ପୂ. ତୃତୀୟ ଶତକ ବେଳକୁ ଏହା ଏକ ପ୍ରସିଦ୍ଧ ବନ୍ଦର ରୂପେ ସ୍ୱୀକୃତି ଲାଭ କରିଥିଲା । ବୌଦ୍ଧଧର୍ମ ପ୍ରଚାର ପାଇଁ ମହାରାଜା ଅଶୋକ, ତାଙ୍କ ପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତାଙ୍କୁ ଏହି ବନ୍ଦର ଚାଟ ଦେଇ ସିଂହଳ ପଠାଇଥିଲେ । କେବଳ ନୌବାଣିଜ୍ୟ ପାଇଁ ନୁହେଁ ଦେଶମାତୃକାର ସୁରକ୍ଷା ପାଇଁ ମଧ୍ୟ ସେତେବେଳେ ନୌବାହିନୀକୁ ସଂଗଠିତ ଓ ଶକ୍ତିଶାଳୀ କରାଯାଇଥିଲା । ଓଡ଼ିଶାର ତତ୍କାଳୀନ ବୃହତ୍ତମ ପୋତାଶ୍ରୟ ମାନଙ୍କ ମଧ୍ୟରେ କରିକରୋଜମ୍ ପକ୍‌ରା, ନୈନଗୌନା, କରଗର, ତ୍ରିଗ୍ଲିପ୍ତନ, ଦୋସରା, ତାମଲିଡିସ, ତୋସଲାଇ, ମନବ, ତ୍ରୀଲିଙ୍ଗନ, ଅଦାମାସ ପ୍ରଭୃତି ଉଲ୍ଲେଖନୀୟ । ସେତେବେଳେ ଦୁଇ ପ୍ରକାର ପୋତର ପ୍ରଚଳନ ଥିଲା । ଗୋଟିଏ ହେଲା 'ସାମାନ୍ୟ ପୋତ' ଓ ଅନ୍ୟଟି ହେଲା "ବିଶେଷ ପୋତ' ବା 'ଅର୍ଦ୍ଧକପୋତ' । ସାମାନ୍ୟପୋତକୁ 'ନୌକା' ଏବଂ ବିଶେଷପୋତକୁ 'ବୋଇତ' କୁହାଯାଇଥିଲା । ନୌକାଗୁଡ଼ିକ ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ଅନୁସାରେ ଦଶପ୍ରକାର ଥିବାବେଳେ ବୋଇତକୁ 'ଦୀର୍ଘା ଓ ଉନ୍ନତା' ଏହିପରି ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଥିଲା । ଦୀର୍ଘା ବୋଇତ ଏଗାର ପ୍ରକାର ଏବଂ ଉନ୍ନତା ବୋଲିତ ପାଞ୍ଚ ପ୍ରକାର ଅଟେ । ଏହିସବୁ ବୋଇତମାନଙ୍କ ମଧ୍ୟରୁ ଏକ ମାସୁଲ ବିଶିଷ୍ଟ ବୋଇତକୁ ନୀଳବର୍ଷ, ଦୁଇ ମାସ୍କୁଲ ବିଶିଷ୍ଟ ବୋଇତକୁ ପୀତ (ହଳଦିଆ), ତିନି ମାସ୍କୁଲ ବିଶିଷ୍ଟ ବୋଇତକୁ ରକ୍ତ ବର୍ଷ (ଲାଲ) ଏବଂ ଚାରି ମାସୁଲ ବିଶିଷ୍ଟ ବୋଇତକୁ ଶ୍ୱେତ ବର୍ଷ (ଧଳା)ରେ ଚିତ୍ରିତ କରାଯାଉଥିଲା । ବୋଇତଗୁଡ଼ିକର ସମ୍ମୁଖ ଭାଗ ସେଶରୀ, ମହିଷ, ନାଗ, ବ୍ୟାଘ୍ର, ପକ୍ଷୀ, ହସ୍ତୀ, ଭେଜ ଓ ମନୁଷ୍ୟର ମୁଖ ଆକୃତିପରି କରାଯାଇଥିଲା । ବୋଇତରେ ତିନି ପ୍ରକାର କୋଠରୀ ବା ପ୍ରକୋଷ୍ଠ ରହୁଥିଲା । ଯଥା- ସର୍ବମନ୍ଦିରା, ମଧ୍ମ ମନ୍ଦିରା ଓ ଅଗ୍ର ମନ୍ଦିରା । ଅଗ୍ର ମନ୍ଦିରାରେ ପ୍ରତିରକ୍ଷା ସାମଗ୍ରୀ ଓ ସୈନ୍ୟ ରହୁଥିଲେ, ମଧ୍ୟ ମନ୍ଦିରାରେ ରାଜାମାନେ ଏବଂ ସର୍ବ ମନ୍ଦିରରେ ରାଜକୋଷ, ଗୀଲୋକ ଏବଂ ଅଶ୍ୱମାନଙ୍କର ପରିବହନ ହେଇଥିଲା । ସମୁଦ୍ରରେ ବୋଇତମାନଙ୍କୁ ମାର୍ଗ ନିର୍ଦ୍ଦେଶ କରିବା ପାଇଁ ପାହାଡ଼ ଗାତ୍ରରେ ଖୋଦିତ ବୃହଦାକାର ପ୍ରଦୀପ ସବୁ ବତୀଘର ପରି କାମ ଦେଇଥିଲା । ପାହାଡ଼ ନଥୁବା ସ୍ଥାନରେ ଉଚ୍ଚସ୍ତମ୍ଭ ନିର୍ମାଣ କରି ତା'ଉପରେ ପ୍ରଦୀପ ରଖା ହେଇଥିଲା । ଓଡ଼ିଶା ସମୁଦ୍ର ଉପକୂଳର ଅନେକ ସ୍ଥାନରେ ଲଙ୍ଗାରୁଜା ବତୀଘର ଆଜି ମଧ୍ୟ ଦୃଷ୍ଟି ଗୋଚର ହୋଇଥାଏ । ଏକାଦଶ ଶତାବ୍ଦୀରୁ ଓଡ଼ିଶାର ନୌଶକ୍ତିର ପତନ ଆରମ୍ଭହେଲା । ମୁସଲମାନ୍ ଓ ମରହଟ୍ଟା ମାନଙ୍କ ସମୟରେ ଅତ୍ୟଧିକ ବାଣିଜ୍ୟ ଶୁକ୍‌କ ଏହାର ଘୋର ପ୍ରତିବନ୍ଧକ ହୋଇ ତାକୁ ରୁଗ୍‌ଣ ଅବସ୍ଥାକୁ ନେଇଗଲା । ମୋଗଲ ମାନଙ୍କ ଅଧୀନରେ ଯେଉଁ ନୌଓ୍ୱାରା ବା ପୋତବାହିନୀ ଗଠନ କରାଯାଇଥିଲା ତାହା ଓଡ଼ିଶାର ନୌବାଣିଜ୍ୟ ତଥା ନୌବାହିନୀ ଇତିହାସର ଶେଷ ଦୀପଶିଖା ଭଳି ଥିଲା । କିନ୍ତୁ ଇଂରେଜମାନଙ୍କ ରାଜତ୍ୱ କାଳରେ ତାହା ସଂପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଗଲା । ଏକଦା ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ଥିବା କଳିଙ୍ଗ ସାମ୍ରାଜ୍ୟର ଆକାର କ୍ଷୁଦ୍ର ହେବା ସହିତ ଅତୀତର ଗୌରବମୟ ପରମ୍ପରା ଆଜି ବିଲୁପ୍ତ । ସେଦିନର ନୌବାଣିଜ୍ୟର ସ୍ମୃତି ଏବେ କେବଳ ବାର୍ଷିକ ବୋଇତ ବନ୍ଦାଣରେ ସୀମିତ । କର୍ପୂର ଉଡ଼ିଯାଇଛି ହେଲେ କନା ପଡ଼ିରହିଛି । ଓଡ଼ିଆମାନେ କେବଳ ଅତୀତର ସ୍ମ ତିଚାରଣ କରିବାକୁ ଯାଇ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାର ସକାଳୁ ସ୍ନାନ ସାରି କଦଳୀ ବାହୁଙ୍ଗା, ସୋଲ ଅବା କାଗଜରେ ତିଆରି ଡଙ୍ଗା ଭିତରେ ପାନଗୁଆ ରଖୁ, ଦୀପ ଅବା ବତୀ ଜାଳି - ଆ, କା, ମା, ବୈ । ପାନ ଗୁଆ ଥୋଇ । ପାନ ଗୁଆ ତୋର । ମାସକ ଧରମ ମୋର -କହି ପାଣି ଉପରେ ଡଙ୍ଗାକୁ ଭସ ଦେଉଛନ୍ତି । ଦିନ ଚାଲିଯାଇଛି ହେଲେ ଚିହ୍ନ ରହିଯାଇଛି ସବୁଦିନ ପାଇଁ ।

ମହର୍ଷି ମହାବିଦ୍ୟାଳୟ ଶଜୀବନଗର,
ଭୁବନେଶ୍ୱର-୭

# ସକ୍ରେଟିସଙ୍କୁ ହତ୍ୟା କରାଗଲା କାହିଁକି ?

**ଡ. ମୃଣାଳ ଚାଟାର୍ଜୀ**

ସକ୍ରେଟିସ୍ (ଖ୍ରୀଷ୍ଟପୂର୍ବ 469-399) ଥିଲେ ବିଶ୍ୱର ଅନ୍ୟତମ ମହାନ ଦାର୍ଶନିକ ଏବଂ ଚିନ୍ତକ । ନୈତିକତା ସମ୍ପର୍କରେ ଦାର୍ଶନିକ ଦୃଷ୍ଟିକୋଣରୁ ଚିନ୍ତା ଭାବନା ଓ ତର୍ଜମା କରିବାରେ ସେ ଥିଲେ ପ୍ରଥମ ଗ୍ରୀକ ଦାର୍ଶନିକ। ତାଙ୍କୁ 'ପାଶ୍ଚାତ୍ୟ ଦର୍ଶନର ଜନକ'ର ମାନ୍ୟତା ଦିଆଯାଏ । ବିଡମ୍ବନା ହେଲା ତାଙ୍କୁ 'ଏଥେନ୍ସ ସହରରେ ମାନ୍ୟ ଠାକୁରମାନଙ୍କୁ ନ ମାନିବା' ଏବଂ 'ତରୁଣ ଯୁବମାନସକୁ ନଷ୍ଟ କରିବା'ର ଅଭିଯୋଗରେ ମୃତ୍ୟୁ ଦଣ୍ଡ ଦିଆଯାଇଥିଲା। ହାମଲକ୍ ବିଷ ପିଇବାକୁ ବାଧ୍ୟକରି ତାଙ୍କୁ ହତ୍ୟା କରାଯାଇଥିଲା । ଖ୍ରୀଷ୍ଟ ଜନ୍ମର 399 ବର୍ଷ ତଳେ ଏ ଘଟଣା ଘଟିଥିଲା । ବର୍ତ୍ତମାନ ଏକଥା ଅବିଶ୍ୱାସ୍ୟ ବୋଲି ମନେ ହେଉଥିଲେ ବି ଏକଥା ସତ ଯେ ସକ୍ରେଟିସଙ୍କୁ ତାଙ୍କ ସମୟରେ ବହୁଲୋକ ଭଲ ପାଉ ନଥିଲେ ବରଂ ଘୃଣା କରୁଥିଲେ । କାରଣ ସକ୍ରେଟିସ ସେମାନଙ୍କଠୁ ଭିନ୍ନ ଥିଲେ । ସେ ପୃଥିବୀରେ ଏକ ଦିବ୍ୟ ଶକ୍ତିର ଉପସ୍ଥିତିକୁ ସ୍ୱୀକାର କରୁଥିଲେ; ହେଲେ ଏଥେନ୍ସ ସହରରେ ମାନ୍ୟ ଠାକୁରମାନଙ୍କୁ ମାନୁ ନ ଥିଲେ । ତାଙ୍କ ବିରୁଦ୍ଧରେ ଅଭିଯୋଗ ଥିଲା ସେ ଜଣେ ନିଷ୍ଠୁର ଲୋକ ଆଉ ସେ ଯୁବକମାନଙ୍କୁ ଖରାପ କରିଦେଉଛନ୍ତି, ସେମାନଙ୍କ ଭିତରେ ଖରାପ ମନୋବୃତ୍ତି ସୃଷ୍ଟି କରିଦେଉଛନ୍ତି । ଏଇ ଅଭିଯୋଗ ନେଇ ଏଥେନସ୍‌ର ଜନତା କୋର୍ଟ (ତାକୁ ଏଲିଆ ବୋଲି କୁହାଯାଉଥିଲା) ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କଲା । ସକ୍ରେଟିସକଙ୍କୁ ହାମଲକ୍ ବିଷପିଇ ଆତ୍ମହତ୍ୟା କରିବାକୁ ବାଧ୍ୟ କରାଗଲା । କ'ଣ ପାଇଁ ତାଙ୍କୁ ହତ୍ୟା କରାଗଲା ? ସକ୍ରେଟିସ୍ ସେମିତି ବିପଦଜନକ ଲୋକ ତ ନଥିଲେ । ସେ ତାଙ୍କ ଜୀବନକାଳରେ ଗୋଟେ ବହି ବି ଲେଖି ନାହାନ୍ତି (ସେ ଯାହା କହିଥିଲେ ତାଙ୍କ ମୃତ୍ୟୁ ପରେ ତାଙ୍କ ଛାତ୍ର ପ୍ଲାଟୋ, ଜେନୋଫନ ଏବଂ ଅନ୍ୟାନ୍ୟମାନେ ତାକୁ ଲିପିବଦ୍ଧ କରିଥିଲେ ଏବଂ ତାହା ଥିଲା ପାଶ୍ଚାତ୍ୟ ଦର୍ଶନର ନିଅଁ) । ସେ କେବଳ ପ୍ରଶ୍ନ ପଚାରୁଥିଲେ । ସମସ୍ତଙ୍କୁ ପ୍ରଶ୍ନ ପଚାରୁଥିଲେ । ସମସ୍ତଙ୍କ ସହିତ କଥା ହେଉଥିଲେ । ସମ୍ଭ୍ରାନ୍ତ ଶ୍ରେଣୀର ଲୋକଙ୍କ ସହିତ କଥା ହେଉଥିଲେ, ସାଧାରଣ ଲୋକମାନଙ୍କ ସହିତ କଥା ହେଉଥିଲେ, ତରୁଣମାନଙ୍କ ସହିତ କଥା ହେଉଥିଲେ, ପ୍ରଶ୍ନ ପଚାରୁଥିଲେ ଏବଂ ସମସ୍ତଙ୍କୁ ଗଭୀର ଭାବେ ଭାବିବା ପାଇଁ ଏବଂ ପ୍ରଶ୍ନ ପଚାରିବା ପାଇଁ କହୁଥିଲେ । ବର୍ତ୍ତମାନର ଭାଷାରେ ଏହାକୁ 'କ୍ରିଟିକାଲ ଥିକିଂଙ୍ଗ' ବୋଲି କୁହାଯାଉଛି । ତାଙ୍କ ପ୍ରଶ୍ନଗୁଡିକ ଯାହା ଏତେ ସରଳ କିନ୍ତୁ ଅନ୍ତର୍ଭେଦୀ ଥିଲା ତାହା ଫମ୍ପା ମତାଦର୍ଶ, ଫମ୍ପା ଅବଧାରଣାର ମୁଖା ଖୋଲିଦେଉଥିଲା । ସେମାନଙ୍କର କଥାଗୁଡିକ କେତେ ଅଯୌକ୍ତିକ ତାହା ପଦାରେ ପଡୁଥିଲା । ସକ୍ରେଟିସ୍ ତାଙ୍କ ସମୟର ଲୋକମାନଙ୍କୁ ଅନ୍ଧ ଭାବେ ବିଶ୍ୱାସ କରିବା ବଦଳରେ ସନ୍ଦେହ କରିବା ପାଇଁ ଶିଖେଇଥିଲେ । ପ୍ରଶ୍ନ ପଚାରିବାପାଇଁ ଶିଖେଇଥିଲେ । କୌଣସି ସିଦ୍ଧାନ୍ତକୁ ବିନା ପ୍ରଶ୍ନରେ ଗ୍ରହଣ ନକରିବା ପାଇଁ ସେ ପରାମର୍ଶ ଦେଉଥିଲେ । ସେ ତାଙ୍କ ପ୍ରଶ୍ନ ମାଧ୍ୟମରେ ଦୁର୍ନିତିଗ୍ରସ୍ତ ରାଜନୀତିଜ୍ଞ ଲୋକ ଏବଂ ଭଣ୍ଡ ଗୁରୁମାନଙ୍କର ମୁଖା ଖୋଲି ଦେଉଥିଲେ । ସେଇଥିପାଇଁ ସେ ତତ-କାଳୀନ ପ୍ରଚଳିତ ଶାସନ ବ୍ୟବସ୍ଥା ପାଇଁ ଏକ ବିପଦ ହୋଇ ଠିଆ ହୋଇଥିଲେ ଏବଂ ତାଙ୍କୁ ହଟେଇବାର ଆବଶ୍ୟକତା ପଡିଯାଇଥିଲା । ତାଙ୍କୁ ଯେତେବେଳେ ମୃତ୍ୟୁ ଦଣ୍ଡ ଦିଆଗଲା ସେ କ୍ଷମା ପ୍ରାର୍ଥନା କରିନଥିଲେ । ସେ ତାଙ୍କ ତରଫରୁ ଓକିଲାତି କରିବାପାଇଁ କୌଣସି ଲୋକଙ୍କୁ ବି ଲୋଡି ନଥିଲେ । ବିଚାରସଭାରେ ହିଁ ସର୍ବ ସମ୍ମୁଖରେ ସେ ହାମଲକ୍ ପିଇ ପ୍ରାଣତ୍ୟାଗ କରିଥିଲେ । ଯୁଗଯୁଗରେ ଏହା ହେଇ ଆସିଛି । ଜ୍ଞାନ, ବୁଦ୍ଧି, ପ୍ରଶ୍ନ - ସ୍ଥିତାବସ୍ଥାରେ ଆଗ୍ରହୀ ଶାସକମାନଙ୍କ ପାଇଁ ଅଡୁଆ । ଲୋକଙ୍କ ପାଖରେ ବୁଦ୍ଧି ରହିବା ଶାସନ କରୁଥିବା ଲୋକଙ୍କ ପାଇଁ ବା ସମାଜକୁ ଚଳଉଥିବା ଲୋକମାନଙ୍କ ପାଇଁ ବା ସମାଜର ଅଧିପତିମାନଙ୍କ ପାଇଁ ଅସୁବିଧା । ତେଣୁ ସେମାନେ ଲୋକଙ୍କୁ ସ୍ଥିତାବସ୍ଥାରେ ରଖିବାକୁ ଚାହାନ୍ତି । 'ଯାହା ଚାଲିଛି, ଠିକ ଚାଲିଛି', ଯାହା ହେଉଛି ଭଲ ହେଉଛି' - ଏଇ ବୋଧର ମାୟାରେ ଲୋକମାନଙ୍କୁ ରଖିବାକୁ ଚାହାନ୍ତି । ଆଉ ବିଡ଼ମ୍ବନା ହେଲା - ଅଧିକାଂଶ ଲୋକ ବି ସ୍ଥିତାବସ୍ଥାରେ ଖୁସି । ଲୋକମାନେ ମାୟାରେ ବଞ୍ଚିବା ପାଇଁ ଚାହାନ୍ତି । ସତଠୁ ସେମାନେ ଦୂରେଇ ରହିବା ପାଇଁ ଚାହାନ୍ତି । ନିଜର ଅଜ୍ଞାନତା ଭିତରେ ସେମାନେ ସ୍ୱସ୍ତି ପାଆନ୍ତି । ଆଉ ସେଇଥିପାଇଁ ସେମାନଙ୍କୁ ଜ୍ଞାନର ଆଲୋକ ଦେଖାଉଥିବା ଲୋକ, ସ୍ଥିତାବସ୍ଥାକୁ ପ୍ରଶ୍ନ କରୁଥିବା ଲୋକ ପସନ୍ଦ ନୁହନ୍ତି । ବୁଦ୍ଧିମାନ ଲୋକ ସେମାନଙ୍କ ପାଇଁ ଅସ୍ଥିରତାର କାରଣ । ସେଇଥିପାଇଁ ବୁଦ୍ଧିମାନ ଲୋକଙ୍କୁ ସମାଜରୁ ଦୂରେଇ ଦେବାର ସଚେତନ ପ୍ରଚେଷ୍ଟା କରାଯାଏ କାରଣ ସେମାନେ ନିଦ୍ରିତ ଜନସମାଜର ନିଦ୍ରା ଭାଙ୍ଗିବାର ଚେଷ୍ଟା କରନ୍ତି । ସେମାନେ ଶାସକର ଅସଲ ଚେହେରା ଲୋକଙ୍କ ସାମ୍ନାକୁ ଆଣିବାର ଚେଷ୍ଟା କରନ୍ତି। ସେଇଥିପାଇଁ ସେମାନଙ୍କୁ ମୃତ୍ୟୁ ଦଣ୍ଡ ଦିଆଯାଏ । ସକ୍ରେଟିସଙ୍କ ସମୟରେ ମଧ୍ୟ ଦିଆଯାଇଥିଲା, ଏବେ ମଧ୍ୟ ଦିଆ ଯାଉଛି । ଭିନ୍ନ ଭାବରେ ।




# DIWALI : THE FESTIVAL OF LIGHTS

Balabhadra Ghadai

Deepavali or Diwali that falls on a moonless night in the month of Kartika (October-November) is widely celebrated all over India embracing all sections and communities. Diwali is derived from 'Dipavali'a Sanskrit word which means row of lights. Light represents strength and darkness weakness. The demonical forces which are at work within ourselves destroying the strength and purity of our lives are the symbols of darkness. In Brihadaranyak Upanishad there is a prayer.

*Asoto ma sad gamaya*
*Tamaso ma Jyotirgamaya*
*Mrutorma amrutam gamaya.*
*(From the unreal, lead me to the real*
*From the darkness, lead me to light*
*From death, lead me to immortality).*

Thus the Upanishad explains unreal and darkness means death and real and light means immortality. Troubled by the forces of staticity and darkness human beings seek light for their deliverance. The lamps of Diwali are meant as symbols, as a means of end. But, what is this end ? What is the real darkness, which must be dispelled ? It is the darkness within us, the darkness, which must be dispelled ? It is the darkness within us, the darkness of ignorance of selfishness of duality that has to be eliminated. There are different legends associated with this festival. It was celebrated in Ajodhya as Lord Ramachandra's victory over Ravana of Lanka and safe return from 14 years of exile to his capital Ajodhya. The people of Ajodhya burning the lams of earthen pots of ghee welcomed Ramachandra. Since then, people have been celebrating the festival to commemorate Rama's Victory over Ravana with same enthusiasm. In Assam region this festival is related to the killing of demon Natakasura by Lord Krishna. Lord Mahavira, the 24th Tirthankar attained his Nirvana on the day of deepavali at Pavapuri. His disciples surrounded him and were in tears saying, 'Don't leave us'. Mahavira advised them not to grieve but to light the lamp within their heart and conquer the darkness surrounding them. Thus, the Jain devotees celebrate this festival with great enthusiasm as Nirvana Day of Lord Mahavira. Diwali is celebrated in honour of Goddess Lakshmi, the Goddess of wealth and prosperity.It is believed that the Goddess blesses those with prosperity, who keeps their houses neat clean on this day. She is supposed to visit the houses of her devotees at mid night. For the business community this festival signals the beginning of a new financial year and they open their new cash registers and books of account on this day. There is another reason of worshipping Lakshmi on Deepavali. It was on this day that when Vishnu in the form of Vamana had sent the demon king Bali to netherworld Goddess Lakshmi was freed from the prison. There are historical references that king Vikramaditya was crowned on this day at Ujjain commencing an era named after him. Abul Fazal's Akbarnama informs us that the Mughal Emperor Akbar had adopted Hindu way of life and began to celebrate many Hindu festivals like Diwali. The Arya samajists celebrate the festival with pomp and show because Maharshi Dayananada, one of the greatest reformers of Hinduism and the founder of 'Arya Samaj' attained his salvation on this day. The Sikha regard Diwali as an auspicious day for the reason that the sixth Guru Hargovinda Sahib, who was held by the Mughal emperor Jahangir, was released from the Gwalior fort on this day. Probably the most commonly celebrated aspect of Diwali is that it is the festival of lights. Homes, offices, shops and streets are lined with brightly lighting diyas or earthen lamps. It is also celebrated as the day of general 'Shradha'- oblations to the ancestral spirits of the family. Thus, the festival brings happy and joy for the people and weave them together in closer bonds of love and friendship.

*Principal, M.K. College, Khiching, Mayurbhanj*



ପଶ୍ଚିମବଙ୍ଗର ନୀଳଚକ୍ର ଅନୁଷ୍ଠାନ ତରଫରୁ ନୀଳଚକ୍ର ସମ୍ମାନରେ ସମ୍ମାନୀତ ହୋଇଛନ୍ତି ପୁରୀର ଗଛ ମଣିଷ ଡ. ବଦ୍ରି ମିଶ୍ର


ବରିଷ୍ଠ ବିଜେପି ନେତା ସ୍ୱର୍ଗତ ଶଙ୍କର୍ଷଣ ପରିଡ଼ାଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କଲେ ସାଂସଦ ଡା. ସଂବିତ ପାତ୍ର


ଡକ୍ଟର ବିଶ୍ୱନାଥ ରଥଙ୍କ ଦଶାହ ଅବସରରେ ସ୍ମୃତି ଶ୍ରଦ୍ଧାଞ୍ଜଳି

# ସଠିକ, ନିରପେକ୍ଷ ଓ ସତ୍ୟ ସମ୍ବାଦ ଗଣତନ୍ତ୍ର କୁ ସୁଦୃଢ଼ କରେ



**ପୁରୀ :** ସାଧାରଣ ଲୋକଙ୍କ ଆଶା, ଭରସା ଓ ବିଶ୍ୱାସର ପ୍ରତୀକ ଗଣମାଧ୍ୟମ।ଏହା ସତ୍ୟ, ଅନୁସନ୍ଧାନଧର୍ମୀ, ନିରପେକ୍ଷ ଓ ସାଧାରଣ ଲୋକ ଙ୍କ ସମସ୍ୟା ସମାଧାନ ରେ ବ୍ରତୀ ହେବା ଉଚିତ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ।ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ପରିପରିସର ପୁରୀ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା। ଚଳିତ ବର୍ଷର ଆଲୋଚ୍ୟ ପ୍ରସଙ୍ଗ "ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ବିଶ୍ୱାସନୀୟତାର ସଂରକ୍ଷଣ" ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଭୋଇ ସମ୍ବାଦ ସଂଗ୍ରହ ଓ ପରିବେଷଣ ଶୈଳୀରେ ପୂର୍ବାପେକ୍ଷା ଅନେକ ପରିବର୍ତ୍ତନ ଘଟିଛି।କିନ୍ତୁ ସମାଜ କୁ ଶୃଙ୍ଖଳିତ ଓ ବିକଶିତ କରିବା ରେ ଗଣମାଧ୍ୟମ ପୂର୍ବ ପରି ତାହାର ପ୍ରଚେଷ୍ଟା ଜାରି ରଖିଛି।ଗଣତନ୍ତ୍ର କୁ ସୁଦୃଢ଼ କରିବାରେ ୪ ଟି ଯାକ ସ୍ତମ୍ଭ ର ସମନ୍ୱୟ ଓ କାର୍ଯ୍ୟକାରିତା ଗୁରୁତ୍ୱପୂର୍ଣ୍ଣ।ତେବେ ଭ୍ରମାତ୍ମକ ସମ୍ବାଦ ଶିଘ୍ର ବ୍ୟାପେ ଓ ସମାଜ ରେ ଏହାର ନକରାତ୍ମକ ପ୍ରଭାବ ଅଧିକ।ଏହାକୁ ପ୍ରତିହତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାଧାରଣ ଲୋକ ମାନଙ୍କ ସମସ୍ୟା, ଆବଶ୍ୟକତା କୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା ଓ ସରକାରଙ୍କ ବିଭିନ୍ନ ଯୋଜନା, ପ୍ରକଳ୍ପ ସମ୍ପର୍କରେ ସାଧାରଣ ଲୋକ ଙ୍କୁ ଅବଗତ ଓ ସଚେତନ କରାଇବାରେ ଗଣମାଧ୍ୟମ ର ଅବଦାନ ଅତୁଳନୀୟ।ତେବେ ଫେକ ନିଉଜ ବା ଭ୍ରମାତ୍ମକ ସମ୍ବାଦ ସମାଜ ରେ ଅସ୍ଥିରତା ଓ ବିଶୃଙ୍ଖଳା ସୃଷ୍ଟି କରିଥାଏ।ଏଥିରୁ ନିବୃତ୍ତ ରହିବା ସହ ସଠିକ ସମ୍ବାଦ ପରିବେଷଣ ପାଇଁ ସେ ଅନୁରୋଧ କରିଥିଲେ।ମୁଖ୍ୟ ବକ୍ତା ଭାବେ ସୂଚନା ଓ ଜନ ସମ୍ପର୍କ ଉତ୍ତର ପୂର୍ବାଞ୍ଚଳ ପରିଷଦର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ଗଣମାଧ୍ୟମ ର ଉତ୍ପତ୍ତି,ପ୍ରାଚୀନ କାଳରେ ଗଣମାଧ୍ୟମର ଭୂମିକା, ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ଗଣମାଧ୍ୟମ ର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଭ୍ରମାତ୍ମକ ସମ୍ବାଦ କିମ୍ବା ସଠିକ ସମ୍ବାଦ ସାଧାରଣ ଲୋକ ଙ୍କୁ ପ୍ରଭାବିତ କରିଥାଏ।ସଠିକ ସମ୍ବାଦ ଭଲ ସୃଷ୍ଟି କଲାବେଳେ ଭ୍ରମାତ୍ମକ ସମ୍ବାଦ ବିଶୃଙ୍ଖଳା ସୃଷ୍ଟି କରିଥାଏ ବୋଲି ସେ କହିଥିଲେ।

ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଗଣତନ୍ତ୍ର କୁ ମଜବୁତ କରିଥାଏ ବୋଲି କହିଥିଲେ। ଗଣତନ୍ତ୍ରର ସୁରକ୍ଷା ଓ ସମୃଦ୍ଧି ପାଇଁ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।୧୯୬୬ ରେ ପ୍ରେସ କାଉନସିଲ ଗଠନ ଓ ପରେ ଗଣମାଧ୍ୟମ ଦିବସ ପାଳନ ର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରିବା ସହ ବିବିଧ ସମସ୍ୟା କୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇ ସମାଧାନ କରିବାକୁ ଗଣମାଧ୍ୟମ ପ୍ରତିନିଧିମାନେ ବ୍ରତ ଭାବେ ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ।ଯାହା ଦ୍ୱାରା ସାଧାରଣ ଲୋକଙ୍କ ଭରସା ଓ ବିଶ୍ୱାସ ଗଣମାଧ୍ୟମ ପ୍ରତି ବୃଦ୍ଧି ପାଇବ ବୋଲି ସେ କହିଥିଲେ।ବରିଷ୍ଠ ପତ୍ରକାର ଜୁପିଟର ଦାସ ଓ ବିଶ୍ୱଜିତ ପଟ୍ଟନାୟକ ଗଣମାଧ୍ୟମ ର କାର୍ଯ୍ୟ କାରିତା,ସମସ୍ୟା, ବିଭିନ୍ନ ବିପଦ ପୂର୍ଣ୍ଣ ସମୟରେ ସେମାନଙ୍କ କାର୍ଯ୍ୟ ଓ ସେମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ।ପୁରୀ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ସଭା ପରିଚାଳନା କରି ଗଣମାଧ୍ୟମ ସାଧାରଣ ଜନତା ର ସ୍ୱର ହେବା ସହ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ ରେ ସହଯୋଗ ରଖିବା ଓ ଭ୍ରମାତ୍ମକ ସମ୍ବାଦ ପରିବର୍ତ୍ତେ ସଠିକ ତଥ୍ୟ ଭିତ୍ତିକ ସତ୍ୟ ସମ୍ବାଦ ପରିବେଷଣ ପାଇଁ ଅନୁରୋଧ କରିଥିଲେ।ପୂର୍ବରୁ ଅନୁଷ୍ଠିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।ପ୍ରାରମ୍ଭରେ ବନ୍ଦେ ମାତରମ ସଂଗୀତ ପରିବେଷଣ କରାଯାଇଥିଲା।ଦିବଙ୍ଗତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସ୍ମୃତି ଉଦ୍ଦେଶ୍ୟ ରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସହକାରୀ ଜିଲ୍ଲା ସୂଚନା ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମ ରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ସେନାପତି, ପ୍ରୋଜେକ୍ସନିଷ୍ଟ ପ୍ରସନ୍ନ କୁମାର ସାହୁ, କର୍ମଚାରୀ ମିନତୀ ଦାସ, ରବୀନ୍ଦ୍ର କୁମାର ଦାସ,ପ୍ରଦୀପ୍ତ ପଟ୍ଟନାୟକ, ସୁବ୍ରତ କୁମାର ସାହୁ, ତ୍ରିନାଥ ପାତ୍ର, ପ୍ରତିମା ମହାନ୍ତି, ଲକ୍ଷ୍ମୀଧର ନାୟକ ପ୍ରମୁଖ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ।

# "Aa Kaa Maa Bai"

*("Time period of maritime trade in Ancient India")*

Saileswar Sahoo

This "Aa Kaa Maa Bai" represents the time of journey for ships to south-eastern island countries in ancient time. At that time, the ships were sailed with the help of wind and ocean current. "Aa" stands for the month 'Aasadha', "Kaa" stands for the month of 'Kaarttika', "Maa" stands for the month 'Maargashira' and "Bai" stands for the month of Baishakha in Hindu Calendar. "Aa Kaa" represents the Hindu month Aasadha(mid June to mid July) and the month of Kaarttika(mid October to mid November). During this period, the south-west monsoon comes up and the wind direction is from southwest direction towards north-east direction. The direction of ocean current in Indian Ocean from south-west to south-east with a curved shape. With this help of wind and ocean current, the ships were sailed from Kalinga to south-eastern island countries like Brahmadesh(Myanmar), Melaka(Malaysia), Shyamadesh(Thailand), Champadesh(Cambodia), Java, Sumatra, Bali and Borneo(East Indies) etc. as up journey or from Simhala(Sri Lanka) to Kalinga as return journey. As the south-west monsoon is so active, the ships (Boita) normally take two to three months to reach south-eastern island countries from Kalinga. "Maa Bai" represents the Hindu month Maargashira(mid November to midDecember) and the month of Baishakha(mid April to mid May). During this period, the northeast monsoon comes up and the wind direction is from north-east direction towards south-west direction. The direction of ocean current in Indian Ocean from south-east to south-west with a curved shape. With this help of the wind and ocean current, the ships were again sailed from southeastern countries to Kalinga as return journey or from Kalinga to Simhala(Sri Lanka) as up journey. As the north-east monsoon or retreat monsoon is less active in comparison to southwest monsoon, the ships(Boita) take three to four months to reach Kalinga from south-eastern island countries. If you combine the "Aa Kaa" and "Maa Bai", it becomes the complete ship journey to south-eastern island countries in ancient time. "Aa Kaa" represents up journey of ships and "Maa Bai" is the down or return journey of ships from ancient Kalinga to South-eastern island countries and vice-versa for Simhala(Sri Lanka). During ancient period, "Aa Kaa Maa Bai" indicates the time period of journey of country-made ships (Boita) in Indian Ocean. The ships (Boita) were sailed with the help of wind energy and current of the water in early time. So, the ships sailed with the help of wind as a definite size of thick cotton attaching with ropes to the pillars (mastul) of the ships. From very ancient civilization like Sindhu Valley civilization in India, there was another civilization of India developed in the south-eastern coastal part of India, that is Kalinga civilization. This civilization is the amalgamation of Aryans and Dravidians for which it became culturally richer civilization of the ancient India. Kalinga was most fertile land of south eastern coast of India in between the river "The Ganga" and the river "The Godavari". This patch of land extended its boundary more by different Kingdoms as we learned from Ancient History. Now-a-days Kalinga is consisted of three states namely West Bengal(Banga), Odisha(Utkal) and Andhra Pradesh(Kalinga). The people of Kalinga were bravest ("Kalingah Sahasikah" in Sanskrit language). The ocean along the coast of Kalinga was known as Kalinga Sagar (Kalinga Ocean). At that time, the only way of communication medium was through water and that were through rivers, lakes and oceans. After observing the swans swimming across the river, the people of Kalinga got an idea and with the help of floating objects they were able to make a country-made ship like swan swanshaped and named it as "Boita". These ships were able to sail in water with the help of wind and current from one place to another part of land in water. By passing of time, they could able to develop big ships (Boita) and sailed the ships to a greater distances that are south eastern island countries adjacent to Kalinga. The people of Kalinga were sailed their ships with the help of monsoon wind or trade wind and ocean current to south eastern island countries for trading & business and finally they established their business centres. They also spread their religion and culture like Hinduism and Buddhism. Finally, they settled there and started new number in business. They also built beautiful monuments thereat which were till now heritage sites of their respective countries.

Lastly, we feel proud of our ancestors who were doing maritime trade and business with a brave heart and full of honesty leaving four words i.e. " Aa Kaa Maa Bai" to memorizing their maritime trade forever in the auspicious day "Karttika Purnima" of every year.


ପୁରୀର ବରିଷ୍ଠ ନାଟ୍ୟକାର ଭରତ ନାୟକଙ୍କ ଧର୍ମପତ୍ନୀ ଭାରତୀ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ

ନୀତିଶିକ୍ଷା

## ନିଜଠାରୁ ଆରମ୍ଭ

ଭବତୋଷ ତ୍ରିପାଠୀ



ହଠାତ୍ ଦିନେ ବହୁଜନ ସମାଗମ ଦେଖିବାକୁ ମିଳିଲା ହିମାଳୟର ଜଣେ ମହାନ ସନ୍ନ୍ୟାସୀଙ୍କର ଗୋଟିଏ ଅଶ୍ରମରେ । ସେ ଗୋଟିଏ ଖୁବ୍ ବଡ଼ ସଂସ୍କାର ଦାୟିତ୍ୱରେ ଥିଲେ । ସନ୍ନ୍ୟାସୀ ଜଣକ ତାଙ୍କୁ ଘେରି ବସିଥିବା ସମସ୍ତ ଶିଷ୍ୟ ଓ ଅତିଥିଙ୍କ ସହ ବାର୍ତ୍ତାଳାପ କରିବା ସହ ନିଜର ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ତୁଲାଉଥିଲେ। ସନ୍ନ୍ୟାସୀଙ୍କ ନିକଟରେ ବସିଥିବା ଜଣେ ବ୍ୟକ୍ତି କହିଲେ, "ସ୍ୱାମୀଜୀ ! ବର୍ତ୍ତମାନ ପରିସ୍ଥିତିରେ ଭାରତରେ ଚାଲିଥିବା ଦୁର୍ନୀତି ବିଷୟରେ ଆପଣ କିଛି ଜାଣନ୍ତି କି ?" ପ୍ରଶ୍ନଟି ପଚାରି ସାରିବା ପଶ୍ଚାତ୍ ନିଜ ଆଡୁ ଦୁର୍ନୀତି ବିଷୟରେ ବିଶଦ ଭାଷଣ ଦେବାକୁ ଲାଗିଲା । ସନ୍ନ୍ୟାସୀ ଜଣକ ଶାନ୍ତ ଭାବେ କହିଲେ, "ତୁମ ନିକଟରେ କିଛି ସମାଧାନର ପନ୍ଥା ଅଛି ?"

ଲୋକଟି କହିଲା - 'ନା' । ସନ୍ନ୍ୟାସୀ କହିଲେ - "ଯେଉଁ ବିଷୟବସ୍ତୁକୁ ତୁମେ ପରିବର୍ତ୍ତନ କରିପାରିବ ନାହିଁ, ସେ ବିଷୟରେ ଚର୍ଚ୍ଚା କରିବା ଦ୍ୱାରା ତୁମେ ଯେ କେବଳ ନିଜକୁ ନିରୁତ୍ସାହିତ କରୁଛ ତାହାନୁହେଁ, ତୁମେ ନିକଟରେ ଥିବା ଅନ୍ୟମାନଙ୍କୁ ମଧ୍ୟ ନିରୁତ୍ସାହିତ କରୁଛ । ସ୍ୱାମୀଜୀ ପୁଣି କହିଲେ - ବର୍ଷାଦିନେ ଯେତେବେଳେ ଗଙ୍ଗାଜଳ ସଂପୂର୍ଣ ଗୋଳିଆ ଥାଏ ତୁମେ ତୁମର ସକଳ ଚେଷ୍ଟା ପ୍ରୟୋଗ କରି ସେ ଜଳକୁ କ'ଣ ନିର୍ମଳ କରି ପାରିବ ? ଯଦି ତୁମ ପାଖରେ ଏକ କିଲୋ ଓଜନର ଗୋଟିଏ ଫିଟିକିରି ପ୍ୟାକେଟ୍ ଥିବ ଏବଂ ତାହାକୁ ସେହି ଗୋଳିଆ ଜଳରେ ପକାଇଦେବ, ତାହାହେଲେ କ'ଣ ହେବ ? ଫିଟିକିରି ଗୋଳିଆ ପାଣିର କାଦୁଅରେ ମିଶିଯିବ କିନ୍ତୁ ଜଳ ସେହିପରି ଗୋଳିଆ ହିଁ ରହିବ । ତେଣୁ ପ୍ରଥମେ ଗୋଟିଏ ବାଲଟି ଗୋଳିଆ ଜଳ ସହ କାର୍ଯ୍ୟ ଆରମ୍ଭ କରିବା ଦରକାର । ଗୋଟିଏ ବାଲ୍‌ଟି ଗୋଳିଆ ଜଳରେ କିଛି ଫିଟିକିରି ପକାଇ ଦେଲେ, ଜଳ ପରିଷ୍କାର ହୋଇଯିବ । ସେହି ନିର୍ମଳ ଜଳ ପାନ କର ଏବଂ ତୁମ ନିକଟକୁ ଯିଏ ଆସୁଛନ୍ତି ସେମାନଙ୍କୁ ପାନ କରାଅ । ଗଙ୍ଗା ନଦୀର ଅନ୍ୟ ସମସ୍ତ ଗୋଳିଆ ଜଳ ବିଷୟରେ ତୁମେ ଚିନ୍ତା କରନାହିଁ । ଦୁର୍ନୀତିର ସମାଧାନ ଠିକ୍ ସେହିପରି" ।

ମର୍ମବାଣୀ : ଜଣକର ଜୀବନ ଏକ ଫିଟିକିରି ପୁଡ଼ିଆ ହୋଇପାରେ । ଏହା ପ୍ରମାଣିତ କରିବାକୁ ହେଲେ ନିଜେ ପ୍ରଥମେ ଉତ୍ତମ ଜୀବନଯାପନ କରି ନିଜ ଚାରିକଡ଼ ନିର୍ମଳ କରିବାକୁ ହେବ । ତାହାହେଲେ ତୁମେ ଅନ୍ୟ ଉପରେ ପବିତ୍ର ପ୍ରଭାବ ପକାଇ ସେମାନଙ୍କୁ ଏକ ମାର୍ଜିତ ଜୀବନ ଯାପନ କରିବାରେ ସାହାଯ୍ୟ କରିପାରିବ । ତୁମେ ନିଜକୁ ପ୍ରଥମେ ପରିବର୍ତ୍ତନ କଲାପରେ ହିଁ ଅନ୍ୟକୁ ଏଥିରେ ସାହାଯ୍ୟ କରିପାରିବ ।

ଏହି କାହାଣୀଟି ଆମକୁ ଗୋଟିଏ ସାଧାରଣ ସତ୍ୟ ବିଷୟରେ ମଧ୍ୟ ସୂଚନା ଦିଏ । "ଯାହାକୁ ତୁମେ ବଦଳାଇ ପାରିବ ନାହିଁ ତାକୁ ମାନିନିଅ ଏବଂ ବଦଳାଇ ଦିଅ ଯାହା ତୁମେ ପାରିବ" । ପୃଥିବୀରେ ବହୁତ ବିଷୟ ଅଛି ଯାହା ଆମ ଅଧୀନର ବାହାରେ । ଏହି ପରିବର୍ତ୍ତନ ପାଇଁ ସକରାତ୍ମକ, ବାସ୍ତବ ଓ ବିଚାରଶୀଳ ମନୋଭାବ ଦରକାର ।

*ପାର୍ବତୀପୁର, ପୁରୀ, ମୋ - ୯୦୯୦୧୭୨୧୬୭*



## ॥ ଓଁ ଶ୍ରୀ ଦୁର୍ଗାମାଧବାଭ୍ୟାଂ ନମଃ ॥



**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରିପାଠୀ ଶର୍ମା**
ଶ୍ରୀ ଲୋକନାଥ ରୋଡ, ହାତୀଶାଳ
ପୁରୀ : ୭୯୭୮୪୬୪୬୩୯



**ମେଷ ରାଶି** - ଏହି ମାସଟି ଆପଣଙ୍କର ସେତେ ଭଲ ନାହିଁ। ଦେହ ଭଲ ରହିବ କିନ୍ତୁ କିଛି ସମସ୍ୟା ଦେଖାଦେଇପାରେ. ଆୟ ମଧ୍ୟମ ହେବ.ପାରିବାରିକ ଜୀବନରେ ସେତେ ଖୁସି ପାଇବେନାହିଁ। ବ୍ୟବସାୟରେ ଅଳ୍ପ ଲାଭ, ବିଦ୍ୟାର୍ଥୀମାନେ ପଢ଼ାରେ ମଧ୍ୟମ ଫଳ ପାଇବେ।

**ବୃଷ ରାଶି** - ଏହି ମାସଟି ଆପଣଙ୍କର ଶୁଭାଶୁଭ ମିଶ୍ରିତ ରହିବ, ଦେହ ଓ ମନ ଉତ୍ତମ ରହିବ, ଆୟ ଅବ୍ୟାହତ ରହିବ.ପାରିବାରିକ ଜୀବନରେ ସୁଖଶାନ୍ତି ପାଇବେ, ବ୍ୟବସାୟରେ ସାମାନ୍ୟ ଆଗେଇବେ, ବିଦ୍ୟାର୍ଥୀମାନେ ପଢ଼ାରେ ସଫଳତା ହେବେ।

**ମିଥୁନ ରାଶି** - ଏହି ମାସଟି ଆପଣଙ୍କର ଉତ୍ତମ ଅଟେ.ଦେହ ଭଲ ରହିବ କିନ୍ତୁ ମନ ସାମାନ୍ୟ ଅଶାନ୍ତି ରହିବ.ଆୟ ଅତି ସାମାନ୍ୟ ରହିଛି, ପାରିବାରିକ ଜୀବନ ହସଖୁସିରେ କାଟିବେ, ବ୍ୟବସାୟରେ ଭଲ ଲାଭ ହେବ, ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ସୁଫଳ ପ୍ରାପ୍ତିହେବେ।

**କର୍କଟ ରାଶି** - ଏହି ମାସଟି ଆପଣଙ୍କର ଭଲ ରହିଛି, ଦେହ ଓ ମନ ସାଧାରଣତଃ ଭଲ ରହିବ.ଆୟ ଅବ୍ୟାହତ ରହିବ, ପାରିବାରିକ ଜୀବନ ଆନନ୍ଦଦାୟକ ତଥା ଖୁସି ରହିଛି. ବ୍ୟବସାୟରେ ଉତ୍ତମ ଲାଭ ରହିଛି, ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ସଫଳତା ଅର୍ଜନ କରିବେ।

**ସିଂହ ରାଶି** - ଏହି ମାସଟି ଆପଣଙ୍କର ଭଲ ଶୁଭଦାୟକ ରହିଛି. ଦେହ ଏବଂ ମନ ଭଲ ରହିବ, ଆୟ ଉତ୍ତମ ଧରଣର ରହିବ, ପାରିବାରିକ ଜୀବନ ହସଖୁସିରେ କାଟିବେ, ବ୍ୟବସାୟରେ ଭଲ ଲାଭ ରହିଛି, ବିଦ୍ୟାର୍ଥୀମାନେ ପଢାପଢ଼ିରେ ଆଗେଇବେ।

**କନ୍ୟା ରାଶି** - ଏହି ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ରହିଛି, ଦେହ ଓ ମନ ଭଲ ରହିବ.ଆୟ ମଧ୍ୟମ ହେବ.ପାରିବାରିକ ଜୀବନରେ ସାମାନ୍ୟ ଖୁସି ପାଇବେ, ବ୍ୟବସାୟରେ ସହଯୋଗ ପ୍ରାପ୍ତି ରହିଛି, ବିଦ୍ୟାର୍ଥୀମାନେ ପଢ଼ାରେ ଉତ୍ତମ ଫଳ ପାଇବେ।

**ତୁଳା ରାଶି** - ଏହି ମାସଟି ଆପଣଙ୍କର ଶୁଭାଶୁଭ ମିଶ୍ରିତ ରହିଛି, ଦେହ ଓ ମନ ଭଲ ନରହିପାରେ, ଆୟ ଅଳ୍ପ ଧରଣର ହେବ, ପାରିବାରିକ ଜୀବନରେ ମଧ୍ୟମ ଧରଣର ଖୁସି ପାଇବେ, ବ୍ୟବସାୟରେ କମ ଲାଭ ରହିଛି, ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ମଧ୍ୟମ ଫଳ ପାଇବେ

**ବିଛା ରାଶି** - ଏହି ମାସଟି ଆପଣଙ୍କର ଫଳ ସେତେ ଶୁଭଦାୟକ ନୁହେଁ.ଦେହ ଓ ମନ ଭଲ ନରହିପାରେ.ଆୟ ଅପେକ୍ଷା ବ୍ୟୟ ଅଧିକ ହୋଇପାରେ, ପାରିବାରିକ ଜୀବନ ସାଧାରଣ ରହିବ, ବ୍ୟବସାୟ ସେତେ ଲାଭ ହେବନାହିଁ, ବିଦ୍ୟାର୍ଥୀମାନେ ପଢାରେ ପରିଶ୍ରମ ଅନୁଯାୟୀ ଫଳ ପାଇବେ।

**ଧନୁ ରାଶି** - ଏହି ମାସଟି ଆପଣଙ୍କର ଅତ୍ୟନ୍ତ ଶୁଭଦାୟକ ଅଟେ, ଦେହ ଓ ମନ ଉତ୍ତମ ରହିବ, ଆୟ ବୃଦ୍ଧି ତଥା ବଢ଼ିବ, ପାରିବାରିକ ଜୀବନ ଶାନ୍ତିମୟ ରହିବ, ବ୍ୟବସାୟରେ ଭଲ ଲାଭ ହେବ, ବିଦ୍ୟାର୍ଥୀମାନେ ପଢ଼ାରେ ଆବଶ୍ୟକ ଅନୁଯାୟୀ ପରିଶ୍ରମ କରି ଉତ୍ତମ ଫଳ ପାଇବେ।

**ମକର ରାଶି** - ଏହି ମାସଟି ଆପଣଙ୍କର ଉତ୍ତମ ରହିଛି, ଦେହ ଓ ମନ ସାଧାରଣତଃ ଭଲ ରହିବ, ଆୟ ଆପଣଙ୍କର ଭଲ ହେବ, ପାରିବାରିକ ଜୀବନ ହସଖୁସିରେ କାଟିବେ, ବ୍ୟବସାୟରେ ଲାଭବାନ ହେବେ, ବିଦ୍ୟାର୍ଥୀମାନେ ପଢାପଢ଼ିରେ ଉଚ୍ଚଫଳ ପାଇବେ।

**କୁମ୍ଭ ରାଶି** - ଏହି ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ରହିଛି, ଦେହ ଓ ମନ ଭଲ ରହିବ.ଆୟ ଅଳ୍ପ ହେବ, ପାରିବାରିକ ଜୀବନ ଆନନ୍ଦଦାୟକ ରହିଛି, ବ୍ୟବସାୟରେ ସହଯୋଗ ପାଇବେ ଏବଂ ଉତ୍ତମ ଲାଭ ହେବ, ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ କରିବେ।

**ମୀନ ରାଶି** - ଏହି ମାସଟି ଆପଣଙ୍କର ଅଶୁଭଦାୟକ ରହିଛି, ଦେହ ଓ ମନ ମଧ୍ୟମ ଧରଣର ରହିଛି, ଆୟ ସାମାନ୍ୟ ହେବ, ପାରିବାରିକ ଜୀବନରେ କିଛି ଅଶାନ୍ତି ଦେଖାଦେଇପାରେ, ବ୍ୟବସାୟରେ କ୍ଷତିର ସମ୍ଭାବନା ରହିଛି, ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ ନକରି ଅନୁତାପ କରିବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିସ୍ଫୋରଣରେ ଥରିଲା ଦିଲ୍ଲୀ

ଲୋକ ନାୟକ ଜୟପ୍ରକାଶ ହସ୍ପିଟାଲରେ (ଏଲ୍ଏନ୍ଜେପି) ଆହତମାନଙ୍କ ଚିକିତ୍ସା ଚାଲିଥିବା ବେଳେ ସମସ୍ତ ମୃତଦେହ ମଧ୍ୟ ହସ୍ପିଟାଲରେ ପହଞ୍ଚିଛି। ଏଲ୍ଏନ୍ଜେପିରେ ଅତିକମ୍‌ରେ ୧୪ ଜଣ ଚିକିତ୍ସାଧୀନ ଥିବାବେଳେ ସେମାନଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏଲ୍ଏନ୍ଜେପି ହସ୍ପିଟାଲରେ ପହଞ୍ଚି ପୀଡ଼ିତମାନଙ୍କୁ ଭେଟିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିସ୍ଫୋରଣରେ ମୃତକଙ୍କ ପରିବାର ପାଇଁ ଗଭୀର ସମ୍ବେଦନା ପ୍ରକଟ କରିଛନ୍ତି ଏବଂ ଆହତମାନଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି।

### ୩୨୦୦ କେଜି ବୋମା

ପୁଲିସ ରାସାୟନିକ ପଦାର୍ଥ ଜବତ କରିବା ପରେ ମେଡିକାଲ୍ କଲେଜରେ କାର୍ଯ୍ୟରତ ଡାକ୍ତର ମୁଜାମିଲ୍ ଶକିଲଙ୍କୁ ଗିରଫ କରାଯାଇଥିଲା। ସେହି ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଜଣେ ମହିଳା ଡାକ୍ତରଙ୍କ କାର୍‌ରୁ ଏକ କାରୋମ କକ୍ ଆସଲ୍ଟ ରାଇଫଲ୍ ଓ ଜୀବନ୍ତ ଗୁଳି ମଧ୍ୟ ମିଳିଥିଲା। ତାଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି। ଉକ୍ତ ମହିଳା ଜଣକ ଲକ୍ଷ୍ନୌର ଲାଲବାଗର ବାସିନ୍ଦା ଡାକ୍ତର ଶାହିନ ସାହିଦ ବୋଲି ଜଣାପଡ଼ିଛି। ଅଧିକାରୀଙ୍କ କହିବା ଅନୁସାରେ, ଡାକ୍ତର ଶାହିନଙ୍କ କାର୍‌କୁ ଡାକ୍ତର ମୁଜାମିଲ ବ୍ୟବହାର କରୁଥିଲେ। ଶ୍ରୀନଗରରେ ଆତଙ୍କବାଦୀ ସଂଗଠନ ଜୈସ-ଏ-ମହମ୍ମଦକୁ ସମର୍ଥନ କରି ପୋଷ୍ଟର ଲଗାଇବା ଅଭିଯୋଗରେ ଅନ୍ୟ ଜଣେ ଡାକ୍ତର ଆଦିଲ ଅହମଦ ରାଥରଙ୍କୁ ଉତ୍ତରପ୍ରଦେଶର ସାହାରନପୁରରୁ ଗିରଫ କରାଯାଇଥିଲା। ତାଙ୍କୁ ପଚରାଉଚରା ସମୟରେ ମିଳିଥିବା ଗୁରୁତ୍ୱପୂର୍ଣ୍ଣ ସୂତ୍ରକୁ ଆଧାର କରି ରବିବାରର ଚଢ଼ାଉ କରାଯାଇଥିଲା। ଅଧିକାରୀମାନେ କହିଛନ୍ତି ଯେ, ଫରିଦାବାଦର ଏକ ମସଜିଦର ଜଣେ ଇମାମ୍ (ମୁଖ୍ୟ ଧର୍ମଗୁରୁ) ଇଷ୍ଟିୟାକ୍ ମୁଜାମିଲଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ। ତାଙ୍କୁ ମଧ୍ୟ ଅନୁସନ୍ଧାନକାରୀ ଦଳ ଗିରଫ କରିଛି। ବର୍ତ୍ତମାନ ଫରିଦାବାଦ ଓ ଏହାର ଆଖପାଖରେ ଅନ୍ୟ ଜଣେ ଡାକ୍ତରଙ୍କ ପାଇଁ ସର୍ଚ୍ଚ ଅପରେସନ୍ ଚାଲିଛି।

ଜବତ ସାମଗ୍ରୀଗୁଡ଼ିକ ମଧ୍ୟରେ ତିନୋଟି ମାଗାଜିନ୍ ଓ ୮୩ ଜୀବନ୍ତ ଗୁଳି ସହିତ ଗୋଟିଏ ଆସଲ୍ଟ ରାଇଫଲ୍, ଆଠଟି ଜୀବନ୍ତ ଗୁଳି ସହିତ ଗୋଟିଏ ପିସ୍ତଲ, ଦୁଇଟି ଖାଲି କାର୍ଟ୍ରିଜ୍, ଦୁଇଟି ଅତିରିକ୍ତ ମାଗାଜିନ୍, ଆଠଟି ବଡ଼ ସୁଟକେସ୍, ଚାରୋଟି ଛୋଟ ସୁଟକେସ୍ ଏବଂ ବିସ୍ଫୋରକ ରାସାୟନିକ ଅନ୍ତର୍ଭୁକ୍ତ। ପୁଲିସ ବ୍ୟାଟେରି, ୨୪ଟି ରିମୋଟ୍ କଣ୍ଟ୍ରୋଲ୍, ୫ କିଲୋଗ୍ରାମ୍ ଭାରୀ ଧାତୁ, ୱାକିଟକ୍ ସେଟ୍, ବୈଦ୍ୟୁତିକ ତାର ଓ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ସହିତ ୨୦ଟି ଟାଇମର୍ ଜବତ କରିଛି। ମହିଳା ଡାକ୍ତରଙ୍କ ମାରୁତି ସ୍ୱିଫ୍ଟ କାର୍‌କୁ ଜବତ କରାଯାଇଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଡାକ୍ତର ସକିଲ ଫରିଦାବାଦର ଧୋଜ ଅଞ୍ଚଳରେ ଏକ କୋଠରି ଭଡ଼ା ନେଇଥିଲେ, ଯେଉଁଠାରେ ଆମୋନିୟମ୍ ନାଇଟ୍ରେଟ୍ ଗଚ୍ଛିତ ଥିଲା। ପ୍ରାୟ ୧୫ ଦିନ ତଳେ ବିତରଣ କରାଯାଇଥିବା ଏହି ରାସାୟନିକ ପଦାର୍ଥକୁ ଆଠଟି ବଡ଼ ଓ ଚାରୋଟି ଛୋଟ ସୁଟକେସରେ ଲୁଚାଇ ରଖାଯାଇଥିଲା। ଏହା ପୂର୍ବରୁ ପୁଲିସ କାଶ୍ମୀର ଉପତ୍ୟକାରେ ଥିବା ଡାକ୍ତର ରାଥରଙ୍କ ଏକ ଲକରରୁ ଏକ ଏକେ-୪୭ ରାଇଫଲ ଓ ଗୁଳିଗୋଳା ଜବତ କରିଥିଲା। ଫରିଦାବାଦ କମିସନର ସତ୍ୟେନ୍ଦ୍ର କୁମାର ଗୁପ୍ତା କହିଛନ୍ତି ଯେ, ଶ୍ରୀନଗରରେ ଆତଙ୍କବାଦୀ ସଂଗଠନ ଜୈସ-ଏ-ମହମ୍ମଦକୁ ସମର୍ଥନ କରୁଥିବା ପୋଷ୍ଟର ଲଗାଇବା ମାମଲାରେ ସକିଲଙ୍କୁ ମଧ୍ୟ ଖୋଜା ଚାଲିଥିଲା। ଅଧିକାରୀମାନେ କହିଛନ୍ତି ଯେ ଫରିଦାବାଦରେ ଏହି ଗିରଫଦାରୀ ଗତ କିଛି ଦିନ ଧରି ଚାଲିଥିବା ଏକ ବୃହତ୍ ଆତଙ୍କବାଦ ବିରୋଧୀ ଅଭିଯାନର ଏକ ଅଂଶ, ଯାହାକୁ ଜୈସ-ଏ-ମହମ୍ମଦ (ଜେଏମ୍) ଓ ଅନସାର ଗଜୱାତ-ଉଲ୍-ହିନ୍ଦ୍ (ଏଜିୟୁଏଚ୍) ସହ ଜଡ଼ିତ 'ହ୍ୱାଇଟ୍ କଲାର' ଆତଙ୍କବାଦୀ ଇକୋସିଷ୍ଟମ୍' ବୋଲି ପୁଲିସ ବର୍ଣ୍ଣନା କରିଛି।

### ବିହାରରେ ଚକ୍‌ମା ଦେଲେ

ସିପିଆଇ (ଏମ୍ଏଲ୍)(ଏଲ୍) ୨ଟି ଏବଂ ସିପିଏମ୍ ୧ଟି ଆସନ ପାଇଛି। ମହାମେଣ୍ଟର ଅନ୍ୟତମ ପ୍ରମୁଖ ସହଯୋଗୀ ଭିଆଇପି ଖାତା ଖୋଲି ନପାରିବା ବଡ଼ ଝଟକା ହୋଇଛି। ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ନିଜ ପାରିବାରିକ ଗଡ଼ ରାଘୋପୁରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଭିତରେ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ତାଙ୍କ ଭାଇ ତେଜପ୍ରତାପ ଯାଦବ ଜନଶକ୍ତି ଜନତା ଦଳ (ଜେଜେଡି) ବ୍ୟାନର୍‌ରେ ନିର୍ବାଚନ ଲଢ଼ି ପରାଜିତ ହୋଇଛନ୍ତି। ଏନ୍‌ଡିଏର ରଣନୀତିକୁ ପ୍ରତିହତ କରିବା ଏବଂ ସମନ୍ୱୟର ଅଭାବ ମହାମେଣ୍ଟ ବିପର୍ଯ୍ୟୟର ମୁଖ୍ୟ କାରଣ ବୋଲି କୁହାଯାଉଛି।

ଏହି ନିର୍ବାଚନରେ ଅସଉଦ୍ଦିନ ଓୱେସୀଙ୍କ ଏଆଇଏମ୍ଆଇଏମ୍ ମୁସଲିମ ଅଧ୍ୟୁଷିତ ସୀମାଞ୍ଚଳ ଅଞ୍ଚଳରେ ୫ଟି ଆସନ ହାସଲ କରିବାକୁ ସକ୍ଷମ ହୋଇଛି। ୨୫ ବର୍ଷୀୟା ଲୋକଗାୟିକା ମୈଥିଳୀ ଠାକୁର ବିଜେପି ଟିକେଟରେ ଅଲିନଗରରୁ ପ୍ରଥମ ବିଜୟ ହାସଲ କରିଛନ୍ତି। ଏଥର ଏହି ବିଶାଳ ବିଜୟ ଜେଡିୟୁ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱକୁ ଅଧିକ ଦୃଢ଼ କରିଛି।

### ଜୟଙ୍କ ବଡ଼

ହୋଇ ସାରିଥିଲା। ନୂଆପଡ଼ା ବିଜେପି କାର୍ଯ୍ୟାଳୟ ଓ ବିଭିନ୍ନ ସ୍ଥାନରେ ବିଜେପି କର୍ମୀମାନେ ଜୟଙ୍କ ବିଜୟ ଆନନ୍ଦରେ ମସଗୁଲ ହୋଇଥିଲେ।ରାଜ୍ୟର ଅନ୍ୟତମ ପଛୁଆ ଅଞ୍ଚଳର ଏହି ବିଧାନସଭା ଆସନକୁ ୧୧ ବର୍ଷ ପରେ ବିଜେପି ନିଜ ଦଖଲକୁ ନେଇଛି। ବିଜେପି ପ୍ରାର୍ଥୀ ଜୟଙ୍କୁ ୧ ଲକ୍ଷ ୨୩ ହଜାର ୮୬୯ ଖଣ୍ଡ ଭୋଟ ମିଳିଛି। କଂଗ୍ରେସ ପ୍ରାର୍ଥୀ ଘାସିରାମ ୪୦ ହଜାର ୧୨୧ଟି ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮ ହଜାର ୪୦୮ଖଣ୍ଡ ଭୋଟ ପାଇଛନ୍ତି।

ସବୁଠାରୁ ବଡ଼ କଥା ହେଲା, ବିଜେଡିର ଗଡ଼ କୁହାଯାଉଥିବା ଏହି ଆସନରେ ବିଜେଡି ପ୍ରଥମଥର ପାଇଁ ତୃତୀୟ ସ୍ଥାନକୁ ଖସିଯାଇଛି। ଘାସିରାମ ମାଝୀ ଗତ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପାଇଥିବା ଭୋଟ ତୁଳନାରେ ଏଥର କମ୍ ପାଇଥିଲେ ବି ଏଥର କଂଗ୍ରେସ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଅନ୍ୟମାନଙ୍କ ମଧ୍ୟରେ ସମାଜବାଦୀ ପାର୍ଟିର ରମାକାନ୍ତ ହାତି ୧୭୮୦ ଭୋଟ, ଓଡ଼ିଶା ଜନତା ପାର୍ଟିର ଶୁକଦେବ ଦଣ୍ଡସେନା ୧୬୭ ଭୋଟ, ସ୍ୱାଧୀନ ପ୍ରାର୍ଥୀ ଲୋଚନ ସିଂହ ମାଝୀ ୨୧୩୭ ଭୋଟ, ଲକ୍ଷ୍ମୀକାନ୍ତ ତାଣ୍ଡି ୧୩୨୨ ଭୋଟ, କିଶୋର ବାଗ ୭୪୩ ଭୋଟ, ଭୁବନାନନ୍ଦ ସାହୁ ୭୨୧ ଭୋଟ, ହେମନ୍ତ ତାଣ୍ଡି ୬୬୨ ଭୋଟ, ଚକ୍ରଧର ଜେନା ୫୨୯ ଭୋଟ, ଭକ୍ତବନ୍ଧୁ ଧଗୁଆ ୫୧୧ ଭୋଟ, ନୀତା ବାଗ ୫୨୯ ଭୋଟ ଏବଂ ଅଶ୍ୱୟ ମହାନନ୍ଦ ୧୯୧ ଭୋଟ ପାଇଛନ୍ତି।

ନୂଆପଡ଼ାରେ ବିଜେପିର ଐତିହାସିକ ବିଜୟ ପରେ ପ୍ରାର୍ଥୀ ଜୟ ଢୋଲକିଆ ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲେ। ଜୟଙ୍କର ବିଜୟ ଶୋଭାଯାତ୍ରା ଖଡ଼ିଆଳ ରୋଡ଼ରୁ ବାହାରି ୧୦ କିଲୋମିଟର୍ ଯାତ୍ରା କରି ନୂଆପଡ଼ା ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ବିଜୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, କଳାହାଣ୍ଡି ସାଂସଦ ମାଳବିକା ଦେଓ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ବିଜେପି ନେତା ପ୍ରଦୀପ ପାଢ଼ୀ, ଯଦୁମଣି ପାଣିଗ୍ରାହୀ, ବିଜେପି ଜିଲ୍ଲା ସଭାପତି କମଳେଶ ଦୀକ୍ଷିତ, ମାନସ ମହାନ୍ତି, ଅଭିନନ୍ଦନ ପଣ୍ଡା, ଲମ୍ବୋଦର ନିଆଲ, ସୋନିଆ ଜୈନ, ବାଲକୃଷ୍ଣ ଶବର, ଗୋଲ୍କି ଅଗ୍ରୱାଲ ଉପସ୍ଥିତ ଥିଲେ। ପରେ ହଜାର ହଜାର ବିଜେପି ନେତା ଓ କର୍ମୀ ବିଜୟ ଶୋଭାଯାତ୍ରାରେ ବାହାରି ନୂଆପଡ଼ା ସହର ପରିକ୍ରମା କରେ ଏବଂ ଛକରେ ଛକରେ ସ୍ୱର୍ଗତ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଜୟ ଢୋଲକିଆଙ୍କ ବିଜୟ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ମନ୍ତ୍ରୀ ଓ ବିଧାୟକମାନେ ଶୁଭେଚ୍ଛା ଜଣାଇଛନ୍ତି। ଏହା ନୂଆପଡ଼ା ବିଧାନସଭାକ୍ଷେତ୍ରର ଜନତାଙ୍କ ବିଜୟ ବୋଲି ସେମାନେ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ ବସନ୍ତ ପଣ୍ଡା ବିଜୟୀ ହୋଇଥିଲେ। ଗତ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ବିଜୟୀ ହୋଇଥିଲେ। ରାଜେନ୍ଦ୍ରଙ୍କ ବିଜୟ ବ୍ୟବଧାନ ୧୦,୮୮୧ ଥିଲା। ତେବେ ପୁଅ ଜୟ ତାଙ୍କ ପ୍ରଥମ ପଦାର୍ପଣରେ ବଡ଼ ବ୍ୟବଧାନରେ ବିଜୟ ହାସଲ କରି ନୂଆପଡ଼ା ରାଜନୀତିରେ ରେକର୍ଡ ସ୍ଥାପନ କରିଛନ୍ତି।

### ବିହାରରେ ବିଜୟ

କରୁଛି, ତେବେ ଦୀର୍ଘକାଳୀନ ସମାଜିକ ଏକତା ଓ ଧାର୍ମୀୟ ସହଅବସ୍ଥାପନାର (co-existence) ଝୁଙ୍କି ବଢ଼ିପାରେ। ଏହା ଦଳୀୟ ସ୍ୱାର୍ଥରେ ଧାର୍ମୀୟ ଭାଗିଦାରୀକୁ ବଢାଇ ପାରେ, ଯାହା ଜାତି, ପରିଚୟ ଓ ଆଇଡେଣ୍ଟିଟି ଆଧାରିତ ପୋଲାରାଇଜେଶନକୁ ପୁଷ୍ଟି ଦେଇପାରେ।ପ୍ରଧାନମନ୍ତ୍ରୀ ଓ ନାୟକଙ୍କର ଭୂମିକା-ମୋଦି- ନିତିଶ କମ୍ବୋ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ର ବିଜୟର ପ୍ରମୁଖ ଚାଳକ ଥିଲା। ଯେଉଁଭଳି ନେତୃତ୍ୱ ଧାର୍ମୀୟ, ସାଂସ୍କୃତିକ ଏବଂ ପ୍ରଶାସନିକ ମୁଦ୍ଦାରେ ସମନ୍ୱୟ ସଫଳତାର ସଂଦେଶ ପଠାଇଛି, ତାହା ପୋଲିଟିକ୍ସରେ ଲିଡରଶିପ ଏବଂ ନାୟକତ୍ୱର ନୂତନ ଆକାର ଉପସ୍ଥାପନା କରେ। ଭୋଟରଙ୍କର ପ୍ରଧାନ ଚିନ୍ତା-ଧାର୍ମୀୟ ଭାବେ ଆକର୍ଷଣ ଥିଲେ ମଧ୍ୟ, ବିହାରର ଭୋଟରଙ୍କର ଅନେକ ଚିନ୍ତାଛି — କାର୍ଯ୍ୟକାରିତା, ଦାୟିତ୍ୱ, ଆର୍ଥିକ ନିରାପତ୍ତା, ଜୀବିକା ସୁବିଧା। ବିଜୟ ପଛର ବଡ଼ କାରଣଗୁଡ଼ିକ ଏହି ସମସ୍ୟାମାନେ ହାର ତରଫକୁ ଦେଖିବାରେ ଏକ ସୁଚକ। ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ର ବିହାର ବିଜୟରେ ହିନ୍ଦୁ ଧାର୍ମୀୟ ସେଣ୍ଟିମେଣ୍ଟ ନି:ସନ୍ଦେହ ଏକ ଅଂଶ ଥିଲା, ଖାସକରି ସାଂସ୍କୃତିକ ଅନ୍ନ (ଚାଥ ପୂଜା), ଧାର୍ମୀୟ ପ୍ରସଙ୍ଗ ବ୍ୟବହାର, ଏବଂ ପରିଚୟ-ଭୋଟର ମନୋଭାବ ବିକାଶରେ। କିନ୍ତୁ, ଏହା ଏକମାତ୍ର କାରଣ ନୁହେଁ। ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ର ସୁସାସନ, ମହିଳା ଯୋଜନା, ନିତିଶ- ମୋଦି ଲିଡରଶିପ ଓ ସାଇଡ୍ କୋଆଲିସନ୍ ଗଢାଟିକା ମଧ୍ୟ ବିଜୟର ପଛର ମୁଖ୍ୟ ଶକ୍ତି। ଏହି ବିଜୟ ସାମାଜିକ ଓ ଧାର୍ମୀୟ ଦୃଷ୍ଟିରୁ ଏକ ସତର୍କ ସନ୍ଦେଶ ଦିଏ: ଯଦି ପୋଲିଟିକାରେ ଧାର୍ମୀୟ ଭାଗିଦାରୀ ବଢିବା ଭୟ ରହିବ, ତେବେ ସମୁଦାୟୀକ ଏକତା ଓ ଦୀର୍ଘକାଳୀନ ସାମରସ୍ୟକୁ ଜନସାଧାରଣ ଦୃଷ୍ଟିରୁ ଲଭ୍ୟ ରଖିବା ଜରୁରୀ।ନୀତିଗତ ଭାବରେ, ଭୋଟରଙ୍କୁ ଜଣା ଦିଆଯାଇବା ଉଚିତ — କେବଳ ଧାର୍ମୀୟ ଆଇଡେଣ୍ଟିଟିର ଆଧାରରେ ନୁହେଁ, କିନ୍ତୁ ସେମାନଙ୍କର ଜୀବନ ସ୍ତର, ସୁବିଧା, ସୁସାସନ ଓ ସାମାଜିକ ଉନ୍ନତି କେମିତି ପ୍ରଭାବିତ ହେଉଛି, ଏହି ଚର୍ଚ୍ଚା ମୁଖ୍ୟ ରଖିବା ଆବଶ୍ୟକ।

# ମୁହଁରେ ଦୁଃଖ ଶ୍ରୀକ୍ଷେତ୍ର ଛାଡୁଥିବାରୁ



## ହବିଷ୍ୟାଳୀ ମା ମାନଙ୍କର ଘରବାହୁଡା ପ୍ରସ୍ତୁତି

**ପୁରୀ:** ଏକ ମାସର ନିରବଚ୍ଛିନ୍ନ ହବିଷ ବ୍ରତ ବା ରାଈଦାମୋଦର ବ୍ରତ ପରେ ନିଜ ନିଜ ଘରକୁ ଫେରିବାକୁ ତତ୍ପର ହେଲେଣି ହବିଷ୍ୟାଳୀ ମା ମାନେ।କୁମାର ପୂର୍ଣ୍ଣିମା ପୂର୍ବ ରୁ ନିଜ ଘର ଛାଡି ପହଞ୍ଚି ଥିଲେ ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ।କାର୍ତ୍ତିକ ର ପ୍ରଥମ ଦିନ ରୁ ସଂକଳ୍ପ କରି,ବୃନ୍ଦାବତୀ ପୂଜନ କରି, ମହାପ୍ରଭୁଙ୍କ ଦର୍ଶନ କରି ରହିଥିଲେ ନିଷ୍ଠାର ସହ।ଚଳିତ ବର୍ଷ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ର ଆର୍ଥିକ ସହଯୋଗ ରେ ଜିଲ୍ଲା ପ୍ରଶାସନ ପ୍ରତିଟି ବ୍ୟବସ୍ଥା କୁ ଶୃଙ୍ଖଳିତ କରିବାକୁ ବ୍ୟବସ୍ଥା କରଛନ୍ତି।ନିଜେ ଜିଲ୍ଲାପାଳ ଦିବ୍ଯ ଜ୍ୟୋତି ପରିଡା ହବିଷ୍ୟାଳୀ କେନ୍ଦ୍ର ଗୁଡିକ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏକାଧିକ ଥର ଓ ମା ମାନେ କେନ୍ଦ୍ର ରେ ରହିବା ପରେ ବହୁବାର ପରିଦର୍ଶନ କରିବା ସହ ମା ମାନଙ୍କ ଭଲ ମନ୍ଦ,ସୁବିଧା ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି।ଚଳିତ ବର୍ଷ ବୃନ୍ଦାବତୀ ନିବାସ,ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଓ ରେଲୱେ କଲ୍ୟାଣ ମଣ୍ଡପ ଠାରେ ହବିଷ୍ୟାଳୀ କେନ୍ଦ୍ର କରାଯାଇଛି।

ବରିଷ୍ଠ ଅଧିକାରୀ ମାନଙ୍କୁ ବିଭିନ୍ନ କେନ୍ଦ୍ର ର ପରିଚାଳନା ଦାୟିତ୍ୱ ଦେବା ସହ ଯେପରି କୌଣସି କ୍ଷେତ୍ରରେ ମା ମାନଙ୍କ ର ସମସ୍ୟା ନ ହୁଏ ସେଥି ପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ସେହି ଆଧାର ରେ ସମସ୍ତ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ମାନେ ଅତ୍ୟନ୍ତ ନିଷ୍ଠାପର ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି।ସରକାରଙ୍କ ପକ୍ଷରୁ ନିଜେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ଏବଂ କ୍ରୀଡା ଓ ଯୁବ ସେବା ଓ ସଂସ୍କୃତି ମନ୍ତ୍ରୀ ହବିଷ୍ୟାଳୀ କେନ୍ଦ୍ର ମାନଙ୍କ ରେ ପହଞ୍ଚି ମା ମାନଙ୍କ ସହ ବାର୍ତ୍ତାଳାପ କରିଛନ୍ତି।

ମା ମାନଙ୍କୁ ଏକ ମାସର ସୁରକ୍ଷିତ ରହଣୀ,ଶୃଙ୍ଖଳିତ ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ,ଆଧ୍ୟାତ୍ମିକ ପ୍ରବଚନ,ମହାପ୍ରସାଦ ସେବନ ଇତ୍ୟାଦି ପାଇଁ ପ୍ରଶାସନ ପର୍ଯ୍ୟାପ୍ତ ବ୍ୟବସ୍ଥା କରିଛନ୍ତି।ପୂର୍ବରୁ ଅତିଥି ମାନେ ପ୍ରତୀକାତ୍ମକ ଭାବେ ମା ମାନଙ୍କୁ ବିଭିନ୍ନ ସାମଗ୍ରୀ ଥିବା କିଟ୍ସ ବ୍ୟାଗ ପ୍ରଦାନ କରିଥିବା ବେଳେ ଆଜି ସମସ୍ତ ମାନଙ୍କୁ ଏହି କିଟ୍ସ ବ୍ୟାଗ ସହ ଶୁଖିଲା ଭୋଗ ପ୍ରଦାନ କରାଯାଇଛି।ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା,ଶରତ ଚନ୍ଦ୍ର ମହାପାତ୍ର, ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ଅନ୍ୟାନ୍ୟ ଅଧିକାରୀ ମାନେ କିଟ୍ସ ଗୁଡିକ ବଣ୍ଟନ କରିଥିଲେ।ଏବେ

ପ୍ରତ୍ୟେକ ଟି ମା ମୁହଁରେ ନିଜ ଘରକୁ ଫେରିବା ର ଆନନ୍ଦ ସତ, ହେଲେ ମାସକର ସ୍ନେହ ମମତା ରେ ବନ୍ଧା ସମ୍ପର୍କ ଆଖିରେ ଲୁହ ଭରି ଦେଉଛି।ଅଧିକାରୀ ହୁଅନ୍ତୁ,କର୍ମଚାରୀ ହୁଅନ୍ତୁ,ସ୍ୱେଚ୍ଛାସେବୀ ଝିଅ, ଭଉଣୀ ହୁଅନ୍ତୁ ବା ପୁଅ ମାନେ ତାଙ୍କ ପାଖରେ ବିଭିନ୍ନ ସାମଗ୍ରୀ ଦେବା ବେଳେ ସେମାନ ଙ୍କୁ ଆଦରରେ ଆଉଁସି, କୁଣ୍ଢେଇ ମା ମାନେ କାନ୍ଦି ପକେଇବା ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ।ଓଦା କଣ୍ଠରୁ କିନ୍ତୁ ଝରି ଆସୁଛି ଆଶୀର୍ବାଦ ର ହୁଳହୁଳି।

# ଅଁଳା ନବମୀ ରାଧା ପାଦ ଦର୍ଶନ ଅବସରରେ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ

**ପୁରୀ:** ଆଜି ଆଚାର୍ଯ୍ୟ ହରିହର ଶିଶୁ ଭବନ, ସାକ୍ଷୀଗୋପାଳଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଏକତା ଦିବସ ପାଳନ ଓ ଶପଥ ଗ୍ରହଣ ତଥା ଅଁଳା ନବମୀ ରାଧା ପାଦ ଦର୍ଶନ ଅବସରରେ ଶିଶୁ ସୁରକ୍ଷା ସମ୍ପର୍କିତ ସୂଚନା, ଶିକ୍ଷା, ସମ୍ପ୍ରସାରଣ ଶିବିର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରଶାସନ ସହାୟତାରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଉପ ଆରକ୍ଷୀ ଅଧୀକ୍ଷକ ତିଳୋତ୍ତମା ରାଉତ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, କିଶୋର ନ୍ୟାୟ ବୋର୍ଡ଼ ସଦସ୍ୟ ମହାବୀର



ରୁଦ୍ର ନାରାୟଣ ସାହୁ, ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ, ଆଇନ ପରିବୀକ୍ଷ ଅଧିକାରୀ ସନ୍ତୋଷ କୁମାର ସାହୁ, ସାମାଜିକ କର୍ମୀ ବିଜୟ କୁମାର ପରିଡ଼ା, ଚାଇଲଡ ହେଲ୍ପ ଲାଇନ କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ପଣ୍ଡା, ଭବାନୀ ଶଙ୍କର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଆଚାର୍ଯ୍ୟ ହରିହର ଶିଶୁ ଭବନ ପରିସରକୁ ପରିଦର୍ଶନ ରେ ଯାଇ ଏକତା ଦିବସ ଶପଥ ଗ୍ରହଣରେ ଅଂଶ ଗ୍ରହଣ କରିଥିଲେ ଓ ଶିଶୁମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ଏହା ପରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସୂଚନା ଶିକ୍ଷା ସମ୍ପ୍ରସାରଣ ଶିବିର ଉଦଘାଟନ କରିବା ସହିତ ଆଶ୍ରମ ଅନ୍ତେବାସୀଙ୍କ ସହିତ ରାଧା ପାଦ ଦର୍ଶନ କରିଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ଚାଇଲଡ ହେଲ୍ପଲାଇନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କର୍ମକର୍ତ୍ତା ମାନେ ଶିଶୁ ଅଧିକାର, ଶିଶୁ ସୁରକ୍ଷା, ଚାଇଲ୍ଡ ହେଲ୍ପଲାଇନ ନିଶୁଳ୍କ ଫୋନ ନମ୍ବର ୧୦୯୮ ସମ୍ବନ୍ଧୀୟ ସୂଚନା ପତ୍ର ଲିଫଲେଟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର ଶିଶୁ ଭବନର ଅଧିକ୍ଷକ ସୁବୋଧ କୁମାର ସ୍ୱାଇଁ ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିଶୁ ମାନେ ଉପଭୋଗ କରିବା ସହିତ ଖୁସିବ୍ୟକ୍ତ କରିଥିଲେ।

# ପୁରୀ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ




**ପୁରୀ:** ଆଜି ଅପରାହ୍ନ ରେ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ, ଦୁର୍ନୀତି ନିବାରଣ ଶାଖା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଦୁର୍ନୀତି ଏକ ସାମାଜିକ ବ୍ୟାଧି।ଏହା ବିକାଶ କୁ ନଷ୍ଟ କରିବା ସହ ସାମାଜିକ ପ୍ରଗତି କୁ କ୍ଷତି ପହଞ୍ଚାଇଥାଏ। ଦୁର୍ନୀତି ନିବାରଣ ବିଭାଗ କେବଳ ଏହାକୁ ରୋକି ପାରିବ ନାହିଁ।ଏହାର ପ୍ରତିହତ ପାଇଁ ସମବନ୍ଧ ଉଦ୍ୟମ ଜରୁରୀ ବୋଲି ସେ କହିଥିଲେ।ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଦୁର୍ନୀତି ନିବାରଣ ପାଇଁ ସମସ୍ତେ ସଚେତନ ହେବା ସହ ସତର୍କ ରହିବା ଉଚିତ।ପିଲା ର ଚରିତ୍ର ଗଠନ ନିଜ ଗୃହରୁ ହିଁ ଆରମ୍ଭ ହୋଇ ଥାଏ।ପିତାମାତା ଓ ଗୁରଜନ ଙ୍କ ପ୍ରଭାବ ଦ୍ୱାରା ସେ ପ୍ରଭାବିତ ହୋଇଥାଏ।ତେଣୁ ଛୋଟ ଛୋଟ ସକରାତ୍ମକ ପ୍ରୟାସ ତାକୁ ଭଲ ମଣିଷ ସହ ଦୁର୍ନୀତି ନିବାରଣ ପଥରେ ସହାୟକ କରାଇପାରିବ ବୋଲି ସେ କହିଥିଲେ।ବିଶିଷ୍ଟ ବକ୍ତା ଭାବେ ଦୁର୍ନୀତି ନିବାରଣ ବିଭାଗର ଆଇନ ପରାମର୍ଶଦାତା ସତ୍ୟବାଦୀ ଦାସ ଓ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଦୁର୍ନୀତି ବିକାଶ ର ମୁଖ୍ୟ ପ୍ରତବନ୍ଧକ ବୋଲି କହିବା ସହ ପ୍ରତ୍ୟେକ ନିଜ ବିବେକାନୁମୋଦିତ କାର୍ଯ୍ୟ, ଉନ୍ନତ ଚରିତ୍ର ଗଠନ,ଆତ୍ମ ସଂଯମତା ଓ ଶୃଙ୍ଖଳା ରଖିଲେ ଦୁର୍ନୀତି ନିବାରଣ ସହଜ ହୋଇ ପାରିବ ବୋଲି କହିଥିଲେ।କେବଳ ଗୋଟିଏ ଦିନ ପାଇଁ ନୁହେଁ ବରଂ ପ୍ରତିଟି ଦିନ ପ୍ରତ୍ୟେକ ବ୍ୟକ୍ତି ଦୁର୍ନୀତି ନିବାରଣ ପାଇଁ ଚେଷ୍ଟିତ ହେବା କୁ ସେମାନେ ଆହ୍ୱାନ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏହି କାର୍ଯ୍ୟକ୍ରମ ରେ ସଂଯୋଜନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନୀତି ବିରୋଧୀ ଯେ କୌଣସି କାର୍ଯ୍ୟ ଦୁର୍ନୀତି ପଦବାଚ୍ୟ। ଦୁର୍ନୀତି ରୂପକ ସାମାଜିକ କଳଙ୍କ କୁ ବ୍ୟାପକ ସଚେତନତା ମାଧ୍ୟମରେ ପ୍ରତିହତ କରାଯାଇ ପାରିବ ବୋଲି ଶ୍ରୀ ସେଠୀ ମତ ଦେବା ସହ ସମସ୍ତ ଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ କରାଇଥିଲେ।କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ର ପ୍ରତିନିଧି, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି , ସ୍ୱେଚ୍ଛାସେବୀ,ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତା ର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।ଶେଷରେ ପୁରୀ ଜିଲ୍ଲା ଦୁର୍ନୀତି ନିବାରଣ ଶାଖାର ଉପ ଆରକ୍ଷୀ ଅଧିକ୍ଷକ ସୋମନାଥ ବାରିକ ଧନ୍ୟବାଦ ଅର୍ପଣ କରିବା ସହ ପୁରୀ ଜିଲ୍ଲା ରେ ଦୁର୍ନୀତି ନିବାରଣ ବିଭାଗର କାର୍ଯ୍ୟକାରିତା ଓ ସଫଳତା ସମ୍ପର୍କରେ ଆଲୋକପାତ କରି
ଥିଲେ।ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ।ପ୍ରାରମ୍ଭରେ ଅତିଥି ମାନେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।ପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ ଏବଂ ଜିଲ୍ଲା ସ୍କୁଲର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ।

# ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ପ୍ରତିଯୋଗିତା

**ପୁରୀ:** ନିରନ୍ତର ବିକାଶ ପାଇଁ ସରକାର ଙ୍କ ପକ୍ଷରୁ ୧୭ଟି ଲକ୍ଷ୍ୟ ବା ଗୋଲ ଧାର୍ଯ୍ୟ କରାଯାଇଛି।ଏହାକୁ ସଫଳ କରିବା ଓ ସମସ୍ତଙ୍କୁ ଏହି ଲକ୍ଷ୍ୟ ରେ ସାମିଲ କରିବା ଆବଶ୍ୟକ।ଛାତ୍ରଛାତ୍ରୀ ଙ୍କ ମାଧ୍ୟମରେ ଏହି ଲକ୍ଷ୍ୟ କୁ ପରିପ୍ରକାଶ କରିବା ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା।ଆଜି ଅପରାହ୍ନ ରୁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ରେ ଜିଲ୍ଲା ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ପକ୍ଷରୁ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନ ର ୫୧ ଟି ପ୍ରକଳ୍ପ ପ୍ରଦର୍ଶିତ ହେବା ସହ ଶ୍ରେଷ୍ଠ ପ୍ରତିଯୋଗୀ ଏବଂ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ଓ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଆଗାମୀ କାଲି ର ଭାରତ ବର୍ଷ କୁ ବିକଶିତ କରିବା ଲକ୍ଷ୍ୟ ରେ ଧାର୍ଯ୍ୟ କରାଯାଇଥିବା ଏହି ଲକ୍ଷ୍ୟକୁ ପୂରଣ ଦିଗରେ ଛାତ୍ର ଛାତ୍ରୀ ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।ଆଜି ପ୍ରଦର୍ଶିତ ବିବିଧ ପ୍ରକଳ୍ପ ଗୁଡିକ ଅତି ଉଚ୍ଚ ମାନର।ଛାତ୍ର ଛାତ୍ରୀ ଙ୍କ ନିରନ୍ତର ପ୍ରୟାସ ଲକ୍ଷ୍ୟ ହାସଲ କୁ ସୁନିଶ୍ଚିତ କରିବ ବୋଲି ଶ୍ରୀ ବେହେରା ଆଶାବ୍ୟକ୍ତ କରିଥିଲେ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଓ ବିକଶିତ ଭାରତ ଗଠନ ସମ୍ପର୍କରେ ଆଲୋକପାତ କରିଥିଲେ।ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ।ପ୍ରକଳ୍ପ ପ୍ରଦର୍ଶନୀ ରେ ମଦର୍ସ ପବ୍ଲିକ ସ୍କୁଲ ଗୋରୁଆଳର ସାଦ୍ୟାନ୍ତ ଶତପଥୀ ଙ୍କ ପ୍ରକଳ୍ପ ପ୍ରଥମ,ପୁରୀ ଜିଲ୍ଲା ସ୍କୁଲର ନିଖିଳ କୁମାର ସିଂ ଦ୍ୱିତୀୟ ଓ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ରିତୀକା ମହାରଣା ଙ୍କ ପ୍ରକଳ୍ପ ତୃତୀୟ ସ୍ଥାନ ହାସଲ କରିଥିଲେ।ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ପୁରୀ ଡିଏଭି ପବ୍ଲିକ ସ୍କୁଲର ଅନୁରାଗ ଆଚାର୍ଯ୍ୟ ପ୍ରଥମ, ପୁରୀ ଜିଲ୍ଲା ସ୍କୁଲର ସମ୍ବିତ କୁମାର ଦାସ ଦ୍ୱିତୀୟ ଓ ସୁଖିଲତା ମେମୋରିଆଲ ଉଚ ବିଦ୍ୟାଳୟର ମେଘନା ଦେବନାଥ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ।ଇଂରାଜୀ ପ୍ରବନ୍ଧ ରେ ବାଲୁଖଣ୍ଡ ଓଡିଶା ଆଦର୍ଶ ବିଦ୍ୟାଳୟ ର ଜିତେଶ ରୋଶନ ଜେନା ପ୍ରଥମ, ପୁରୀ ଡିଏଭି ପବ୍ଲିକ ସ୍କୁଲର ପ୍ରୟାଗ ଚନ୍ଦ୍ର ମିଶ୍ର ଦ୍ୱିତୀୟ ଓ ବାଲୁଖଣ୍ଡ ଓଡିଶା ଆଦର୍ଶ ବିଦ୍ୟାଳୟର ନିଲେଶ ସ୍ୱାଇଁ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ।କାର୍ଯ୍ୟକ୍ରମ ରେ ଜିଲ୍ଲା ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ମହେଶ ପ୍ରସାଦ ମିଶ୍ର, ରାମଚନ୍ଦ୍ର ଟୁଡୁ, ଅର୍ଥ ବିଶେଷଜ୍ଞ ବିଶ୍ୱ ରଞ୍ଜନ ଜେନା, କ୍ଷୁଦ୍ର ଯୋଜନା ଏବଂ ଜୀବିକା ବିଶେଷଜ୍ଞ ସନ୍ଧ୍ୟା ରାଣୀ ଦାଶ ଓ ଅର୍ଥନୀତିଜ୍ଞ ସୋନାଲିଜା ମହାନ୍ତି ପ୍ରମୁଖ ଯୋଗ ଦେଇ ପରିଚାଳନା ରେ ସହଯୋଗ କରିଥିଲେ।

# ପୁରୀ ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ପାଳିତ




**ପୁରୀ:** ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ପୁରୀ ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଯୋଗ ଦେଇ ମାଣ୍ଡିଆ ସ୍ୱାସ୍ଥ୍ୟ ପ୍ରଦ ସହ ପୋଷକ ତତ୍ୱ ରେ ଭରପୁର ରହିଥାଏ।ମାଣ୍ଡିଆ ର ବ୍ୟବହାର କୁ ଅଧିକ ପ୍ରସାରିତ କରିବା ଓ ବିଶ୍ୱ ସ୍ତରରେ ପହଞ୍ଚାଇବାକୁ ସରକାରଙ୍କ ପ୍ରୟାସ କୁ ଆମେ ସମ୍ମିଳିତ ଭାବେ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ।ବର୍ତ୍ତମାନ ଅଙ୍ଗନବାଡି ଓ ବିଦ୍ୟାଳୟ ମାନଙ୍କ ରେ ମାଣ୍ଡିଆ କୁ ସାମିଲ କରାଯାଇଥିବା ବେଳେ ବିଭିନ୍ନ କ୍ୟାଣ୍ଟିନ,ହୋଟେଲ, ସରକାରୀ ବୈଠକ, ରାଜ୍ୟ ଓ ଜାତୀୟ କାର୍ଯ୍ୟକ୍ରମ ମାନଙ୍କ ରେ ମାଣ୍ଡିଆ ଜାତ ବିବିଧ ଖାଦ୍ୟ ସାମଗ୍ରୀ ର ଚାହିଦା ବଢିଛି।କୃଷକ ମାନଙ୍କୁ ମାଣ୍ଡିଆ ଚାଷ ପାଇଁ ମଧ୍ୟ ପ୍ରୋତ୍ସାହନ ସରକାର ଦେଉଛନ୍ତି ବୋଲି ଶ୍ରୀ ବେହେରା ସୂଚନା ଦେଇଥିଲେ।ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟ ନାରାୟଣ କର ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆମ ପୁରୀ ଜିଲ୍ଲାରେ କୃଷ୍ଣ ପ୍ରସାଦ ବ୍ଲକରେ ପ୍ରାୟ ୨ଶହ ହେକ୍ଟର ଜମି ରେ ମାଣ୍ଡିଆ ଚାଷ କରାଯାଇଛି।ଚଳିତ ବର୍ଷ ୩ ଶହ କ୍ୟୁଣ୍ଟାଲ ମାଣ୍ଡିଆ ସଂଗ୍ରହ ର ଲକ୍ଷ ରଖାଯାଇଛି ବୋଲି ଶ୍ରୀ କର ସୂଚନା ଦେବା ସହ ମାଣ୍ଡିଆ ଚାଷ ଓ ସହାୟକ ଉପକରଣ ପାଇଁ ପ୍ରୋତ୍ସାହନ ଦିଆଯାଉଛି ବୋଲି ସେ କହିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ ମଞ୍ଜୁଳା ତ୍ରିପାଠୀ, ସାକ୍ଷୀ ଗୋପାଳ କୃଷି ବିଜ୍ଞାନ କେନ୍ଦ୍ର ର ବରିଷ୍ଠ ବୈଜ୍ଞାନିକ ଡ ସୂର୍ଯ୍ୟ ନାରାୟଣ ମିଶ୍ର, ସାକ୍ଷୀ ଗୋପାଳ କୃଷି ଅଧିକାରୀ ଡ ପରେଶ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ମାଣ୍ଡିଆ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ।

# ଭକ୍ତଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର



**ପୁରୀ:** ଭକ୍ତଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହେବ ବ୍ୟବସ୍ଥା। ଭକ୍ତମାନେ ଟିକେଟ୍ କରି ଦର୍ଶନର ସୁଯୋଗ ପାଇବେ। ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ। ଏଥିସହ ଗୁଣ୍ଡିଚା ମନ୍ଦିରର ଅନ୍ୟ ତିନି ପାର୍ଶ୍ୱର ଉନ୍ନତୀକରଣ କରାଯିବ। ଗୁଣ୍ଡିଚା ମନ୍ଦିର ଭିତର ବେଢ଼ା ଓ ବାହାର ବେଢ଼ାର ପୁନଃ ଉନ୍ନତୀକରଣର ପ୍ରସ୍ତାବିତ ଡିଜାଇନ୍ ଓ ମାଷ୍ଟରପ୍ଲାନ୍‌ର ସମୀକ୍ଷା କରାଯାଇଛି। ଇନ୍ଦ୍ରଦ୍ୟୁମ୍ନ ଓ ନୃସିଂହ ମନ୍ଦିରର ଉନ୍ନତୀକରଣ ନେଇ ମଧ୍ୟ ଆଲୋଚନା କରାଯାଇଛି। ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରକଳ୍ପ ସାଂସ୍କୃତିକ ସବ୍‌କମିଟି ଏବଂ ପ୍ରକଳ୍ପ ବୈଷୟିକ ସବ୍‌କମିଟି ଯୁଗ୍ମ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବୈଠକର ଆଲୋଚନା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବୈଠକରେ ଶ୍ରୀମନ୍ଦିର ଭିତର ପାର୍ଶ୍ୱରେ ସମସ୍ତ ଲୁହା ବାଡ଼କୁ ଅପସାରଣ କରି ପିତଳ ବାଡ଼ କରିବାକୁ ନିଷ୍ପତ୍ତି ହୋଇଛି। ପୂର୍ବରୁ ଏହି ପଦକ୍ଷେପ ସ୍ୱରୂପ ମା' ବିମଳା ଓ ମା' ମହାଲକ୍ଷ୍ମୀଙ୍କ ମନ୍ଦିର ପାର୍ଶ୍ୱ, ବେହରଣ ଦ୍ୱାର ପାଖରେ ଲୁହାବାଡ଼ ହଟାଇ ପିତଳବାଡ଼ ଲଗାଯାଇସାରିଛି। ଏଏସ୍‌ଆଇ ପକ୍ଷରୁ ଶ୍ରୀମନ୍ଦିର ଐତିହ୍ୟ ଆଲୋକୀକରଣ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ଆସିଥିବା ବେଳେ ଏହାକୁ ସବ୍‌କମିଟି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ଦିର, ଜଗମୋହନ, ଗର୍ଭଗୃହ, ନାଟମଣ୍ଡପ ଓ ଭୋଗ ମଣ୍ଡପକୁ ଛାଡ଼ି ଆନନ୍ଦ ବଜାର, ପାର୍ଶ୍ୱବର୍ତ୍ତୀ ମନ୍ଦିର, ମେଘନାଦ ପାଚେରି, କୂର୍ମ ବେଢ଼ାକୁ ଆଧୁନିକ ଢଙ୍ଗରେ ଆଲୋକୀକରଣ କରିବାକୁ ନିଷ୍ପତ୍ତି ହୋଇଛି। ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ପାଇଁ ସମ୍ପୃକ୍ତ ସେବାୟତ ନିଯୋଗ ସହ ଆଲୋଚନା କରି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ନୀଳାଦ୍ରି ଭକ୍ତ ନିବାସ ପଛ ପାର୍ଶ୍ୱରେ ସଜଡ଼ା ହେଉଥିବା ଜମିରେ ନୂଆ ଭକ୍ତ ନିବାସ ସ୍ଥାପନ ପାଇଁ ପ୍ରସ୍ତାବ ଅଣାଯାଇଥିଲା। ତାକୁ ସବ୍‌କମିଟି ଅନୁମୋଦ କରିଛି। ଅବଢ଼ା ଯୋଜନାରେ ଏହାକୁ କରିବା ପାଇଁ ପ୍ରସ୍ତାବ ରଖାଯାଇଛି।

**ଶ୍ରୀମନ୍ଦିର ଭିତରୁ ହଟିବ ଲୁହାବାଡ଼, ଲାଗିବ ପିତଳ**

**ଶ୍ରୀମନ୍ଦିରର ଆଲୋକୀକରଣ ଡିପିଆର୍‌କୁ ଗ୍ରହଣ କଲା ସବ୍‌କମିଟି**

**ନିର୍ମିତ ହେବ ଶ୍ରୀମନ୍ଦିର ଅନ୍ନକ୍ଷେତ୍ର, ହୋମ-ନାମ ଯଜ୍ଞ ପ୍ରକଳ୍ପ**

**ଗଜପତିଙ୍କ ଅଧ୍ୟକ୍ଷତାରେ ଦୁଇ ସବ୍‌କମିଟି ବୈଠକ**

ଏଥିସହ ନିର୍ମିତ ହେବ ଶ୍ରୀମନ୍ଦିର ଅନ୍ନକ୍ଷେତ୍ର। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବାହାରେ ଉତ୍ତରପାର୍ଶ୍ୱରେ ଏହା ସ୍ଥାପନ ହେବ। ଏଥିସହ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ପାର୍ଶ୍ୱରେ ୭୫ ମିଟର ପରିଧି ବାହାରେ ହୋମ ଯଜ୍ଞ ପ୍ରକଳ୍ପ ଏବଂ ଶ୍ରୀମନ୍ଦିର ନାମଯଜ୍ଞ ପ୍ରକଳ୍ପ ନିର୍ମିତ ହେବ। ଏ ଦିଗରେ ବିସ୍ତୃତ ଆଲୋଚନା ହେବ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ରକ୍ଷଣାବେକ୍ଷଣ ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି।

ଏହି ଅବସରରେ ଶ୍ରୀଜଗନ୍ନାଥ ବଲ୍ଲଭ ପ୍ରମୋଦ ଉଦ୍ୟାନର ଉନ୍ନତୀକରଣ, ପ୍ରସ୍ତାବିତ ପ୍ରମୋଦ ଉଦ୍ୟାନ ପ୍ରକଳ୍ପର ଡିଜାଇନ ଓ ମାଷ୍ଟର ପ୍ଲାନର ସମୀକ୍ଷା କରାଯାଇଥିଲା। ଭୂମି ଓ ଅନଧିକାର ପ୍ରବେଶ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ଶ୍ରୀମାର୍ଗର ଉନ୍ନତୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ଶ୍ରୀଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ରର ରକ୍ଷଣାବେକ୍ଷଣ ସମ୍ପର୍କରେ ଆଲୋଚନା ହୋଇଛି। ମାଟିତୋଟାରେ ଥିବା ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳର ଡିଜାଇନ୍ ଓ ମାଷ୍ଟର ପ୍ଲାନର ସମୀକ୍ଷା କରାଯାଇଛି। ଏଠାରେ ଭୂମି ଓ ଅନଧିକାର ପ୍ରବେଶ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ପ୍ରସ୍ତାବିତ ଶ୍ରୀମନ୍ଦିର ଅଭ୍ୟର୍ଥନା କେନ୍ଦ୍ରର ଡିଜାଇନ୍ ଓ ମାଷ୍ଟର ପ୍ଲାନ୍‌ର ସମୀକ୍ଷା କରାଯାଇଛି। ଏମାର ମଠଠାରେ ପ୍ରସ୍ତାବିତ ଶ୍ରୀମନ୍ଦିର ସାଂସ୍କୃତିକ କେନ୍ଦ୍ର ଏବଂ ରଘୁନନ୍ଦନ ପାଠାଗାର ଡିଜାଇନ ଓ ମାଷ୍ଟର ପ୍ଲାନ୍‌ର ସମୀକ୍ଷା କରାଯାଇଛି। ନରେନ୍ଦ୍ର ମହଲା ଓ ବାଗେଡ଼ିଆ ଧର୍ମଶାଳା ପରିସରରେ ପ୍ରସ୍ତାବିତ ଶ୍ରୀମନ୍ଦିର ନୂତନ କାର୍ଯ୍ୟାଳୟ ନିର୍ମାଣର ଡିଜାଇନ ଓ ମାଷ୍ଟର ପ୍ଲାନର ସମୀକ୍ଷା କରାଯାଇଛି। ହରଚଣ୍ଡୀ ସାହିସ୍ଥିତ ପ୍ରସ୍ତାବିତ ଶ୍ରୀମନ୍ଦିର ସେବକ ବାସଗୃହ ପ୍ରକଳ୍ପର ଡିଜାଇନ ଓ ମାଷ୍ଟର ପ୍ଲାନର ସମୀକ୍ଷା କରାଯାଇଛି। ଏଠାରେ ମଧ୍ୟ ଭୂମି ଓ ଅନଧିକାର ପ୍ରବେଶ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ବୈଠକରେ ଡ. ଗିରୀଶ ଚନ୍ଦ୍ର ମୁର୍ମୁ, ଶ୍ରୀମନ୍ଦିର ଉପମୁଖ୍ୟପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସମେତ ଅନ୍ୟ ଅଧିକାରୀ ଓ ଓବିସିସି ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭାରତୀୟମାନେ କେବେ ବି ନିଜକୁ ଅପମାନିତ ହେବା ପାଇଁ ଦେବେନାହିଁ: ପୁଟିନ

**ନୂଆଦିଲ୍ଲୀ:** ମସ୍କୋ ସହ ଘନିଷ୍ଠ ବାଣିଜ୍ୟ ସମ୍ପର୍କ ନେଇ ଆମେରିକା ଭାରତ ଉପରେ ଚାପ ବୃଦ୍ଧି କରୁଥିବା ବେଳେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଥିବା ତାଙ୍କର ଦୃଢ଼ ସମର୍ଥନକୁ ଦୋହରାଇଛନ୍ତି। ପୁଟିନ ଭାରତ-ରୁଷ ସମ୍ପର୍କର ରଣନୈତିକ ଗଭୀରତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରାଷ୍ଟ୍ରପତି ଟ୍ରମ୍ପ ସମ୍ପ୍ରତି ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରିପ୍ରେକ୍ଷୀରେ ପୁଟିନ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ନିଜ ଦେଶ ବିଷୟରେ ଚିନ୍ତା କରୁଥିବା ଜଣେ ଜ୍ଞାନୀ ନେତା ଏବଂ ଭାରତର ସ୍ୱାର୍ଥକୁ ନେଇ ସେ କୌଣସି ପାଶ୍ଚାତ୍ୟ ଚାପ ଆଗରେ ନଇଁବେନାହିଁ। ସେ ଉଲ୍ଲେଖ କରିଛନ୍ତି ଯେ ଭାରତ ଯେ କୌଣସି ସ୍ଥିତିରେ ବି ସମାନ କ୍ଷତି ସହିବ ଏବଂ ରୁଷୀୟ ତୈଳ ପରିତ୍ୟାଗ କଲେ ଏହା ବାର୍ଷିକ ୯-୧୦ ବିଲିୟନ ଡଲାର ହରାଇବାର ଆଶଙ୍କା ରହିଛି। ଆମେରିକାର ପ୍ରତିବନ୍ଧକକୁ ଅବମାନନା କରିବା ଦ୍ୱାରା ସମାନ ଆର୍ଥିକ କ୍ଷତି ଉପୁଜିବ। ପୁଟିନ କହିଛନ୍ତି, ଭାରତୀୟ ଲୋକମାନେ କେବେବି କାହା ଦ୍ୱାରା ନିଜକୁ ଅପମାନିତ ହେବାକୁ ଦେବେ ନାହିଁ। ମୁଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜାଣେ। ସେ ମଧ୍ୟ ଏପରି କୌଣସି ନିଷ୍ପତ୍ତି ନେବେ ନାହିଁ। ପୁଟିନ ଦକ୍ଷିଣ ରୁଷ୍‌ରେ ଅନ୍ତର୍ଜାତୀୟ ଭାଲ୍‌ଡାଇ ଆଲୋଚନା ମଞ୍ଚରେ ଏହି ଟିପ୍ପଣୀ ଦେଇଛନ୍ତି। ପୁଟିନ କହିଛନ୍ତି, ଆମେରିକାର ଦଣ୍ଡାତ୍ମକ ଶୁଳ୍କ ଯୋଗୁଁ ଭାରତ ଯେଉଁ କ୍ଷତିର ସମ୍ମୁଖୀନ ହେଉଛି ତାହା ରୁଷ୍‌ରୁ ଅଶୋଧିତ ତୈଳ ଆମଦାନୀ ଦ୍ୱାରା ସନ୍ତୁଳିତ ହେବ। ରୁଷ୍ ରାଷ୍ଟ୍ରପତି ଏହା ମଧ୍ୟ କହିଛନ୍ତି ଯେ ଭାରତ ସହ ସନ୍ତୁଳିତ ବ୍ୟାପାର ଉପରେ ମଧ୍ୟ ରୁଷ୍ ଧ୍ୟାନ ଦେଉଛି।

## ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ହମାସର ଘୋଷଣା

**ୱାସିଂଟନ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗାଜା ପ୍ରସ୍ତାବକୁ ମାନିବା ପାଇଁ ଆତଙ୍କବାଦୀ ସଂଗଠନ ହମାସ ରାଜି ହୋଇଛି। ଜୀବିତ କିମ୍ବା ମୃତ ସମସ୍ତ ଇସ୍ରାଏଲୀ ବନ୍ଦୀଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ଆମେ ପ୍ରସ୍ତୁତ ବୋଲି ଆଜି ହମାସ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଏ ବାବଦରେ ତୁରନ୍ତ ମଧ୍ୟସ୍ଥତା ଆଲୋଚନା ଆରମ୍ଭ କରିବାକୁ ମଧ୍ୟ ହମାସ ସଙ୍କେତ ଦେଇଛି। ସୂଚନାଯୋଗ୍ୟ, ପଣବନ୍ଦୀ ମାମଲାରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଆଜି ହମାସକୁ ଚରମବାଣୀ ଶୁଣାଇଥିଲେ। ହମାସକୁ କଡ଼ା ଚେତାବନୀ ଦେଇ ଟ୍ରମ୍ପ କହିଥିଲେ ଯେ ହମାସ ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ଶାନ୍ତି ଚୁକ୍ତି ଗ୍ରହଣ କରିବାକୁ ହେବ, ନଚେତ ଏହା ଅତି ଭୟଙ୍କର ପରିଣାମ ଭୋଗିବ। ଟ୍ରମ୍ପ ହମାସକୁ ପଣବନ୍ଦୀମାନଙ୍କୁ ତୁରନ୍ତ ମୁକ୍ତ କରିବାପାଇଁ କହିଥିଲେ ଏବଂ ଏହା ଉଲ୍ଲଂଘନ ହେଲେ ହମାସକୁ ଅତି ଭୟାନକ ନର୍କର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଚେତାବନୀ ଦେଇଥିଲେ। ଏହାର କିଛି ଘଣ୍ଟା ପରେ ହମାସ ସମସ୍ତ ପଣବନ୍ଦୀଙ୍କୁ ଛାଡ଼ିବା ପାଇଁ ଘୋଷଣା କରିଛି। ଉଲ୍ଲେଖଯୋଗ୍ୟ, ଦୀର୍ଘ ୨ ବର୍ଷର ଗାଜା ଯୁଦ୍ଧ ଶେଷ କରିବାପାଇଁ ଟ୍ରମ୍ପ ଏକ ୨୦ ସୂତ୍ରୀ ଶାନ୍ତି ପ୍ରସ୍ତାବ ଆଣିଥିବାବେଳେ ଏଥିରେ ଉଭୟ ହମାସ ଏବଂ ଇସ୍ରାଏଲ ରାଜି ହେବାପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି।

# ପାକିସ୍ତାନର ଦମନକାରୀ ଆଭିମୁଖ୍ୟର ପରିଣାମ: ଭାରତ

**ନୂଆଦିଲ୍ଲୀ :** ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ପାକିସ୍ତାନ ସରକାର ବିରୋଧରେ ଦେଖାଦେଇଥିବା ବିଶାଳ ଆନ୍ଦୋଳନ ଏବଂ ହିଂସା ଘଟଣା ଓ ଏଥିରେ ୧୨ରୁ ଅଧିକ ଲୋକଙ୍କ ମୃତ୍ୟୁ ହେବାପରେ ଭାରତ ଆଜି ଉକ୍ତ ପ୍ରସଙ୍ଗରେ ଟିପ୍ପଣୀ ରଖିଛି। ଭାରତ ପିଓକେରେ ହୋଇଥିବା ବିଶାଳ ପ୍ରତିବାଦକୁ 'ପାକିସ୍ତାନର ଦମନମୂଳକ ଆଭିମୁଖ୍ୟ ଏବଂ ଏହି

**ପିଓକେ ଆନ୍ଦୋଳନ**

ଅଞ୍ଚଳଗୁଡ଼ିକରୁ ସମ୍ବଳର ପଦ୍ଧତିଗତ ଲୁଟ୍‌ପାଟର ସ୍ୱାଭାବିକ ପରିଣାମ' ବୋଲି କହିଛି। ନୂଆଦିଲ୍ଲୀରେ ଏକ ସାପ୍ତାହିକ ଗଣମାଧ୍ୟମ ବିବୃତିରେ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ନୂଆଦିଲ୍ଲୀ ପାକ୍ ଅଧୀକୃତ କାଶ୍ମୀରର ବିଭିନ୍ନ ସ୍ଥାନରେ ଚାଲିଥିବା ପ୍ରତିବାଦ ସଂକ୍ରାନ୍ତରେ ଅବଗତ, ଯେଉଁଥିରେ ସ୍ଥାନୀୟ ଲୋକଙ୍କ ଉପରେ ପାକିସ୍ତାନୀ ସେନା ଦ୍ୱାରା



କରାଯାଉଥିବା ବର୍ବରତା ମଧ୍ୟ ଅନ୍ତର୍ଭୁକ୍ତ। ଜୟସ୍ୱାଲ କହିଛନ୍ତି,'ଆମେ ପାକ୍ ଅଧିକୃତ କାଶ୍ମୀରର ଅନେକ ଅଞ୍ଚଳରେ ପ୍ରତିବାଦ ସମ୍ପର୍କରେ ରିପୋର୍ଟ ଦେଖିଛୁ, ଯେଉଁଥିରେ ନିରୀହ ନାଗରିକଙ୍କ ଉପରେ ପାକିସ୍ତାନୀ ସେନାର ବର୍ବରତା ମଧ୍ୟ ସାମିଲ ଅଛି। ଆମେ ବିଶ୍ୱାସ କରୁଛୁ ଯେ ଏହା ପାକିସ୍ତାନର ଦମନମୂଳକ ଆଭିମୁଖ୍ୟ ଏବଂ ଏହି ଅଞ୍ଚଳଗୁଡ଼ିକରୁ ସମ୍ପଦର ପଦ୍ଧତିଗତ ଲୁଣ୍ଠନର ଏକ ସ୍ୱାଭାବିକ ପରିଣାମ, ଯାହା ଏହାର ବଳପୂର୍ବକ ଏବଂ ଅବୈଧ ଦଖଲ ଅଧୀନରେ ରହିଛି। ପାକିସ୍ତାନକୁ ଏହାର ଭୟଙ୍କର ମାନବାଧିକାର ଉଲ୍ଲଂଘନ ପାଇଁ ଦାୟୀ କରାଯିବା ଉଚିତ ବୋଲି ସେ କହିଛନ୍ତି।

ଏମ୍‌ଇଏ ମୁଖପାତ୍ର ଜୋର୍ ଦେଇ କହିଛନ୍ତି, ଲଦାଖ ସହିତ ଜମ୍ମୁ ଓ କାଶ୍ମୀର ସର୍ବଦା ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ। ପିଓକେରେ ସାର୍ବଜନୀନ ସୁବିଧା ପାଇଁ ମିଳିତ ଆୱାମୀ କାର୍ଯ୍ୟ କମିଟି (ଜେଏଏସି) ଦ୍ୱାରା ଡାକରା ଦିଆଯାଇଥିବା ବନ୍ଦ ସମୟରେ ହିଂସାତ୍ମକ ସଂଘର୍ଷ ଯୋଗୁ ପୁଲିସ କର୍ମଚାରୀଙ୍କ ସମେତ ଅନେକ ଲୋକ ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି। ପିଓକେରେ ବନ୍ଦ ଯୋଗୁଁ ବ୍ୟବସାୟ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ବନ୍ଦ ରହିଛି ଏବଂ ଏହି ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି ଯେ ସଂଘର୍ଷରେ ୧୭୨ ଜଣ ପୁଲିସ କର୍ମଚାରୀ ଏବଂ ୫୦ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି।

## ହମାସ ହେପାଜତରେ ଥିବା ଏକମାତ୍ର ହିନ୍ଦୁ ନେପାଳୀ ଛାତ୍ରଙ୍କ ମୃତ୍ୟୁ



**ନୂଆଦିଲ୍ଲୀ,:** ୨୩ ବର୍ଷୀୟ ନେପାଳୀ ଛାତ୍ର ତଥା ହମାସ ଦ୍ୱାରା ବନ୍ଧକ ଥିବା ଏକମାତ୍ର ହିନ୍ଦୁ ବିପିନ ଯୋଶୀ ଦୁଇ ବର୍ଷରୁ ଅଧିକ ସମୟ ପରେ ମୃତ୍ୟୁବରଣ କରିଥିବା ନିଶ୍ଚିତ ହୋଇଛି। ଆମେରିକାର ମଧ୍ୟସ୍ଥତାରେ ମଧ୍ୟପ୍ରାଚ୍ୟରେ ହୋଇଥିବା ଅସ୍ତ୍ରବିରତି ଯୋଗୁଁ ହମାସ ଦ୍ୱାରା ୨୦ ଜଣ ଜୀବିତ ବନ୍ଧକଙ୍କୁ ମୁକ୍ତ କରାଯିବା ପରେ ଏହି ଘୋଷଣା କରାଯାଇଛି। ଆକ୍ରମଣର କିଛି ଦିନ ପୂର୍ବରୁ ଯୋଶୀ ଇସ୍ରାଏଲ ଯାଇଥିଲେ,'ଶିଖନ୍ତୁ ଓ ଅର୍ଜନ କରନ୍ତୁ' କୃଷି କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ସେ ଗାଜା ସୀମା ନିକଟସ୍ଥ କିବୁଜ୍ ଆଲୁମିମଠାରେ ୧୬ ଜଣ ସହକର୍ମୀ ନେପାଳୀ ଛାତ୍ରଙ୍କ ସହ କାର୍ଯ୍ୟ କରିଥିଲେ। ହମାସ ଆତଙ୍କବାଦୀମାନେ ସେମାନଙ୍କର ବଡ଼ ଧରଣର ଆକ୍ରମଣ ଆରମ୍ଭ କରିବାର କିଛି ମୁହୂର୍ତ୍ତ ପରେ ଯୋଶୀ ଆଶ୍ରୟସ୍ଥଳକୁ ଫିଙ୍ଗାଯାଇଥିବା ଏକ ଗ୍ରେନେଡକୁ ପାଲଟା ହମାସ ଆତଙ୍କବାଦୀଙ୍କ ଉପରକୁ ପକାଇ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଥିଲେ, ଯଦିଓ ତାଙ୍କର ୧୦ ଜଣ ସାଥୀ ନିହତ ହୋଇଥିଲେ ଓ ତାଙ୍କ ସହ ଅନେକ ଛାତ୍ରଙ୍କୁ ଅପହରଣ କରି ନିଆଯାଇ ବନ୍ଧକ ରଖାଯାଇଥିଲା। ଏକ ଭିଡିଓ ସାମ୍ନାକୁ ଆସିଥିଲା ଯେଉଁଥିରେ ଯୋଶୀଙ୍କୁ ଅପହରଣର କିଛି ସପ୍ତାହ ପରେ ଜୀବିତ ଦେଖାଯାଇଥିଲା। ପଣବନ୍ଦୀଙ୍କ ମୁକ୍ତି ପରେ ଏହି ଆଶା ମଉଳି ଯାଇଛି। ହମାସର ସାମରିକ ଶାଖା କାସମ୍ ବ୍ରିଗେଡ୍ ନିଶ୍ଚିତ କରିଛି ଯେ, ଚାରିଜଣ ପଣବନ୍ଦୀଙ୍କ ମୃତଦେହ ଇସ୍ରାଏଲକୁ ଫେରାଇ ଦିଆଯିବ।



# ଇସ୍ରାଏଲ-ହମାସ ଯୁଦ୍ଧବିରତିକୁ ଝଟ୍‌କା

## ଗାଜାରେ ପୁଣି ହିଂସା, ୬ ପାଲେଷ୍ଟାଇନ ନାଗରିକ ନିହତ

**ଗାଜା:** ଇସ୍ରାଏଲ ଓ ହମାସ ମଧ୍ୟରେ ଆମେରିକା ମଧ୍ୟସ୍ଥତାରେ ଯୁଦ୍ଧବିରତି ଆରମ୍ଭ ହେବାର ମାତ୍ର ଦିନକ ପରେ ଗାଜାରେ ନୂଆ ହିଂସା ଦେଖାଦେଇଛି। ଏହି ଯୁଦ୍ଧବିରତି ଦୀର୍ଘ ଦୁଇ ବର୍ଷର ସଂଘର୍ଷକୁ ଶେଷ କରିବା ଲାଗି ଉଦ୍ଦିଷ୍ଟ ଥିବା ବେଳେ ପୁଣି ସାନି ହିଂସା ଚିନ୍ତା ବଢ଼ାଇଛି। ଆଜି କିଛି ବ୍ୟକ୍ତି ଇସ୍ରାଏଲ ସେନା ଉପରେ ଯୋଜନାବଦ୍ଧ ଆକ୍ରମଣ ଉଦ୍ୟମ କରିଥିଲେ ଏବଂ ଏହା ପରେ ସେନା ୨ଟି ସ୍ଥାନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏଥିରେ ୬ ଜଣ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି।

ଇସ୍ରାଏଲ ସେନା କହିଛି ଯେ ଉତ୍ତର ଗାଜାରେ କିଛି ସନ୍ଦିଗ୍ଧ ବ୍ୟକ୍ତି ହଠାତ ଗୁଳିମାଡ଼ ଆରମ୍ଭ କରିଥିଲେ ଏବଂ ଏହା ସେନା ପାଇଁ ବିପଦ ସୃଷ୍ଟି କରିବାରୁ ତୁରନ୍ତ ଜବାବ ଦିଆଯାଇଥିଲା। ଅନ୍ୟପକ୍ଷରେ, ଗାଜାର ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ କହିଛନ୍ତି ଯେ ଇସ୍ରାଏଲୀ ସେନା ଦୁଇଟି ପୃଥକ ଘଟଣାରେ ଗାଜାରେ ଅତି କମରେ ୬ ଜଣ ନାଗରିକଙ୍କୁ ବିନା ଉତ୍ତେଜନାରେ ହତ୍ୟା କରିଛି। ଏହି ଘଟଣା ସମ୍ପର୍କରେ ଅଧିକ ତଥ୍ୟ କିମ୍ବା ମୃତକମାନଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଯୁଦ୍ଧବିରତିକୁ ଏକ ଐତିହାସିକ ସଫଳତା ଭାବେ ଘୋଷଣା କରି ଗତକାଲି କହିଥିଲେ, 'ଦୁଇ ବର୍ଷର ଯୁଦ୍ଧ ଯାହା ପଶ୍ଚିମ ଏସିଆକୁ ଅସ୍ଥିର କରିଥିଲା, ତାହାର ଅନ୍ତ ଘଟିଛି।' କିନ୍ତୁ ଏହି ନୂଆ ହିଂସା ଯୁଦ୍ଧବିରତିର ସ୍ଥାୟୀତ୍ୱ ଉପରେ ପ୍ରଶ୍ନ ଉଠାଇଛି। ଉଭୟ ପକ୍ଷ ଚୁକ୍ତି ଉଲ୍ଲଂଘନ କରୁଥିବା କେତେକ ମାନବାଧିକାର ଗୋଷ୍ଠୀ ଅଭିଯୋଗ କରିଛନ୍ତି। ଆଜିର ଘଟଣା ଗାଜାରେ ଶାନ୍ତି ସ୍ଥାପନ ଏକ ଜଟିଳ ପ୍ରକ୍ରିୟା ବୋଲି ପୁଣିଥରେ ପ୍ରମାଣିତ କରିଛି।

## ଗଛରେ ବନ୍ଧା ଲକ୍ଷ୍ୟକୁ ଭେଦିଲେ ଉପମୁଖ୍ୟମନ୍ତ୍ରୀ

**ପାଟଣାଗଡ଼:** ପାଟଣାଗଡ଼ରେ ବିଜୟା ଦଶମୀ ଅବସରରେ ରାଜ ପରିବାରର ପରମ୍ପରା ଅନୁଯାୟୀ ରାଜଖମାରଠାରେ ଲାଖବିନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୃକ୍ଷରେ ବନ୍ଧାଯାଇଥିବା ତିନିଟି ବସ୍ତୁକୁ ଲକ୍ଷ୍ୟ କରି ବନ୍ଧୁକ ଫୁଟାଇଥିଲେ ପାଟଣା ରାଜା ତଥା ଓଡ଼ିଶାର



ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ପରମ୍ପରା ଅନୁଯାୟୀ, ରାଜ୍ୟର ପ୍ରଜା ସ୍ଥାନୀୟ ରାଜାଙ୍କ ଦ୍ୱାରା କେତେ ସୁରକ୍ଷିତ ତାର ପ୍ରମାଣ ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଶ୍ରୀ ସିଂହଦେଓ କହିଥିଲେ। କାର୍ଯ୍ୟକ୍ରମରେ ବହୁ ଲୋକଙ୍କ ସମାଗମ ହୋଇଥିଲା।

# 'ସାର୍ କ୍ରିକ୍'ରେ ଭିତ୍ତିଭୂମି ବଢ଼ାଉଛି ପାକିସ୍ତାନ

## ରାଜନାଥ ସିଂହଙ୍କ ଚେତାବନୀ: କରାଚୀକୁ ରାସ୍ତା ଏଠାରୁ ଯାଇଛି

**ନୂଆଦିଲ୍ଲୀ:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୁରୁବାର ଚେତାବନୀ ଦେଇ କହିଛନ୍ତି ଯେ, ସାର୍ କ୍ରିକ୍ ସେକ୍ଟରରେ ପାକିସ୍ତାନର କୌଣସି ଦୁଃସାହସିକ କାର୍ଯ୍ୟ ଏକ ନିର୍ଣ୍ଣାୟକ ପ୍ରତିକ୍ରିୟାକୁ ଆମନ୍ତ୍ରଣ କରିବ ଏବଂ ଏହାର ଜବାବ ଏତେ ଶକ୍ତିଶାଳୀ ହେବ ଯେ ଏହା ଉଭୟ ଇତିହାସ ଓ ଭୌଗୋଳିକ ପରିବର୍ତ୍ତନ କରିପାରେ। ରାଜନାଥ କହିଛନ୍ତି, ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ ଭାରତ ଅନେକ ଉଦ୍ୟମ କରିଛି, କିନ୍ତୁ ପାକିସ୍ତାନର ମନ୍ଦ ଉଦ୍ଦେଶ୍ୟ ରହିଛି। ସାର୍ କ୍ରିକ୍ ନିକଟରେ ଏହାର ସାମରିକ ଭିତ୍ତିଭୂମିର ସମ୍ପ୍ରସାରଣ ଏହି ଉଦ୍ଦେଶ୍ୟକୁ ପ୍ରକାଶ କରେ।

### ସାର୍ କ୍ରିକ୍ କ'ଣ ?

ସାର୍ କ୍ରିକ୍ ହେଉଛି ଗୁଜରାଟର ଭାରତ-ପାକିସ୍ତାନ ସୀମାରେ ଜନଶୂନ୍ୟ ସନ୍ତସନ୍ତିଆ ଅଞ୍ଚଳରେ ଅବସ୍ଥିତ ଏକ ୯୬ କିଲୋମିଟର ଲମ୍ବା ଜୁଆର ମୁହାଣ। ଏହି ସଫାଇ ନାଳ ଆରବ ସାଗରରେ ପ୍ରବାହିତ ହୋଇ ଭାରତର ଗୁଜରାଟ ରାଜ୍ୟକୁ ପାକିସ୍ତାନର ସିନ୍ଧ୍ ପ୍ରଦେଶରୁ ପୃଥକ୍ କରିଥାଏ।

### ବିବାଦ କ'ଣ ?

ପାକିସ୍ତାନ ଓ ଭାରତ ମଧ୍ୟରେ ସାମୁଦ୍ରିକ ସୀମାରେଖାର ବ୍ୟାଖ୍ୟାରେ ଏହି ବିବାଦ ରହିଛି। ୧୯୪୭ ମସିହାରେ ସ୍ୱାଧୀନତା ପରେ ସିନ୍ଧ୍ ପାକିସ୍ତାନର ଏକ ଅଂଶ




ହୋଇଥିବା ବେଳେ ଗୁଜରାଟ ଭାରତର ଏକ ଅଂଶ ହୋଇ ରହିଲା। ୧୯୬୮ ମସିହାରେ ଏକ ଅନ୍ତର୍ଜାତୀୟ ଟ୍ରିବ୍ୟୁନାଲ କଚ୍ଛ ସୀମା ବିବାଦର ଅଧିକାଂଶ ସମାଧାନ କରିଥିଲେ, କିନ୍ତୁ ଏକାଧିକ ରାଉଣ୍ଡ ଆଲୋଚନା ସତ୍ତ୍ୱେ ସାର୍ କ୍ରିକ୍ ଅସମାହିତ ରହିଥିଲା। ଭାରତ ପ୍ରଥମେ ସାମୁଦ୍ରିକ ସୀମା ନିର୍ଦ୍ଧାରଣ କରିବାକୁ ଚାହୁଁଥିବା ବେଳେ ପାକିସ୍ତାନ ଏହା ପୂର୍ବରୁ ବିବାଦର ସମାଧାନ ହେବା ଆବଶ୍ୟକ ବୋଲି କହିଛି। ୧୯୧୪ ମସିହାର ଏକ ସଂକଳ୍ପନାମାକୁ ଦର୍ଶାଇ ପାକିସ୍ତାନ ଦାବି କରିଛି ଯେ ସମଗ୍ର ସଫାଇ ନାଳ ସିନ୍ଧ୍‌ର। ଭାରତ ଏହାର ସ୍ଥିତିକୁ ସମର୍ଥନ କରିବା ପାଇଁ ୧୯୨୫ ମାନଚିତ୍ର ଏବଂ ମଧ୍ୟ-ଚ୍ୟାନେଲ ସ୍ତମ୍ଭକୁ ଦର୍ଶାଇଛି।

### ଅର୍ଥନୈତିକ ମୂଲ୍ୟ

ସାର୍ କ୍ରିକ୍‌ର ସାମରିକ ମୂଲ୍ୟ କମ୍ କିନ୍ତୁ ବହୁତ ଅର୍ଥନୈତିକ ଗୁରୁତ୍ୱ ରହିଛି। ଏହି ଅଞ୍ଚଳରେ ତୈଳ ଓ ଗ୍ୟାସ ଭଣ୍ଡାର ଥିବା ବିଶ୍ୱାସ କରାଯାଏ ଏବଂ କ୍ରିକ୍ ଉପରେ ନିୟନ୍ତ୍ରଣ ସାମୁଦ୍ରିକ ସୀମା, ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଇଇଜେଡ୍) ଏବଂ ମହାଦେଶୀୟ ଥାକର ସୀମା ନିର୍ଦ୍ଧାରଣ ଉପରେ ପ୍ରଭାବ ପକାଇଥାଏ। ଏହି ବିବାଦ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ପ୍ରଭାବିତ କରେ, ଯେଉଁମାନେ ପ୍ରାୟତଃ ଅଜାଣତରେ ଅନ୍ୟ ଦେଶର ଜଳରାଶି ଅତିକ୍ରମ କରନ୍ତି ଓ ଗିରଫ ହୁଅନ୍ତି। ଯଦିଓ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ସର୍ବନିମ୍ନ ଦଣ୍ଡବିଧାନ କରିବାକୁ କୁହାଯାଇଛି, ତଥାପି ଉଭୟ ଭାରତ ଓ ପାକିସ୍ତାନ ମତ୍ସ୍ୟଜୀବୀମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖନ୍ତି, ଯାହାଫଳରେ ଜୀବିକା ନଷ୍ଟ ହୋଇଥାଏ। ଅନ୍ୟ ଏକ କାରଣ ହେଉଛି ପାକିସ୍ତାନର ଏଲ୍‌ବିଓଡି କେନାଲ, ଯାହା ସାର୍ କ୍ରିକ୍ ଭିତରକୁ ଲୁଣିଆ ଓ ଶିଳ୍ପ ଜଳ ନିଷ୍କାସନ କରେ। ଭାରତ ଏହାକୁ ସିନ୍ଧୁ ଜଳ ଚୁକ୍ତିର ଉଲ୍ଲଂଘନ ଭାବରେ ଦେଖୁଛି।

ଦଶହରା ଅବସରରେ ଗୁଜରାଟର ଭୁଜରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସିଂହ ଅଭିଯୋଗ କରିଛନ୍ତି ଯେ, ସାର୍ କ୍ରିକ୍ ବିଷୟରେ ପାକିସ୍ତାନ ମନ୍ଦ ଉଦ୍ଦେଶ୍ୟ ରଖିଛି। ସାର୍ କ୍ରିକ୍ ସଂଲଗ୍ନ ଅଞ୍ଚଳରେ ପାକିସ୍ତାନ ଯେଉଁଭଳି ଭାବରେ ଏହାର ସାମରିକ ଭିତ୍ତିଭୂମି ବିସ୍ତାର କରିଛି ତାହା ଏହାର ଉଦ୍ଦେଶ୍ୟକୁ ପ୍ରକାଶ କରୁଛି। କିନ୍ତୁ ଏହା କିଛି ଦୁଃସାହସିକ ପଦକ୍ଷେପ ନେଲେ ସାଂଘାତିକ ପରିଣାମ ଭୋଗିବ ବୋଲି ରାଜନାଥ କହିଛନ୍ତି। ସେ କହିଛନ୍ତି, କରାଚୀକୁ ଯିବାର ଗୋଟିଏ ରାସ୍ତା ସାର୍ କ୍ରିକ୍ ଦେଇ ଯାଇଛି।




# ଦମ୍ ଦେଖାଇଲେ ଶେଫାଳି, ଦୀପ୍ତି


ଦୀପ୍ତି ଶର୍ମା: ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି


ଶେଫାଳି ବର୍ମା: ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଭାରତ ପ୍ରଥମ ଥର ବିଜେତା ହୋଇ ଐତିହାସିକ ସଫଳତା ପାଇଛି। ଶେଫାଳି ବର୍ମା ଓ ଦୀପ୍ତି ଶର୍ମା ନିଜ ନିଜ ଅଲ୍‌ରାଉଣ୍ଡ ସଫଳତାରେ ସମସ୍ତଙ୍କ ହୃଦୟ ଜିତିଛନ୍ତି। ରବିବାରର ଏହି ପ୍ରତୀକ୍ଷିତ ଟ୍ରଫି ଟକ୍କରରେ ପ୍ରଥମ ଥର ଫାଇନାଲ୍ ଖେଳୁଥିବା ଦକ୍ଷିଣ ଆଫ୍ରିକା ଟସ୍ ଜିତି ପଶ୍ଚାତ୍‌ଧାବନ କରିବାକୁ ପସନ୍ଦ କରିଥିଲା। ଅନ୍ୟପକ୍ଷରେ ଘରୋଇ ଭାରତ ଟସ୍ ହାରିଥିଲେ ମଧ୍ୟ ସ୍ଥାନୀୟ ଡି ୱାଇ ପାଟିଲ ଷ୍ଟାଡିୟମ୍‌ରେ ଦୃଢ଼ ମୂଳଦୁଆ ପକାଇ ଆତ୍ମବିଶ୍ୱାସ ବଢ଼ାଇଥିଲା। ସ୍ମୃତି ମନ୍ଧାନା (୫୮ ବଲ୍‌ରୁ ୪୫ ରନ୍) ଓ ଶେଫାଳି ବର୍ମା (୭୮ ବଲ୍‌ରୁ ୮୭ ରନ୍) ପ୍ରଥମ ୱିକେଟ୍‌ରେ ୧୦୪ ରନ୍‌ର ଭାଗୀଦାର ଗଢ଼ିବା ଦର୍ଶକଙ୍କୁ ବି ଉଲ୍ଲସିତ କରିଥିଲା। ମନ୍ଧାନାଙ୍କୁ ଶିକାର କରି ଦକ୍ଷିଣ ଆଫ୍ରିକାର ବାମହାତୀ ସ୍ପିନର କ୍ଲୋଏ ଟ୍ରାୟନ ଏହି ଯୋଡ଼ିକୁ ଅଲଗା କରିବା ଘରୋଇ ଦଳ ଉପରେ ଚାପ ସୃଷ୍ଟି ହୋଇଥିଲା। ଶେଫାଳି ମଧ୍ୟ ରନ୍ ଗତି ବଢ଼ାଇବା ଲୋଭରେ ଶତକର ୧୩ ରନ୍ ପୂର୍ବରୁ ନିଜ ୱିକେଟ୍ ହରାଇ ବସିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ୍‌ର ଶତକ ହାସଲକାରୀ ଜେମିମା ରଡ୍ରିଗ୍ସ (୨୪) ଏବଂ ଅଧିନାୟିକା ହରମନ୍‌ପ୍ରୀତ୍ କୌର (୨୦) ଭଲ ଆରମ୍ଭକୁ ବଡ଼ ସ୍କୋର୍‌ରେ ରୂପାନ୍ତର କରିପାରିନଥିଲା। ଅମନଜ୍ୟୋତ କୌର (୧୨) ବିଫଳ ହେବା ଦକ୍ଷିଣ ଆଫ୍ରିକାକୁ ଫେରିବା ସୁଯୋଗ ଦେଇଥିଲା। ଦୀପ୍ତି ଶର୍ମା (୫୮ ବଲ୍‌ରୁ ୫୮ ରନ୍) ଧୈର୍ଯ୍ୟପୂର୍ଣ୍ଣ ଏବଂ ରିଚା ଘୋଷ (୨୪ ବଲ୍‌ରୁ ୩୪ ରନ୍) ଆକ୍ରମଣାତ୍ମକ ଖେଳ ଭାରତର ସ୍ଥିତିକୁ ସୁଦୃଢ଼ କରିଥିଲା। ଦୀପ୍ତି ୫୩ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିବା ସହ ରିଚା ଦ୍ରୁତ ଗତିରେ ଏହି ଦିଗରେ ଅଗ୍ରସର ହୋଇଥିଲେ। ତେବେ ଶେଫାଳି ଓ ଜେମିକାଙ୍କୁ ଆଉଟ୍ କରିଥିବା ପ୍ରତିପକ୍ଷ ଦ୍ରୁତ ବୋଲର ଆୟାବଙ୍ଗା ଖାକା ୪୯ତମ ଓଭରରେ ରିଚାଙ୍କୁ ପ୍ୟାଭିଲିୟନ ଫେରାଇବାରୁ ଭାରତ ୩୦୦ ରନ୍ ଛୁଇଁପାରି ନଥିଲା। ଦକ୍ଷିଣ ଆଫ୍ରିକା ବୋଲରମାନେ ଶେଷ ୧୦ ଓଭରରେ ମାତ୍ର ୬୯ ରନ୍ ବ୍ୟୟ କରି ଭାରତକୁ ୨୯୮/୭ରେ ଅଟକାଇ ଦେଇଥିଲେ। ଶେଷ ୱିକେଟ୍ ଭାବେ ଦୀପ୍ତି ଅନ୍ତିମ ବଲ୍‌ରେ ରନ୍‌ଆଉଟ୍ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର୍: ଭାରତ ୫୦ ଓଭରରେ ୨୯୮/୭** (ଶେଫାଳି ବର୍ମା-୮୭, ଦୀପ୍ତି ଶର୍ମା-୫୮, ସ୍ମୃତି ମନ୍ଧାନା-୪୫, ରିଚା ଘୋଷ-୩୪, ଜେମିମା ରଡ୍ରିଗ୍ସ-୨୪, ହରମନ୍‌ପ୍ରୀତ୍ କୌର-୨୦, ଆୟାବଙ୍ଗା ଖାକା-୩/୫୮, ନନକୁଲୁଲେକୋ ମଲାବା-୧/୪୭, ନାଦିନ ଡି' କ୍ଲାର୍କ-୧/୫୨)। **ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬/୧୦** (ଲୌରା ଓଲ୍‌ଭର୍ଟ-୧୦୧, ଆନେରି ଡର୍କସେନ୍-୩୫, ସୁନେ ଲୁସ-୨୫, ଦୀପ୍ତି ଶର୍ମା-୫/୩୯, ଶେଫାଳି ବର୍ମା-୨/୩୬, ଶ୍ରୀ ଚରଣୀ-୧/୪୮)।

# ଅର୍ଶଦୀପ, ୱାସିଂଟନ୍ ଚମକ

## ଭାରତ ୧, ଅଷ୍ଟ୍ରେଲିଆ ୧

ଅଭିଷେକ ଶର୍ମା, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ ଓ ଅକ୍ଷର ପଟେଲ ଭଲ ଆରମ୍ଭ ପାଇଲେ। ହେଲେ ଏହାକୁ ବଡ଼ ସ୍କୋର୍‌ରେ ରୂପାନ୍ତର କରିବା ପୂର୍ବରୁ ନିଜ ନିଜ ୱିକେଟ୍ ଫିଙ୍ଗିଦେଇଥିଲେ। ଏଥିରେ ଆଦୌ ବିଚଳିତ ନହୋଇ ହୋବର୍ଟରେ ୨୩ ବଲ୍‌ରୁ ୪୯* ରନ୍‌ର ଧୂଆଁଧାର ପାଳି ଖେଳିଲେ ୱାସିଂଟନ୍ ସୁନ୍ଦର। ମାତ୍ର ଗୋଟିଏ ରନ୍ ପାଇଁ ସ୍ମରଣୀୟ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ଜିତେଶ ଶର୍ମାଙ୍କ ସହ ମିଶି ଭାରତକୁ ୫ ୱିକେଟ୍‌ରେ ବିଜୟୀ କରାଇଲେ। ତା' ସହିତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାକୁ ବରାବର (୧-୧) ସ୍ଥିତିକୁ ନେଇ ଆସିଲେ। ୬ ତାରିଖର ଚତୁର୍ଥ ମୁକାବିଲା ଗୋଲ୍ଡ କୋଷ୍ଟ୍‌ରେ ଖେଳାଯିବ।

ରବିବାର ୱାସିଂଟନ୍ ଅଲରାଉଣ୍ଡର୍ ଭାବେ ଦଳରେ ଥିଲେ ମଧ୍ୟ ଗୋଟିଏ ବି ଓଭର ବୋଲିଂ ପାଇନଥିଲେ। ସେ ନିଜ ଦାୟିତ୍ୱବାନ ଓ ଦ୍ରୁତ ବ୍ୟାଟିଂରେ ଏହାର ଭରଣା କରିଥିଲେ। ଭାରତ ୧୧୧ ରନ୍‌ରେ ୪ ୱିକେଟ୍ ହରାଇ ସଂଘର୍ଷ କରୁଥିଲା ବେଳେ କ୍ରିଜ୍‌କୁ ଆସିଥିଲେ ସେ। ଦ୍ୱିତୀୟ ବଲ୍‌ରୁ ଏକ ସୁନ୍ଦର ଛକା ଅମଳ କରି ନିଜ ଅଭିମୁଖ୍ୟ କିନ୍ତୁ ସ୍ପଷ୍ଟ କରି ଦେଇଥିଲେ। ମାତ୍ର ୩୪ ରନ୍ ପରେ ଚମତ୍କାର ଫର୍ମରେ ଥିବା ତିଳକ ବର୍ମା ବି ତାଙ୍କୁ ଛାଡ଼ି ଦେଇଥିଲେ। ଶୃଙ୍ଖଳାରେ ପ୍ରଥମ ଥର ସୁଯୋଗ ପାଇଥିବା ଜିତେଶ ଶର୍ମାଙ୍କ ସହ ଅବିଭାଜିତ ଷଷ୍ଠ ୱିକେଟ୍‌ରେ ମାତ୍ର ୨୫ ବଲ୍‌ରୁ ୪୩ ରନ୍ ଯୋଡ଼ି ଭାରତକୁ ୯ ବଲ୍ ପୂର୍ବରୁ ବିଜୟୀ କରାଇଥିଲେ ୱାସିଂଟନ୍। ଜିତେଶ ୨୦୨୪ ଜାନୁଆରି ପରେ ପ୍ରଥମ ଟ୍ୱେଣ୍ଟି-୨୦ ଖେଳୁଥିଲେ ମଧ୍ୟ ତାଙ୍କ ଆତ୍ମବିଶ୍ୱାସରେ କାଣିଚାଏ ପ୍ରଭାବ ଥିଲା ଭଳି ମନେ ହୋଇ ନଥିଲା। ଅଷ୍ଟ୍ରେଲିଆ ୧୮୭ ରନ୍‌ର ବିଜୟ ଲକ୍ଷ୍ୟ ଦେବା ପରେ ଭାରତ ୧୮.୩ ଓଭରରେ ୧୮୮/୫ କରି ଶେଷରେ ଏକପ୍ରକାର ସହଜ ବିଜୟ ହାସଲ କରିଥିଲା। ତା' ସହିତ ହୋବର୍ଟ ପଡ଼ିଆରେ ସର୍ବୋଚ୍ଚ ସଫଳ ପଶ୍ଚାତଧାବନ ବିଜୟ ପାଇବାର ରେକର୍ଡ ବି କରିଥିଲା ଟିମ୍ ଇଣ୍ଡିଆ।

ଏହା ପୂର୍ବରୁ ନିଜ ପ୍ରଥମ ସ୍ପେଲ୍‌ରେ ଦୁଇଟି ଏବଂ ଦ୍ୱିତୀୟରେ ଗୋଟିଏ ୱିକେଟ୍ ନେଇ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂହ ଅଷ୍ଟ୍ରେଲିଆକୁ ବଡ଼ ସ୍କୋର କରିବାକୁ ଦେଇ ନଥିଲେ। ଅର୍ଶଦୀପଙ୍କ ଶାଣିତ ବୋଲିଂ ପାଇଁ ୧୪ ରନ୍‌ରେ ୨ ୱିକେଟ୍ ହରାଇ ସଂଘର୍ଷ କରୁଥିବା କଙ୍ଗାରୁ ଦଳ ପାଇଁ ଟିମ୍ ଡେଭିଡ୍ (୩୮ରୁ ୭୪ ରନ୍) ବିସ୍ଫୋରକ ପାଳି ଖେଳିଥିଲେ। ଅଲରାଉଣ୍ଡର୍ ମାର୍କସ ଷ୍ଟୋଇନିସ୍ (୩୯ରୁ ୬୪) ଓ ମାଥ୍ୟୁ ସର୍ଟ (୧୫ ବଲ୍‌ରୁ ୨୬* ରନ୍) ମଧ୍ୟ ଦ୍ରୁତ ଖେଳିଥିଲେ। ତଥାପି ଏକଦା ୨୦୦ ରନ୍ ଟପିବାର ସମ୍ଭାବନା ସୃଷ୍ଟି କରିଥିବା ଅଷ୍ଟ୍ରେଲିଆକୁ ୧୮୬/୬ରେ ଅଟକାଇ ଦେଇଥିଲା ଭାରତୀୟ ବୋଲିଂ ବାହିନୀ। ଅର୍ଶଦୀପ ତାଙ୍କ ମ୍ୟାଚ୍ ବିଜୟୀ ବୋଲିଂ ପାଇଁ ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଥିଲେ।

**ସଂକ୍ଷିପ୍ତ ସ୍କୋର: ଅଷ୍ଟ୍ରେଲିଆ ୨୦ ଓଭରରେ ୧୮୬/୬** (ଟିମ୍ ଡେଭିଡ୍-୭୪, ମାର୍କସ ଷ୍ଟୋଇନିସ୍-୬୪*, ମାଥ୍ୟୁ ସଟ୍-୨୬*, ଅର୍ଶଦୀପ ସିଂହ-୩/୩୫, ବରୁଣ ଚକ୍ରବର୍ତ୍ତୀ-୨/୩୩)। **ଭାରତ ୧୮.୩ ଓଭରରେ ୧୮୮/୫** (ୱାସିଂଟନ୍ ସୁନ୍ଦର-୪୯*, ତିଳକ ବର୍ମା-୨୯, ଅଭିଷେକ ଶର୍ମା-୨୫, ସୂର୍ଯ୍ୟକୁମାର ଯାଦବ-୨୪, ଜିତେଶ ଶର୍ମା-୨୨*, ନାଥନ ଏଲିସ୍-୩/୩୬, ମାର୍କସ ଷ୍ଟୋଇନିସ୍-୧/୨୨, ଜାଭିୟର ବାର୍ଟଲେଟ୍-୧/୩୦)।

# ପନ୍ତ ଦକ୍ଷିଣ ଆଫ୍ରିକା 'ଏ'କୁ ହରାଇଲେ

ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ପ୍ରଥମ ଅନୌପଚାରିକ ଟେଷ୍ଟ୍‌କୁ ଭାରତୀୟ 'ଏ' ଦଳ ୩ ୱିକେଟ୍‌ରେ ଜିତି ନେଇଛି। ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ୍ ଶୃଙ୍ଖଳାରେ ଭାରତ ୧-୦ରେ ଆଗୁଆ ହୋଇଛି। ୨୭୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭାରତ ୭ ୱିକେଟ୍ ହରାଇ ଚତୁର୍ଥ ତଥା ଶେଷ ଦିନରେ ହାସଲ କରିଛି। ଆହତରୁ ମୁକୁଳି ଫେରିଥିବା ପନ୍ତ ୯୦ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ପରେ ବଦୋନୀ (୩୪) ଆଉଟ୍ ହେବାରୁ ଦଳ ୧୯୫/୬ରେ ସଂଘର୍ଷ କରିଥିଲା। ତେବେ ଅଷ୍ଟମ ୱିକେଟ୍‌ରେ ଅଂଶୁଲ କମ୍ବୋଜ (୩୭*) ଓ ମାନବ ସୂତାର (୨୦*) ଅପରାଜିତ ୮୬ ବଲ୍‌ରୁ ୬୨ ରନ୍‌ର ଭାଗୀଦାର ଗଢ଼ି ବିଜୟ ମୁଣ୍ଡି ମାରିଥିଲେ। ମ୍ୟାଚ୍‌ରେ ମୋଟ ୮ ୱିକେଟ୍ (୪/୮୩, ୪/୨୬) ଏବଂ ଦ୍ୱିତୀୟ ପାଳିରେ ଉପଯୋଗୀ ୨୩ ରନ୍ କରିଥିବା ତନୁଷ କୋଟିଆନ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଭୟ ଦଳ ମଧ୍ୟରେ ଦ୍ୱିତୀୟ ଟେଷ୍ଟ୍ ୬ ତାରିଖରୁ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର୍**: ଦକ୍ଷିଣ ଆଫ୍ରିକା 'ଏ': ୩୦୯ ଓ ୧୯୯। ଭାରତ 'ଏ' ୨୩୪ ଓ ୨୭୭/୭ (ଋଷଭ ପନ୍ତ-୯୦, ଅଂଶୁଲ କମ୍ବୋଜ-୩୭*, ଆୟୁଷ ବଦୋନୀ-୩୪, ରଜତ ପଟିଦାର-୨୮, ମୋରେକି-୨/୧୨, ଭୁରେନ-୩/୫୬)।

# ପ୍ରମୋଦଙ୍କୁ ସ୍ୱର୍ଣ୍ଣ

ଇଣ୍ଡୋନେସିଆ ପାରା ବ୍ୟାଡ଼ମିଣ୍ଟନ୍ ପ୍ରତିଯୋଗିତାରେ ଓଡ଼ିଶାର ପ୍ରମୋଦ ଭଗତ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ଦୀପ ରଞ୍ଜନ ବିଶୋୟୀ ଗୋଟିଏ କାଂସ୍ୟ ପାଇଛନ୍ତି। ଏସ୍‌ଏଲ୍-୩, ୪ ପୁରୁଷ ଯୁଗଳ ଫାଇନାଲ୍‌ରେ ପ୍ରମୋଦ ଓ ତାଙ୍କ ଭାରତୀୟ ସାଥୀ ସୁକାନ୍ତ କଦମ ୨୧-୧୫, ୨୧-୧୨ରେ ସ୍ଥାନୀୟ ଯୋଡ଼ି ଦ୍ୱିୟୋକୋ ଓ ସେତିଆୱାନ୍‌ଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ପାଇଥିଲେ। ଏସ୍‌ଏଲ୍‌୩ ଓ ଏସ୍‌ୟୁ୫ ମିଶ୍ରିତ ଯୁଗଳ ସେମିଫାଇନାଲ୍‌ରେ ପ୍ରମୋଦ ଓ ମନୀଷା ରାମଦାସ କଡ଼ା ସଂଘର୍ଷ କରି ଶୀର୍ଷ ମାନ୍ୟତାପ୍ରାପ୍ତ ଇଣ୍ଡୋନେସିଆ ଯୋଡ଼ି ସେତିଆୱାନ୍ ଓ ସାଦିୟାଙ୍କଠୁ ହାରି କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ। ଅନ୍ୟ ଏକ ଭାରତୀୟ ପୁରୁଷ ଯୁଗଳ ଯୋଡ଼ି ଦୀପ ଓ ମନୋଜ ସରକାର କାଂସ୍ୟ ପାଇଥିଲେ।

# ଚତୁର୍ଥ ପରାଜୟ ସହ ଓଡ଼ିଶା ବିଦା

ରାୟପୁରରେ ଚାଲିଥିବା ଜାତୀୟ ୧୯ବର୍ଷରୁ କମ୍ ମହିଳା ଟ୍ୱେଣ୍ଟି-୨୦ର ରବିବାର ମ୍ୟାଚ୍‌ରେ ଓଡ଼ିଶା ୩୮ ରନ୍‌ରେ ମଧ୍ୟପ୍ରଦେଶଠାରୁ ପରାସ୍ତ ହୋଇଛି। ଏହି ପରାଜୟ ସହ ଓଡ଼ିଶା ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ମଧ୍ୟପ୍ରଦେଶ ୪ ୱିକେଟ୍ ହରାଇ ୧୩୧ ରନ୍ କରିଥିଲା। ତମନ୍ନା ଚୌଧୁରୀ ୪୦ ରନ୍ କରିଥିଲେ। ଓଡ଼ିଶାର ବିଜୟଲକ୍ଷ୍ମୀ ବେହେରାଙ୍କୁ ୨ ୱିକେଟ ନେଇଥିଲେ। ଜବାବରେ ଓଡ଼ିଶା ୧୯.୪ ଓଭରରେ ୯୩ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଆଞ୍ଜେଲ ରାଜ ୨୦ ରନ୍ କରିଥିଲେ। ଓଡ଼ିଶା ୫ ମ୍ୟାଚ୍‌ରୁ ଗୋଟିଏ ବିଜୟ ସହ ପଞ୍ଚମ ସ୍ଥାନରେ ରହିଥିଲା।

# ପୁରୀ ଜିଲ୍ଲା ସ୍କୁଲ୍" ହକି ଗ୍ରାସ୍ ରୁଟ୍ ସେଣ୍ଟର୍"ରେ ହକି ଶତବାର୍ଷିକୀ ପାଳନ

**ପୁରୀ:** ଭାରତରେ ସର୍ବ ପ୍ରଥମେ ୧୯୨୫ ମସିହାରେ ହକି ଖେଳ ଆରମ୍ଭ ହୋଇଥିଲା । ଏଥି ମଧ୍ୟରେ ୧୦୦ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ଭାରତ ସମଗ୍ର ବିଶ୍ୱରେ ଅନେକ ଥର ଚାମ୍ପିଅନ ହେବା ସହ ଆଜି ମଧ୍ୟ ଏହି ଖେଳରେ ଦିଗ୍ ବିଜୟୀ ଯୋଦ୍ଧା ରୂପେ ନିଜର ଆଧିପତ୍ୟ ଜାରି ରଖିଛି । ଏହି ଅବସରରେ ପୁରୀ ଜିଲ୍ଲା ସ୍କୁଲ୍ ର ହକି ଖେଳାଳୀ ମାନେ ବାଳକ ଓ ବାଳିକା ଉଭୟ ବିଭାଗରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଆୟୋଜନ କରି ଉକ୍ତ ଶତବାର୍ଷିକୀ ଦିବସକୁ ମହାସମାରୋହରେ ପାଳନ କରିଛନ୍ତି । ଏଥିରେ ପୁରୀ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଅଧିକାରୀ ଶ୍ରୀ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ାବିତ୍ ମାନେ ନିଜର ଅଧ୍ୟବସାୟ ଜାରି ରଖିଲେ ନିଶ୍ଚିତ ଭାବେ ସଫଳତା ପାଇ ପାରିବେ ଓ ଦେଶ ତଥା ରାଜ୍ୟର ସମ୍ମାନ ଅକ୍ଷୁର୍ଣ୍ଣ ରଖିପାରିବେ ବୋଲି ସେମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଚନ୍ଦନ କୁମାର ସାହୁ ଯୋଗ ଦେଇ କ୍ରୀଡ଼ାବିତ୍ ମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ କ୍ରୀଡ଼ା କ୍ଷେତ୍ରରେ ଯଥା ସମ୍ଭବ ସାହାଯ୍ୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିକ୍ଷକ ଶ୍ରୀ ବିଦ୍ୟାଧର ମିଶ୍ର ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ନିଜ ବକ୍ତବ୍ୟ ଦ୍ୱାରା ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ବିଶ୍ୱଜିତ୍ ବାନାର୍ଜୀ ଏଥିରେ ଅଧ୍ୟକ୍ଷତା କରିବା ସହ ବିଦ୍ୟାଳୟ ସବୁକ୍ଷେତ୍ରରେ ଖେଳାଳୀ ମାନଙ୍କୁ ସହଯୋଗ ପ୍ରଦାନ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇ କ୍ରୀଡ଼ାବିତ୍ ମାନଙ୍କର ମନୋବଳ ବଢ଼ାଇଥିଲେ ।ଅତିଥି ମାନେ କ୍ରୀଡ଼ାବିତ୍ ମାନଙ୍କୁ ଚାମ୍ପିଅନ ଓ ରନର୍ସପ୍ ଟ୍ରଫି ପ୍ରଦାନ କରିବା ସହ ଉଭୟ ବାଳକ ଓ ବାଳିକା ବିଭାଗର ଖେଳାଳୀଙ୍କୁ ମ୍ପାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ମଧ୍ୟ ପ୍ରଦାନ କରିଥିଲେ । ଏହି ମ୍ୟାଚ୍ କୋଚ୍ ଦ୍ୱୟ ଶ୍ରୀ ଗୌ।ଡମ ନାୟକ ଓ ଶ୍ରୀ ରାଜୁ ଗୌ।ଡଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ ସାମଗ୍ରିକ ଭାବେ ଜିଲ୍ଲା ସ୍କୁଲ୍ ର ପ୍ରାକ୍ତନ କ୍ରୀଡା ଶିକ୍ଷକ ଶ୍ରୀ ଗୋପାଳ ଚନ୍ଦ୍ର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା ଓ ସେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।




# 'ସାଂସଦ ଖେଳ ମହୋତ୍ସବ'



**ପୁରୀ:** ପୁରୀ ଜିଲ୍ଲା ସ୍କୁଲରେ ଯୁବ ଶକ୍ତିର ଉତ୍ସବ, ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସାଂସଦ ସଂବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ଭାଜପା ଜିଲ୍ଲା ଅଧ୍ୟକ୍ଷ ଶ୍ରୀ ଦେବେନ୍ଦ୍ର ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

ମାନୀୟତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାରୁ ଆରମ୍ଭ ହୋଇଥିବା ଏହି ଖେଳ ମହୋତ୍ସବ ଆମ୍ଭ ଯୁବ ସମାଜ ପାଇଁ କେବଳ ଏକ ଖେଳ ପ୍ରତିଯୋଗୀତା ନୁହେଁ ବରଂ ଏହା ଉର୍ଜ୍ଜା ଓ ଉତ୍ସାହର ଏକ ଉତ୍ସବ ଅଟେ ବୋଲି ଶ୍ରୀ ପାତ୍ର କହିଥିଲେ। ଏହି ଉତ୍ସବରେ ପୁରୀ ଲୋକସଭା କ୍ଷେତ୍ରର ହଜାର ହଜାର ପ୍ରତିଭାଶାଳୀ ଖେଳାଳୀମାନେ ନିଜ ଦକ୍ଷତା ପ୍ରଦର୍ଶନ କରିବା ସୁଯୋଗ ପାଇଥିଲେ। ଉତ୍ସବରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ସାଂସଦ ଡା ପାତ୍ର ସମ୍ବୋଧନ କରିବା ସହିତ ଅଭିନନ୍ଦନ ଜଣାଇଥିଲେ।




Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty